R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୦୨
ତିଥି : ପ୍ରତିପଦ
୦୩ ଅକ୍ଟୋବର ୨୦୨୪, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore




### ଇସ୍ରାଏଲ ଉପରେ ଇରାନର ଆକ୍ରମଣକୁ ନେଇ ମଧ୍ୟପ୍ରାଚ୍ୟରେ ଅସ୍ଥିରତା

# ଆଉଏକ ମହାଯୁଦ୍ଧ!

ନୂଆଦିଲ୍ଲୀ, ୨।୧୦ : ଇସ୍ରାଏଲ ଉପରେ ଇରାନର ଆକ୍ରମଣ ପରେ ଏବେ ମଧ୍ୟପ୍ରାଚ୍ୟରେ ଅଶାନ୍ତ ପରିବେଶ ସୃଷ୍ଟି ହୋଇଛି । ଇରାନର ୨୦୦ କ୍ଷେପଣାସ୍ତ୍ର ମାଡରେ ଏବେ ସମଗ୍ର ବିଶ୍ୱରେ ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା ଦେଖାଦେଇଛି । ଏହାକୁ ନେଇ ଏବେ ସୋସିଆଲମିଡିଆରେ ଚର୍ଚ୍ଚା ଓ ଟ୍ରେଣ୍ଡ ଜୋର ଧରିଛି । ଇରାନର ମିଶାଇଲ ଆକ୍ରମଣ ପରେ ଦେଶର ନାଗରିକମାନେ ସୁରକ୍ଷିତ ଆଶ୍ରୟସ୍ଥଳ ଖୋଜୁଛନ୍ତି । ଇରାନ କହିଛି ଯେ ଏହି ଆକ୍ରମଣ ପାଇଁ ଇସ୍ରାଏଲ ଦାୟୀ । କମାଣ୍ଡର ଓ ଅନ୍ୟ ନେତାମାନଙ୍କୁ ମାରିବା ପରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି ।



ଇସ୍ରାଏଲ ସେନା ପକ୍ଷରୁ ମଧ ଅଲ୍କ୍ଲିୟର ନାରା ଦିଆଯାଉଛି । ତେବେ ଇସ୍ରାଏଲମାନଙ୍କୁ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାପାଇଁ ସେମାନେ ମୁକ୍ତ ବୋଲି କୁହାଯାଇଛି । ଇରାନ ଉପରେ ଆମେ ଖୁବ୍‌ଶୀଘ୍ର ପ୍ରତିଶୋଧ ନେବୁ । ସ୍ଥାନ ଓ ସମୟ ଆମେ ଠିକ୍ କରିବୁ । ତେବେ ଇତି ମଧ୍ୟରେ ଇସ୍ରାଏଲର ବୈଦେଶିକ ମନ୍ତ୍ରୀ ଜାତିସଂଘର ମହାସଚିବ ଆଣ୍ଟିନୋ ଗଟର୍ସଙ୍କୁ ତାଙ୍କ ଦେଶକୁ ଯିବାପାଇଁ

**ଜାତିସଂଘ ମହାସଚିବଙ୍କୁ ଇସ୍ରାଏଲ ବାରଣ**

**ଭାରତରେ ଥିବା ଇସ୍ରାଏଲ ଦୂତାବାସରେ ସୁରକ୍ଷା କଡ଼ା**

**ପରିସ୍ଥିତି ପାଇଁ ଇସ୍ରାଏଲକୁ ଦାୟୀ କରୁଛି ଇରାନ**

ନିଷିଦ୍ଧ କରିଛନ୍ତି । ଜାତିସଂଘର ଏହି ବିଫଳତା ଲାଗି ସେମାନେ ନିନ୍ଦା କରିଛନ୍ତି ।

ତେବେ ଇରାନର ଇସ୍‌ଲାମିକ୍ ରିଭୋଲ୍ୟୁସ୍‌ନାରୀ ଗାର୍ଡ୍ସ କ୍ରପ୍ସ କମାଣ୍ଡର (୯ ପୃଷ୍ଠାରେ)

## ୪ ସୁଦ୍ଧା ଲଘୁଚାପ

ଭୁବନେଶ୍ୱର, ୨।୧୦ (ସବ୍ୟୁ) : ଦକ୍ଷିଣ-ପୂର୍ବ ବାଂଲାଦେଶ ଓ ନିକଟସ୍ଥ ଅଞ୍ଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଆସନ୍ତା ୪ ତାରିଖ ସୁଦ୍ଧା ଉତ୍ତର ବଙ୍ଗୋପସାଗରରେ ଲଘୁଚାପ ରୂପ ନେଇପାରେ । ଏହା ପ୍ରଭାବରେ ଉତ୍ତର ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି । ତେବେ ବାତ୍ୟା ନେଇ କୌଣସି ଆକଳନ କରାଯାଇ ନାହିଁ ବୋଲି ଆଇଏମଡି ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ।

ଚଳିତବର୍ଷ ଶୀତକୁ ନେଇ ଶ୍ରୀ ମହାପାତ୍ର କହିଛନ୍ତି, ବର୍ତ୍ତମାନ ଏଲନିନୋ ସକ୍ରିୟ ନାହିଁ । ଏବେ ତାପମାତ୍ରା ୦.୫ ଡିଗ୍ରୀ ସେଲସିୟସ୍ ମାଇନସ୍ ରହିଛି । ପ୍ରଶାନ୍ତ ମହାସାଗରରେ ନ୍ୟୁଟ୍ରାଲ୍ ଏଲନିନୋ କଣ୍ଡିସନ୍ ଚାଲିଛି । ତେଣୁ ଆମର ଅନୁମାନ ଅକ୍ଟୋବର ଓ ନଭେମ୍ବର ମାସରେ ଲାନିନା କଣ୍ଡିସନ୍ (୯ ପୃଷ୍ଠାରେ)

### ଦିଲ୍ଲୀ ଗଲେ ମୁଖ୍ୟମନ୍ତ୍ରୀ

## ୫ ବର୍ଷରେ ୫ ଲକ୍ଷ କୋଟି ପୁଞ୍ଜି ଲକ୍ଷ୍ୟ

ଭୁବନେଶ୍ୱର, ୨।୧୦ (ସବ୍ୟୁ) : ରାଜ୍ୟ ଲାଗି ପୁଞ୍ଜି ନିବେଶକୁ ଆକର୍ଷିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠୁ ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି । ଆସନ୍ତା ଜାନୁଆରୀ ୨୮ ଓ ୨୯ରେ ଆରମ୍ଭ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍ ଲାଗି ନିବେଶକାରୀଙ୍କ ଦୃଷ୍ଟି ଓଡ଼ିଶା ଉପରେ ନିବଦ୍ଧ କରିବା ତାଙ୍କର ମୂଳ ଲକ୍ଷ୍ୟ ବୋଲି ସେ ସୂଚନା ଦେଇଛନ୍ତି ।

ଦିଲ୍ଲୀ ଯିବା ପୂର୍ବରୁ ଆଜି ବିମାନ ବନ୍ଦରରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ସମ୍ବୋଧିତ କରିଥିଲେ । ସେ କହିଥିଲେ ଯେ ନିବେଶକଙ୍କ ସହ ସେ ସିଧାସଳଖ ଜଣଜଣ କରି କଥା ହେବେ । ଖାଦ୍ୟ ପ୍ରକ୍ରିୟାକରଣ, ପେଟ୍ରୋ କେମିକାଲ, କେମିକାଲ, ଆଇଟି



କ୍ଷେତ୍ରରେ ଅଧିକ ପୁଞ୍ଜି ନିବେଶ ପାଇଁ ପ୍ରାଥମିକତାର ସହ ବିଭିନ୍ନ ପୁଞ୍ଜିନିବେଶକାରୀଙ୍କ ସହିତ ଆଲୋଚନା କରାଯିବ । ଓଡ଼ିଶାରେ ପୁଞ୍ଜି ଲଗାଣ ତଥା ଶିଳ୍ପ ପ୍ରତିଷ୍ଠା ସମ୍ବନ୍ଧରେ ଥିବା ସକରାତ୍ମକ ଇକୋ ସିଷ୍ଟମ୍ ସମ୍ବନ୍ଧରେ ଅବଗତ କରାଇବି ।

୫ ବର୍ଷରେ ୫ ଲକ୍ଷ କୋଟି ପୁଞ୍ଜି ଆକର୍ଷିତ କରିବା (୯ ପୃଷ୍ଠାରେ)

## ଝିଅ ସାମ୍ନାରେ ମା'ଙ୍କୁ ଗଣବଳାତ୍କାର : ୩ ଗିରଫ

ଭୁବନେଶ୍ୱର, ୨।୧୦ (ସବ୍ୟୁ) : ଝିଅ ସାମ୍ନାରେ ମା'ଙ୍କୁ ଗଣବଳାତ୍କାର କରିଥିବା ୩ ଲୁଟେରାଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ । ଗଣବଳାତ୍କାର ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ଭାବେ କହିଥିଲେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ । ସେ ସାମ୍ବାଦିକଙ୍କୁ ଯାହା କହିଥିଲେ, ତାହା ମଧ ବଳାତ୍କାର ଲୁଟେରା ବର୍ଣ୍ଣନା କରିଛନ୍ତି । ଗିରଫ ତିନିଜଣଙ୍କ ନିକଟରୁ ପୋଲିସ ଛୁରି, କାନଫୁଲ, ମୋବାଇଲ ପ୍ରଭୃତି ଜବତ କରିଛି ।



ଗିରଫ ତିନି ଲୁଟେରା ମୈତ୍ରୀବିହାର ଥାନା ଅନ୍ତର୍ଗତ ମହିଳା ରହୁଥିବା ଆପାର୍ଟମେଣ୍ଟରେ ରହୁଥିଲେ । ଏବେ ସେମାନଙ୍କ ମଧ୍ୟରୁ ଟୁକୁନା ନାୟକ ସେହି ଆପାର୍ଟମେଣ୍ଟରେ ରହୁଛି । ଟୁକୁନା ସହାୟତାରେ ତିନିଜଣ ମିଶି ୨୮ ତାରିଖ ଦିନ ମହିଳାଙ୍କ ଘରୁ ଏକ ମୋବାଇଲ ଲୁଟ୍ କରିବା ସହ ରେକି ମଧ କରିଥିଲେ । ସେମାନେ ସେଠାରେ ରହୁଥିବାରୁ ମହିଳା ଏକୁଟିଆ ରହୁଥିବା ଜାଣି ଲୁଟ୍ ଓ ବଳାତ୍କାର ଯୋଜନା କରିଥିଲେ । ୨୮ ତାରିଖ ଦିନ ମୋବାଇଲ ଲୁଟ୍ ହୋଇଥିବା ବେଳେ ମହିଳା ଭାବିଥିଲେ ବୋଧେ ମୋବାଇଲଟି କେଉଁଠି ସେ ହଜାଇ ଦେଇଛନ୍ତି ବୋଲି । ୩ ଲୁଟେରା ୨୮ ତାରିଖ ଘଟଣା ପରେ ସାହାସର ସହ ୨୯ ତାରିଖ ରାତି ୨ଟାରେ ତାଙ୍କ ଘରେ ପଶିଥିଲେ । ମହିଳା ଜଣକ ତାଙ୍କ କବାଟ ବନ୍ଦ କରୁ କରୁ ପାର୍ଶ୍ୱରେ ଲୁଚି ରହିଥିବା ଲୁଟେରା ହଠାତ୍ କବାଟକୁ ପେଲି ଘର ଭିତରକୁ ପଶିବା ସହ ପଛପଟୁ ବନ୍ଦ କରିଦେଇଥିଲା । ଗିରଫ ବିକାଶ ନାୟକ (୨୬) ଓ ଜଗା ସିଂ (୨୫) ଘର ଭିତରକୁ ପଶିଥିବା ବେଳେ ତାଙ୍କୁ ବାହାରେ ସୁରକ୍ଷା ଦେଇଥିଲା ଟୁକୁନା ନାୟକ (୨୭) । ସେମାନେ ଲୁଟ୍ କରିବାକୁ ଭୁଲିଯାଇ ମହିଳାଙ୍କୁ ବଳାତ୍କାର କରିବା ପାଇଁ ଯୋଜନା ପ୍ରସ୍ତୁତ କରି ତାଙ୍କୁ ଉଲଗ୍ନ କରି ଘର ଚଟାଣରେ ପକାଇ ଦେଇଥିଲେ । ଛୋଟ ଝିଅ କାନ୍ଦିବାରୁ ତାକୁ ବୁଝାଇବାକୁ ମହିଳାଙ୍କୁ ଛୁରି ଦେଖାଇ ବାଧ କରିଥିଲେ । ସେ ଝିଅକୁ ମୋବାଇଲ ଦେବା ପରେ ସେ ଚୁପ୍ ହୋଇଯାଇଥିଲା । ବିକାଶ ଓ ଜଗା ଜଣକ ପରେ ଜଣେ ଦୁଇଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବଳାତ୍କାର କରିଥିବା ବେଳେ ତାଙ୍କୁ ବାହାରେ (୯ ପୃଷ୍ଠାରେ)

## ଦୁଇ ହଜାର କୋଟିର କୋକେନ୍ ଜବତ

ନୂଆଦିଲ୍ଲୀ, ୨।୧୦ : ଦିଲ୍ଲୀ ପୋଲିସ ୫୬୬ କେଜିର ପ୍ରାୟ ୨୦୦୦ କୋଟି ମୂଲ୍ୟର କୋକେନ୍ ଜବତ କରିଛି । ରାଜଧାନୀରେ ଏହା ଏକ ବଡ ଧରଣର ନିଶାଦ୍ରବ୍ୟ ଜବତ । ଦକ୍ଷିଣ ଦିଲ୍ଲୀର ମେହେରାଉଳ ଅଞ୍ଚଳରେ ଏହି ନିଶାଦ୍ରବ୍ୟକୁ ଠାବ କରାଯାଇଥିଲା । ଏହି ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି । ଆଫଗାନସ୍ଥାନର ଜଣେ ନାଗରିକ ଏହି ଡ୍ରଗ୍ସ ସିଣ୍ଡିକେଟ୍ ଚଳାଉଥିଲେ ବୋଲି ପୋଲିସ ସୂଚନା ଦେଇଛି । ଏହି କୋକେନ୍‌କୁ ଦିଲ୍ଲୀ ଓ ଏନ୍‌ସିଆର୍‌ରେ ବିକ୍ରି କରାଯିବ ବୋଲି ଯୋଜନା କରାଯାଇଥିଲା ।



ଏକ ସ୍ୱତନ୍ତ୍ର ସେଲ୍ ଟିମ୍ ପ୍ରାୟ ୨ ମାସ ଧରି ଏହା ଉପରେ କାର୍ଯ୍ୟ କରୁଥିଲେ । ପାର୍ବଣ ଋତୁ ପୂର୍ବରୁ ଏତେ ପରିମାଣର ନିଶାଦ୍ରବ୍ୟ ଜବତ ବେଶ୍ ଆଲୋଡନ ସୃଷ୍ଟି କରିଛି । ଆଫଗାନର ଦୁଇ ନାଗରିକଙ୍କ ଦ୍ୱାରା ଏହି ଡ୍ରଗ୍ସ ଦିନକୁ ପୂର୍ବରୁ ଆସିଥିଲା । ଏମାନଙ୍କୁ ତିଲକନଗରରୁ ଚଢ଼ାଉ କରି ଧରାଯାଇଛି । ପୋଲିସ ୪୦୦ ଗ୍ରାମ୍ ହେରୋଇନ୍, ୧୬୦ ଗ୍ରାମ୍ କୋକେନ୍ ଦୁଇ ଅଭିଯୁକ୍ତ ହାସିମ୍ ମହମ୍ମଦ ୱାରିସ୍ ଓ ଅବ୍‌ଦୁଲ୍ ନାଏବଙ୍କୁ ଠାରୁ ଜବତ କରାଯାଇଛି । (୯ ପୃଷ୍ଠାରେ)




## ଟ୍ରକ-ବସ୍ ମୁହାଁମୁହିଁ, ୨୦ ଗୁରୁତର

କୋରାପୁଟ, ୨।୧୦ (ସବ୍ୟୁ) : କୋରାପୁଟ ଜିଲ୍ଲା ଜାତୀୟ ରାଜପଥ ୩୨୬ ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ଡୁମୁରିପଦର ରାସ୍ତାରେ ବୁଧବାର ସକାଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। କାଠ ବୋଝେଇ ଟ୍ରକ୍ ସହ ବସ୍ ମୁହାମୁହିଁ ଧକ୍କା ହେବାରୁ ୨୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ଆହତଯାତ୍ରୀମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସକାଳେ 'ଏକ ଘରୋଇ ବସ୍ ଜୟପୁରରୁ ଯାତ୍ରୀମାନଙ୍କୁ ନେଇ ରାୟଗଡ଼ା ଅଭିମୁଖେ ଯାଉଥିଲା। ଏହି ସମୟରେ ବିପରୀତ ଦିଗରୁ (୯ ପୃଷ୍ଠାରେ)








# ସଫଳତାର ମନ୍ତ୍ର

ପ୍ରତି ମଣିଷ ନିକଟରେ ଏଭଳି କୌଣସି ନା କୌଣସି ଗୁଣ ଥାଏ ଯେଉଁକାରଣରୁ ଅନେକ ସମୟରେ ସେମାନଙ୍କର ପ୍ରଗତିରେ ବାଧା ଉପୁଜିଥାଏ । ଯଦି ସମୟ ଥାଉ ଥାଉ ଏହାକୁ ସୁଧରା ନଯାଏ ତେବେ ଏହା ଖୁବ ସମସ୍ୟାରେ ପକାଇଥାଏ । ତେଣୁ ପ୍ରଥମରୁ ନିଜର ଖରାପ ଅଭ୍ୟାସ ଉପରେ ଧ୍ୟାନ ଦେବାର ଅଛି । ଯଦି ଜୀବନରେ ସଫଳତା ପାଇବାକୁ ଚାହୁଁଛନ୍ତି ତେବେ ନିଜର ଖରାପ ଗୁଣକୁ ସୁଧାରନ୍ତୁ । ନିଜ ଭିତରେ କଣ ଅଭାବ ରହୁଛି ଖୋଜନ୍ତୁ ଏବଂ ସୁଧାରନ୍ତୁ । ଯାହାଫଳରେ ଆପଣଙ୍କ ସଫଳତାର ମାର୍ଗ ସରଳ ଓ ସହଜ ହୋଇଯିବ ।



* ଅନେକ ସମୟରେ ଅଯଥାରେ ଆପଣଙ୍କ ସହିତ କେହି ନା କେହି ଝଗଡା ଲଗାଇଥାଆନ୍ତି, ସେହି ସବୁ ପରିସ୍ଥିତିରୁ ବଞ୍ଚନ୍ତୁ । ସବୁବେଳେ କୌଣସି ପରିସ୍ଥିତିରେ ପ୍ରତିକ୍ରିୟା ଦେବା ଆଗରୁ ଭାବନ୍ତୁ । ଯଦି କେହି ଅଯଥା ପରିସ୍ଥିତି ସୃଷ୍ଟି କରୁଛନ୍ତି, ସେହିଭଳି ଲୋକଙ୍କ ନିକଟରୁ ଦୂରେଇ ରୁହନ୍ତୁ । ସେମାନଙ୍କ ସହିତ ମିଳାମିଶା କମ କରନ୍ତୁ ।
* ସବୁବେଳେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ପରିସ୍ଥିତି ଯେପରି ବି ହୋଇଥାଉ ଆବେଗରେ ଆସି ଭୁଲ ନିଷ୍ପତ୍ତି ନିଅନ୍ତୁ ନାହିଁ । ନିଜର ପଛ ଅସଫଳତାରୁ ଶିଖି ଏହି ପରିସ୍ଥିତିକୁ ଚତୁରତାର ସହିତ ହ୍ୟାଣ୍ଡେଲ୍ କରନ୍ତୁ ।
* ସବୁବେଳେ ଅନ୍ୟ ଉପରେ ଦୋଷ ଲଦିବା ଅପେକ୍ଷା କିଛି ଭୁଲର ଦାୟିତ୍ୱ ନିଜେ ନିଅନ୍ତୁ । ଯଦି ଭୁଲ ଅଛି ତେବେ ମାନିନେବା ସହିତ କ୍ଷମା ମାଗନ୍ତୁ । ସେହି ଭୁଲକୁ ପରେ ସୁଧାରି ନିଅନ୍ତୁ ।



# ମ୍ୟୁକୋସାଇଟିସ୍

ଏହାଏକ ପ୍ରକାର ସମସ୍ୟା ଯାହା ଆମ ପାଟିରେ ହୋଇଥାଏ । ଏହି ସମସ୍ୟା ହେଲେ ରୋଗୀର ପାଟି ଓ ପାକସ୍ଥଳୀରେ ଥିବା ମ୍ୟୁକସ୍ ମେମ୍ବ୍ରେନ୍ ଫୁଲିବାକୁ ଲାଗିଥାଏ । ଏହା ସାଧାରଣତଃ କ୍ୟାନ୍ସର ପାଇଁ ଚିକିତ୍ସା ହେଉଥିବା ରୋଗୀଙ୍କର ଦେଖିବାକୁ ମିଳିଥାଏ । ଏହା କେମୋଥେରାପିର ପାର୍ଶ୍ୱପ୍ରତିକ୍ରିୟା ହୋଇଥାଏ । ଏହା ହେବାଦ୍ୱାରା ରୋଗୀଙ୍କୁ ଖାଦ୍ୟ ଖାଇବାରେ ଖୁବ ଅସୁବିଧା ହୋଇଥାଏ । ତେବେ ଏହା ଏକ ଅସ୍ଥାୟୀ ରୋଗ ହୋଇଥାଏ ଯାହା କିଛି ଦିନରେ ଭଲ ହୋଇଯାଇଥାଏ । ଏହା ହେବା ଦ୍ୱାରା ଆମ ପାଟିରେ ଅନେକ ପରିବର୍ତ୍ତନ ଘଟିଥାଏ । ପାଟି ଶୁଖିବା, ଲାଲ ପଡିବା, ଫୁଲିବା, ପାଟିରେ ଅଲସର୍ ହେବା, ପାଟିରେ ଧଳା ଧଳା ପ୍ୟାଚ୍ ହେବା, ରକ୍ତ ବାହାରିବା ଆଦି ଲକ୍ଷଣ ଦେଖିବାକୁ ମିଳିଥାଏ । ଏହି କାରଣରୁ କେତେକ ରୋଗୀଙ୍କ କ୍ଷେତ୍ରରେ ବାନ୍ତି, ପେଟରେ ଯନ୍ତ୍ରଣା, ଝାଡାରେ ରକ୍ତ ପଡିବା ଆଦି ସମସ୍ୟା ଦେଖିବାକୁ ମିଳିଥାଏ ।

# ୩ ହଜାର ବର୍ଷର ଚିଜ୍

ଚୀନ୍‌ରେ ଦେଖିବାକୁ ମିଳିଛି ୩୬୦୦ ବର୍ଷର ଚିଜ୍ (ଛେନାର ଏକ ପ୍ରକାର) । ଏହି ଚିଜ୍‌ଟି ଗୋଟିଏ କଫିନ୍ ଭିତରେ ମିଳିଛି, ଯାହା ତିନି ହଜାର ବର୍ଷ ତଳେ ମାଟିତଳେ ପୋତା ଯାଇଥିଲା । ସମ୍ପୃକ୍ତ କଫିନ୍‌ଟି ଜଣେ ଯୁବତୀଙ୍କର ହୋଇଥିବା ଜଣା ପଡିଛି । ୨୦୦୩ରେ ମିଳିଥିବା ଏହି କଫିନ୍‌ର ଚିଜ୍ ଦୁନିଆର ସର୍ବପୁରାତନ ଚିଜ୍ ବୋଲି ବୈଜ୍ଞାନିକ ବର୍ତ୍ତମାନ ଘୋଷଣା କରିଛନ୍ତି । ଚିଜ୍‌ଟି ଖୁବ ଶୁଖିଲା ସହିତ କଠିନ ହୋଇଯାଇଥିବା ଦେଖିବାକୁ ମିଳିଛି । ଚିଜ୍‌ଟି କଫିନ୍‌ରେ ଥିବା ମମିର ନେକଲେସ୍‌ରେ ରହିଥିବା ଜଣା ପଡିଛି । ଏହି କଫିନ୍‌ରେ କେବଳ ଚିଜ୍ ନୁହେଁ ସେହି ମହିଳାଙ୍କର ଜୋତା, ଟୋପି ଭଳି ଅନେକ ସାମଗ୍ରୀ ପୋତା ଯାଇଥିଲା ଯାହା ମିଳିଛି । ସମସ୍ତ ସାମଗ୍ରୀକୁ ଖୁବ ସର୍ତ୍ତକତାର ସହିତ ମାଟିତଳେ ଅର୍ଥାତ ଏକ ମରୁଭୂମିରେ ପୋତା ଯାଇଛି । ଏହି ଚିଜ୍‌କୁ କେଫିର୍ ଶସ୍ୟ ଓ ଗାଈ ଓ ଛେଳିର କ୍ଷୀରକୁ ବ୍ୟବହାର କରି ପ୍ରସ୍ତୁତ କରାଯାଇଛି ।



# ମୃତ୍ୟୁ ପରର ପରିବର୍ତ୍ତନ

ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ପରେ ପ୍ରତିମିନିଟ୍‌ରେ ସେମାଙ୍କ ଅଙ୍ଗ ପ୍ରତ୍ୟେଙ୍ଗରେ ପରିବର୍ତ୍ତନ ଘଟିଥାଏ । ଆମର ମୃତ୍ୟୁପରେ ସବୁଠାରୁ ଆଗ ମରିଥାଏ ଆମ ବ୍ରେନ୍ । କାରଣ ବ୍ରେନ୍‌କୁ ଜୀବିତ ରହିବାକୁ ଅମ୍ଳଜାନର ଆବଶ୍ୟକତା ପଡିଥାଏ ଯାହା ରକ୍ତରୁ ମିଳିଥାଏ । ତେଣୁ ଆମ ହାର୍ଟ ବନ୍ଦ ହେବାର କିଛି ସମୟ ଭିତରେ ଆମର ବ୍ରେନ୍ ମଧ୍ୟ ମରି ଯାଇଥାଏ । ସେହିଭଳି ମୃତ୍ୟୁର ଏକ ଘଣ୍ଟା ମଧ୍ୟରେ ଆମ ତ୍ୱଚାରେ ପରିବର୍ତ୍ତନ ଘଟିଥାଏ । ଏହା ଫିକା ପଡିବା ଆରମ୍ଭ କରିଥାଏ । ସେହିଭଳି ମାଂଶପେଶୀଙ୍କର ନମନୀୟତା ନଷ୍ଟ ହୋଇଯାଇଥାଏ । ଅମ୍ଳଜାନ ଅଭାବରୁ ଲିଭର କାମ କରିବା ବନ୍ଦ ହୋଇଯାଏ କିନ୍ତୁ ସମ୍ପୂର୍ଣ୍ଣ ବନ୍ଦ ହୋଇ ନଥାଏ । ତେଣୁ ଏହାକୁ ସେହି ଏକ ଘଣ୍ଟା ମଧ୍ୟରେ ବାହାର କରି ଟ୍ରାନ୍ସପ୍ଲାଣ୍ଟ ପାଇଁ ସଂରକ୍ଷିତ କରାଯାଇଥାଏ । ଏହାପରେ ମୃତ୍ୟୁର ୨ ରୁ ୬ ଘଣ୍ଟା ମଧ୍ୟରେ ଆମ ଶରୀରରେ ରସାୟନିକ ପରିବର୍ତ୍ତନ ହେବା ଆରମ୍ଭ ହୋଇଥାଏ । ଯାହାଫଳରେ ମାଂସପେଶୀ ଗୁଡିକ ଷ୍ଟିଫ୍ ହେବା ଆରମ୍ଭ କରନ୍ତି । ମୃତ୍ୟୁର ୬ ଘଣ୍ଟା ପରେ ଆମ ଶରୀରରେ ଏକ ଏଞ୍ଜାଇମ୍ ନିର୍ଗତ ହେବା ଆରମ୍ଭ ହୁଏ ଯାହା ଆମ ଶରୀରକୁ ଡିକମ୍ପୋଜ୍ କରିବା ଆରମ୍ଭ କରିଥାଏ । ଏହି ପ୍ରକ୍ରିୟାରେ ଶରୀରର ଟିସ୍ୟୁ ଗୁଡିକ ନଷ୍ଟ ହେବା ଆରମ୍ଭ ହୋଇଥାଏ ।



# ସୋସିଆଲ କୋଟ୍ସ



ଅଭିନୟରେ କ୍ୟାରିୟର ଆଗକୁ ନେବାକୁ ଇଚ୍ଛା ଅଛି, ଫିଲ୍ମ କରିବାକୁ ଚାହୁଁଛି । ହେଲେ ମୋର କିଛି ସର୍ତ୍ତ ରହିଛି, ଫିଲ୍ମରେ ଇଣ୍ଟିମେଟ୍ ସିନ୍ କରିବି ନାହିଁ । କେବଳ ଅଭିନୟ କରିବାକୁ ଇଚ୍ଛା ଅଛି ।
**ମଦାଲସା ଶର୍ମା, ଅଭିନେତ୍ରୀ**



ମୁଁ ସେଟ୍‌ରେ ଅନେକ କିଛି ସହିଛି । ମୋତେ ସେଟ୍‌ରେ ଟର୍ଚର ମଧ୍ୟ କରାଯାଇଛି । ଅନେକ ସମୟରେ ସେଟ୍‌ରେ ମୋ ସହିତ ଖରାପ ବ୍ୟବହାର ମଧ୍ୟ ହୋଇଛି ।
**ଜିୟା ଶଙ୍କର, ଅଭିନେତ୍ରୀ**



ଯେତେବେଳେ ଆଜି କାଲିର ୟଙ୍ଗ ଆକ୍ଟ୍ରେସ୍‌ଙ୍କୁ ଇଣ୍ଟରନ୍ୟାସନାଲ ଇଭେଣ୍ଟରେ ଭାଗନେଉଥିବାର ଦେଖୁଛି, ସେତେବେଳେ ଇର୍ଷା ହେଉଛି । ଆମକୁ ସେତେବେଳେ ଏତେ ଏକ୍ସପୋଜର୍ ମିଳୁନଥିଲା ।
**ନୀନା ଗୁପ୍ତା, ଅଭିନେତ୍ରୀ**



# ଭାରତର ମିନି ମୁନ୍

ନିକଟରେ ଭାରତକୁ ମିଳିଛି ମିନି ମୁନ୍ । ଏହି ମୁନ୍‌ର ନାମ ରହିଛି ୨୦୨୪ ପିଟି ୫, ଯାହାର ବ୍ୟାସ ୧୦ ମିଟର ରହିଛି। ଏହି ଉପଗ୍ରହଟି ପାଖାପାଖି ୫୩ ଦିନ ପର୍ଯ୍ୟନ୍ତ ପୃଥିବୀର କକ୍ଷପଥରେ ରହିବ । ପୃଥିବୀର ଉପଗ୍ରହ ଚନ୍ଦ୍ରଠାରୁ ଏହା୩,୫୦,୦୦୦ ଗୁଣ ଛୋଟ । ତେଣୁ ଏହାକୁ ଦେଖିବାକୁ ଟେଲିସ୍କୋପର ସାହାଯ୍ୟ ନେବାକୁ ହେବ । ଏହି ଉପଗ୍ରହଟି ଏକ ଆଷ୍ଟ୍ରୋଏଡ ଅଟେ ଯାହାକୁ ୭ ଅଗଷ୍ଟରେ ଖୋଜାଯାଇଥିଲା । ଏହା ପୃଥିବୀର କକ୍ଷରେ ନଭେମ୍ବର ୨୫ ପର୍ଯ୍ୟନ୍ତ ରହିବ ବୋଲି ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ ଏହାର ବେଗ ଖୁବ କମ ରହିଛି, ଯେଉଁ କାରଣରୁ ଏହା ପୃଥିବୀର ଗୋଟିଏ ଚକ୍କର ମଧ୍ୟ ପୂରା କରିପାରିବ ନାହିଁ । ଏହା ଆମ ସୋଲାର ସିଷ୍ଟମରେ ଥିବା ଆଷ୍ଟ୍ରୋଏଡ୍‌ସ ସମୂହ ଅର୍ଜୁନ ଆଷ୍ଟ୍ରୋଏଡ୍ ବେଲ୍ଟର ଏକ ଅଂଶ । ୨୫ ନଭେମ୍ବର ପରେ ଏହି ଆଷ୍ଟ୍ରୋଏଡ୍‌ଟି ପୃଥିବୀର ଗ୍ରାଭିଟିରୁ ମୁକ୍ତ ହୋଇ ସୂର୍ଯ୍ୟଙ୍କର କକ୍ଷକୁ ଫେରିଯିବ । ଏହାପୂର୍ବରୁ ୧୯୮୧ରେ ପୃଥିବୀକୁ ୨୦୨୨ଏନ୍‌ଏକ୍ସ୧ ନାମକ ଏକ ମିନି ମୁନ ମିଳିଥିଲା ।



# ଦଲଜିତ୍‌ଙ୍କ ସମସ୍ୟା

ଟିଭିର ପପୁଲାର ଅଭିନେତ୍ରୀ ଦଲଜିତ୍ କୌର ବିଗତ କିଛି ଦିନ ଧରି ନିଜ ପର୍ସନାଲ ଲାଇଫ୍‌କୁ ନେଇ ଚର୍ଚ୍ଚାରେ ରହିଛନ୍ତି । ଗତ ବର୍ଷ ବିବାହ କରିଥିବା ଦଲଜିତ୍ ବର୍ତ୍ତମାନ ଏକା ହୋଇଯାଇଛନ୍ତି । ବିବାହର ମାତ୍ର କିଛି ମାସ ପରେ ହିଁ ଦଲଜିତ୍ ସ୍ୱାମୀ ନିଖିଲଙ୍କୁ ଛାଡି ଭାରତ ଫେରି ଆସିଥିଲେ । ତେବେ ଭାରତ ଆସିବା ପରେ ତାଙ୍କର ସମସ୍ୟା ବଢିଯାଇଛି । ବର୍ତ୍ତମାନ ସେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଭାରତରେ ତାଙ୍କର କୌଣସି ସଠିକ୍ ଠିକଣା ନାହିଁ । ସେ ଏକ ସୁଟ୍‌କେସରେ ଜୀବନ ବିତାଉଥିବା ପ୍ରକାଶ କରିଛନ୍ତି । ଅର୍ଥାତ କୌଣସି ସ୍ଥାୟୀ ଠିକଣା ନଥିବାରୁ ଦଲଜିତ୍ ନିଜ ସୁଟକେଶ ଉଠାଉଛନ୍ତି କେଉଁ ବି ସ୍ଥାନରେ ରହୁଛନ୍ତି । ତେବେ ଏତେ ସମସ୍ୟା ଭିତରେ ବି ସେ ନିଜ ନୂଆ ଜୀବନ ଆରମ୍ଭ କରିବାକୁ ଆଶାବାଦୀ ଅଛନ୍ତି । ନିଜ ପୁଅ ପାଇଁ ସେ ସବୁକିଛି କରିବାକୁ ପ୍ରସ୍ତୁତ ଥିବା କହିଛନ୍ତି । ଏ ସମସ୍ତ ବିଷୟରେ ସେ ନିଜର ନୂଆ ଟ୍ରାଭେଲ୍ ବ୍ଲଗ୍‌ରେ ଫ୍ୟାନଙ୍କ ସହିତ ସେୟାର କରୁଛନ୍ତି । କିଭଳି ପ୍ରେମରେ ପଡିବା ପରେ ଲୋକମାନେ ନିଜର ଆର୍ଥିକ ସ୍ଥିତିକୁ ନଜର ଅନ୍ଦାଜ କରନ୍ତି ଏବଂ ପରେ ହଇରାଣ ହୋଇଥାଆନ୍ତି ସେ ବିଷୟରେ ପ୍ରକାଶ କରିଛନ୍ତି । ଆଗକୁ ସେ ଏଭଳି ଭୁଲ ଜୀବନରେ କେବେ ବି କରିବେ ନାହିଁ ବୋଲି ମଧ୍ୟ କହିଛନ୍ତି ।

# ଇତିହାସ

୧୮୯୦– ଓଡିଶାର ଜଣେ ବିଖ୍ୟାତ୍ ସମାଜସେବୀ ତଥା ଲେଖକ ଲକ୍ଷ୍ମୀ ନାରାୟଣ ସାହୁଙ୍କ ଜନ୍ମ ।
୧୯୨୩– ଭାରତର ପ୍ରଥମ ମହିଳା ସ୍ନାତକ ତଥା ପ୍ରଥମ ମହିଳା ଚିକିତ୍ସକ କାଦମ୍ବିନୀ ଗାଙ୍ଗୁଲିଙ୍କ ପରଲୋକ ।
୧୯୫୩– ପ୍ରସିଦ୍ଧ ନ୍ୟାୟବିତ୍, ଅଧିବକ୍ତା ତଥା ଶିକ୍ଷାଶାସ୍ତ୍ରୀ ଆଲ୍ଲାଦି କ୍ରୀଷ୍ଣାସ୍ୱାମୀ ଆୟରଙ୍କ ଦେହାନ୍ତ ।
୧୯୫୩– ଭାରତର ପୂର୍ବତନ ମୁଖ୍ୟ ବିଚାରପତି ଦୀପକ ମିଶ୍ରାଙ୍କ ଜନ୍ମ ।
୧୯୭୭– ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଭ୍ରଷ୍ଟାଚାର ଅଭିଯୋଗରେ ଗିରଫ କରାଗଲା ।
୧୯୭୮ – କୋଲକାତାରେ ପ୍ରଥମ ଓ ଦ୍ୱିତୀୟ ଟେଷ୍ଟଟ୍ୟୁବ୍ ଶିଶୁର ଜନ୍ମ ।
୧୯୮୪– ଭାରତର ସର୍ବାଧିକ ଦୂରତାବିଶିଷ୍ଟ ଟ୍ରେନ୍ ହିମସାଗର ଏକ୍ସପ୍ରେସ୍ କନ୍ୟାକୁମାରୀରୁ ଜମ୍ମୁ ତାୱି ପାଇଁ ବାହାରିଲା ।
୧୯୯୨– ବିଶ୍ୱ ପ୍ରଫେସନାଲ୍ ବିଲିୟାର୍ଡ୍ସ ଚାମ୍ପିଅନ୍‌ସିପ୍‌ରେ ଗୀତ ସେଠୀ ବିଜୟୀ ।

# ରୁଟି ନୁଡୁଲ୍ସ

**ସମାଗ୍ରୀ–** ଅଟା, ପିଆଜ, ରସୁଣ କଟା, ଗାଜର, କ୍ୟାପସିକମ୍, ପତ୍ର କୋବି କଟା, ଗୋଲମରିଚ ଗୁଣ୍ଡ, ସୋୟା ସସ୍, ଚିଲି ସସ୍, ଭିନେଗାର, ଟମାଟୋ ସସ୍ ।

**ପ୍ରଣାଳୀ–** ପ୍ରଥମେ ଅଟାକୁ ଚକଟି ଛୋଟ ଛୋଟ ରୁଟି ବେଲି ନିଅନ୍ତୁ । ପରେ ଏହାକୁ କଞ୍ଚା ଅବସ୍ଥାରେ ଫୁଟା ପାଣିରେ କିଛି ସମୟ ପକାଇ ଏହା ଅଳ୍ପ ଫୁଲିବା ପରେ ଏହାକୁ କାଢି ନିଅନ୍ତୁ । ଏହାପରେ ଏହାକୁ ଲମ୍ବା ଲମ୍ବା କରି ନୁଡୁଲ୍ସ ଭଳି କାଟି ନିଅନ୍ତୁ । ବର୍ତ୍ତମାନ ପ୍ୟାନରେ ତେଲ ପକାଇ ଏଥିରେ ପୂର୍ବରୁ କାଟି ରଖିଥିବା ପିଆଜ ଓ ରସୁଣ ପକାନ୍ତୁ । ଏହା ଅଳ୍ପ ଭାଜି ହୋଇବାପରେ ଏଥିରେ ସମସ୍ତ କଟା ପରିବାକୁ ପକାନ୍ତୁ । ପରିବାକୁ ଅଳ୍ପ ଭାଜିବା ପରେ ଏଥିରେ ଗୋଲମରିଚ ଗୁଣ୍ଡ, ଲୁଣ, ଧନିଆ ଗୁଣ୍ଡ, ସମସ୍ତ ସସ୍ ଓ ଭିନେଗାର ପକାଇ କିଛି ସମୟ ଭାଜନ୍ତୁ । ଅଳ୍ପ ସମୟରେ ପରେ ଏଥିରେ ଅଟାରୁ ପ୍ରସ୍ତୁତ ନୁଡୁଲ୍ସ ପକାଇ ଗୋଳାଇ ଦିଅନ୍ତୁ । ଧ୍ୟାନ ରଖିବେ ଏଥିରେ ପାଣି ଯମାରୁ ଦେବେ ନାହିଁ । ଅଳ୍ପ ଗୋଳାଇବା ପରେ ପ୍ରସ୍ତୁତ ହୋଇଯିବ ରୁଟି ନୁଡୁଲ୍ସ ।



### ଗାନ୍ଧୀ ସ୍ମୃତିପୀଠ ତେଲେଙ୍ଗାପେଣ୍ଠରେ ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ

# ଗାନ୍ଧିଜୀଙ୍କ ପାଇଁ ଓଡିଶା ଥିଲା 'ପ୍ରେମର ଭୂମି' : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର/ଫୁଲନଖରା,(ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତେଲେଙ୍ଗାପେଣ୍ଠରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ଉତ୍ସବ ପାଳନରେ ଯୋଗଦେଇ କହିଛନ୍ତି ଯେ ଗାନ୍ଧୀଜୀଙ୍କ ପାଖରେ ମନୁଷ୍ୟତ୍ୱ ଓ ଦିବ୍ୟତ୍ୱ ଏକାକାର ହୋଇଯାଇଥିଲା । ଗାନ୍ଧିଜୀ ହେଉଛନ୍ତି ସମଗ୍ର ମାନବ ଜାତିର ସଂପଦ । ସମଗ୍ର ବିଶ୍ୱର ଆଦର୍ଶ । ତାଙ୍କ ଜୀବନ ଥିଲା ସତ୍ୟ ସହ ନିରନ୍ତର ପରୀକ୍ଷା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗାନ୍ଧିଜୀ ତେଲେଙ୍ଗାପେଣ୍ଠକୁ ଆସି ଏଠାରେ ସମସ୍ତଙ୍କୁ ସ୍ୱାଧିନତା ସଂଗ୍ରାମ ପାଇଁ ଅନୁପ୍ରାଣିତ କରିଥିଲେ । ଗାନ୍ଧିଜୀଙ୍କ ପାଦ ପଡିଥିବା ଏହି ତେଲେଙ୍ଗାପେଣ୍ଠର ମାଟି ଅତି ପବିତ୍ର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାମ କରିବାକୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ତେଲେଙ୍ଗାପେଣ୍ଠର ପବିତ୍ର ମାଟିରେ ବାପୁଙ୍କୁ ପୁଣି ଥରେ ସମ୍ମାନ ଜଣାଇ ତାଙ୍କ ଆଦର୍ଶରେ ଚାଲିବା ଏବଂ ଦେଶ ପାଇଁ ତାଙ୍କର ଯେଉଁ ସ୍ୱପ୍ନ ଥିଲା ତାକୁ ପୂରଣ କରିବା ଦିଗରେ କାମ କରିଚାଲିବା । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱଚ୍ଛତା ଥିଲା ଗାନ୍ଧୀଜୀଙ୍କ ଆଦର୍ଶଛ ସେ କହୁଥିଲେ ଯେ ଯେଉଁଠାରେ ସ୍ୱଚ୍ଛତା ଥାଏ, ସେଠାରେ ଭଗବାନ ବାସ କରନ୍ତି । ମୁଖ୍ୟମନ୍ତ୍ରୀ ପୁଣି କହିଲେ ଯେ ଗାନ୍ଧୀଜୀଙ୍କର ଆଉ ଏକ ସ୍ୱପ୍ନ ଥିଲା ସମାଜର ଶେଷ ଧାଡିର ଥିବା ଲୋକର ବିକାଶ ଓ କଲ୍ୟାଣ । ଆଜି ଦେଶର ୮୦ କୋଟି ଲୋକଙ୍କୁ ମାଗଣା ରାସନ ମିଳୁଛି । ଗାଁ ଗାଁ ରେ ପକ୍କା ସଡକ, ପିଇବା ପାଣି, ବିଜୁଳି – ଏପରିକି ଇଣ୍ଟରନେଟ୍ ସୁବିଧା ମଧ ମିଳିପାରୁଛି । ଦଳିତ, ଗରିବ ଓ ମହିଳାମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ମୋଦୀଜୀ ଉତ୍ସର୍ଗୀକୃତ ଭାବେ କାମ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ ପୁଣି କହିଲେ ଯେ ଓଡିଶାରେ ଆମ ସରକାର ମାତ୍ର ୪ ମାସ ମଧରେ ରାଜ୍ୟର ଏକ କୋଟି ମହିଳାଙ୍କୁ ସୁଭଦ୍ରା ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ଦେବା ଆରମ୍ଭ କରିଛନ୍ତି । କାର୍ଯ୍ୟକ୍ରମରେ ଯୋଗଦେଇ କଟକ ସାଂସଦ ଭର୍ତ୍ତୃହରି ମହତାବ ଗାନ୍ଧିଜୀଙ୍କ ଆଦର୍ଶ ଉପରେ ଆଲୋକପାତ କରିଥିଲେ ।

କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବଡମ୍ବା– ନରସିଂହପୁର ବିଧାୟକ ବିଜୟ କୁମାର ଦଳବେହେରା, କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ସିଏମସି କମିଶନର ଅନାମ ଚରଣ ପାତ୍ର ଏବଂ କଟକ ମୁନିସପାଲ କର୍ପୋରେସନର କର୍ପୋରେଟର ମାନେ ଯୋଗଦେଇଥିଲେ ।

ମୁଖ୍ୟମନ୍ତ୍ରୀ ତେଲେଙ୍ଗାପେଣ୍ଠରେ ପହଞ୍ଚିବା ପରେ ଏକ 'ରୋଡ ସୋ'ରେ ହଜାର ହଜାର ଲୋକଙ୍କ ସହିତ ଗାନ୍ଧୀ ସ୍ମୃତି ପୀଠକୁ ଯାଇଥିଲେ । ସେଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତୀରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏହି ଅବସରରେ ସେ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନ ରେ ସେଠାରେ ଏକ ନାଗେଶ୍ୱର ଗଛର ଚାରା ରୋପଣ କରିଥିଲେ । ଏହା ପରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ସେଠାରେ ଶ୍ରମ ଦାନ ମଧ୍ୟ କରିଥିଲେ । ଆନ୍ତର୍ଜାତିକ ଭାସ୍କର୍ଯ୍ୟ ଶିଳ୍ପୀ ରବି ନାରାୟଣ ରଥ ସେଠାରେ ଗାନ୍ଧିଜୀଙ୍କ ଏକ ପ୍ରତିମୂର୍ତ୍ତୀ ନିର୍ମାଣ କରିଥିଲେ । ଶ୍ରୀ ରଥ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର ଏକ ପୋଟ୍ରେଟ୍ ମଧ ଉପହାର ଦେଇଥିଲେ । ମୁଖ୍ୟମନ୍ତ୍ରୀ ସେଠାରେ ବିଭିନ୍ନ ପ୍ରତିଯୋଗୀତା ମୂଳକ କାର୍ଯ୍ୟକ୍ରମରେ ବିଜୟୀ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ ଏବଂ ବିଶିଷ୍ଟ ସମାଜସେବୀ ଓ ସାମାଜିକ ଅନୁଷ୍ଠାନ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ୧୦ଜଣ ଭିନ୍ନକ୍ଷମଙ୍କୁ ସହାୟତା ଉପକରଣ ପ୍ରଦାନ କରିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୂଚନା ଓ ଲୋକ ସଂମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଗାନ୍ଧି ସ୍ମୃତି ସମ୍ବଳିତ ଏକ ଫଟୋ ଚିତ୍ର ପ୍ରଦର୍ଶନୀ ଉଦ୍ଘାଟନ କରିବା ସହିତ ବୁଲି ଦେଖିଥିଲେ । କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## କେନ୍ଦ୍ରୀୟ ରେଡକ୍ରସ ରକ୍ତଭଣ୍ଡାର ପକ୍ଷରୁ ଭାରତ ମସଲା ଏମଡିଙ୍କୁ ପ୍ରଶଂସାପତ୍ର



କଟକ (ସବ୍ୟୁ) : ସର୍ବଦା ସେବାମୂଳକ କାର୍ଯ୍ୟ କରି ପ୍ରଶଂସିତ ହେଉଛି ଭାରତ ମସଲା କମ୍ପାନୀ । ଉକ୍ତ ସଂସ୍ଥା ବ୍ୟବସାୟୀ ବ୍ୟତୀତ ଜନହିତକର କାର୍ଯ୍ୟ ନିରନ୍ତର ଭାବେ ଜାରି ରଖିଛି । କେତେବେଳେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ତ ଆଉ କେତେବେଳେ କମ୍ପାନୀ ପକ୍ଷରୁ ରାମଦାସପୁରରେ ବିଶାଳ ରକ୍ତଦାନ ଶିବିର ସଫଳତା ପୂର୍ବକ ଆୟୋଜନ କରାଯାଉଛି । ଏଥି ନିମନ୍ତେ କଟକସ୍ଥିତ କେନ୍ଦ୍ରୀୟ ରେଡକ୍ରସ ରକ୍ତଭଣ୍ଡାର ପକ୍ଷରୁ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କୁ ପ୍ରଶଂସା ପତ୍ର ସହ ସମ୍ବର୍ଦ୍ଧିତ କରାଯାଇଛି । ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳନ ପରିପ୍ରେକ୍ଷୀରେ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## ରୋଟାରୀ କ୍ଲବ ଜାରକା ପକ୍ଷରୁ ସାକ୍ଷରତା ଅଭିଯାନ

ଧର୍ମଶାଳା (ସବ୍ୟୁ) : ଧର୍ମଶାଳା ବ୍ଲକ ଜାରକା ରୋଟାରୀ କ୍ଲବ ପକ୍ଷରୁ କୁମାରୀ ପଂଚାୟତ ଜାଲସୁଖା ଶବରସାହିସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ସାକ୍ଷରତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କ୍ଲବର ସଭାପତି ରାଜେନ୍ଦ୍ର ପ୍ରସାଦ ପଲେଇ, ସଂପାଦକ ଜୟ ପ୍ରକାଶ ତ୍ରୀପାଠୀ,ପି ପି ଜୟନ୍ତ କୁମାର ସାହୁ,ସଦସ୍ୟ ନିରଞ୍ଜନ ପାଣିଗ୍ରାହୀ,ପ୍ରମୋଦ ସାମଲ ଓ ସୁକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଖାତା,କଲମ, ପେନସିଲ୍,ରବର କଲର ପେନସିଲ, ସ୍କେଲ, ବିସ୍କୁଟ, ଚକୋଲେଟ୍ ଆଦି ବଂଟନ କରିଥିଲେ । ଏଥିସହ ସେଠାରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିଥିଲେ। ଜାଲସୁଖା ଗ୍ରାମର ଛାତ୍ରଛାତ୍ରୀମାନଙ୍କର ଶିକ୍ଷାରେ କିପରି ବିକାଶ ହୋଇପାରିବ ସେ ସମ୍ପର୍କରେ ଗ୍ରାମବାସୀମାନଙ୍କ ସହ ଆଲୋଚନା କରିଥିଲେ ।

## ଦଶହରା ଛୁଟି ପରେ ହେବ ନବମ ଓ ଦଶମ ଶ୍ରେଣୀ ଅର୍ଦ୍ଧବାର୍ଷିକ ପରୀକ୍ଷା : ଓଷ୍ଟା

କଟକ (ସବ୍ୟୁ) : ଚଳିତ ବର୍ଷ ଅକ୍ଟୋବର ମାସ ୪ ତାରିଖରୁ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ନିମନ୍ତେ ଅର୍ଦ୍ଧବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେବାର ଥିଲା, କିନ୍ତୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଯଥା– ବ୍ଲକ୍ସ୍ତରୀୟ ସୁରଭି, ଜିଲ୍ଲା ଓ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ତଥା ରାଜ୍ୟର ପ୍ରାଥମିକ ବିଦ୍ୟାଳୟମାନଙ୍କରେ ସ୍କିମାଟିକ୍ ଶିକ୍ଷକ ନିଯୁକ୍ତିମେଳା ଭୁବନେଶ୍ୱରରେ ଅନୁଷ୍ଠିତ ହେଉଥିବାରୁ ଏହି ପରୀକ୍ଷାକୁ ଦଶହରା ଛୁଟି ପରକୁ ଘୁଞ୍ଚାଇ ଦିଆଯାଇଛି । ରାଜ୍ୟର ପ୍ରାୟ ସମସ୍ତ ମାଧ୍ୟମିକ ବିଦ୍ୟାଳୟରେ ଏହି ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି । ଏହି ପରୀକ୍ଷା ପାଇଁ ଓଷ୍ଟା ପ୍ରଶ୍ନପତ୍ର ପ୍ରସ୍ତୁତ କରି ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଥିବା ପ୍ରଶ୍ନପତ୍ର ବିତରଣ କେନ୍ଦ୍ରଗୁଡ଼ିକୁ ପଠାଇବାର ବନ୍ଦୋବସ୍ତ କରିଛି ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତି ମାଧ୍ୟମରେ ଜଣାଇଛନ୍ତି । ଚଳିତ ବର୍ଷ ଓଷ୍ଟା ତରଫରୁ ନବମ ଓ ଦଶମ ଶ୍ରେଣୀ ପାଇଁ ଅର୍ଦ୍ଧବାର୍ଷିକ ପରୀକ୍ଷାର ପ୍ରଶ୍ନପତ୍ର ବୋର୍ଡ଼ ନିର୍ଦ୍ଧାରିତ ମୂଲ୍ୟାୟନ ପଦ୍ଧତିରେ ପ୍ରସ୍ତୁତ କରାଯାଇ ଓଡ଼ିଶାର ସମସ୍ତ ସ୍କୁଲକୁ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ଯେଉଁ ବିଦ୍ୟାଳୟମାନେ ସେମାନଙ୍କର ପ୍ରଶ୍ନପତ୍ର ନେବା ପାଇଁ ଇଣ୍ଡେଣ୍ଟ୍ ବିଭିନ୍ନ ମାଧ୍ୟମରେ ଓଷ୍ଟା କାର୍ଯ୍ୟାଳୟକୁ ପଠାଇ ସାରିଛନ୍ତି ସେମାନେ ପୁନର୍ବାର ପଠାଇବାର ଆବଶ୍ୟକତା ନାହିଁ । ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଅର୍ଦ୍ଧବାର୍ଷିକ ପରୀକ୍ଷା କେଉଁ ତାରିଖରେ ହେବ ଅକ୍ଟୋବର ମାସ ୫ ଓ ୬ ତାରିଖ ରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକାରୀ କିମିଟି ବୈଠକର ନିଷ୍ପତ୍ତି ପରେ ବିଦ୍ୟାଳୟମାନଙ୍କୁ ଜଣାଇ ଦିଆଯିବ ।

ସମୟ କାର୍ଯ୍ୟାଳୟରେ ସମୟର ଅଷ୍ଟବିଂଶ ସ୍ୱନକ୍ଷତ୍ର ଉତ୍ସବ ପାଳନ କରାଯାଇଛି । ଏହି ଅବସରରେ କେକ୍ କଟାଯାଇ ଉତ୍ସବକୁ ପାଳନ କରାଯାଇଥିଲା । ଆନନ୍ଦ ଉଲ୍ଲାସ ମଧରେ ପାଳିତ ଏହି ଉତ୍ସବରେ ସମୟ ନିର୍ଦ୍ଦେଶିକା ଅନିତା ମହାନ୍ତିଙ୍କ ସମେତ ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।





ସମୟ SAMAYA
ସମୟ
ପ୍ରତିଷ୍ଠାତା : ବସନ୍ତ କୁମାର ବିଶ୍ୱାଳ
ଅଷ୍ଟବିଂଶ ବିଶେଷାଙ୍କ

## ଏସ୍‌ବିଆଇ କାର୍ଡ ପକ୍ଷରୁ
# କ୍ରିସଫ୍ଲାୟର ଏସ୍‌ବିଆଇ କାର୍ଡ ପ୍ରଚଳନ

ଭୁବନେଶ୍ୱର,(ସବ୍ୟୁ): ଭାରତର ସର୍ବବୃହତ ପିୟୋର-ପ୍ଲେ କ୍ରେଡିଟ କାର୍ଡ ଯୋଗାଣକାରୀ ଏସ୍‌ବିଆଇ କାର୍ଡ, ସିଙ୍ଗାପୁରର ରାଷ୍ଟ୍ରୀୟ ବିମାନ ଚଳାଚଳ ସଂସ୍ଥା ସିଙ୍ଗାପୁର ଏୟାରଲାଇନ୍ସ ଲିମିଟେଡ (ଏସଆଇଏ) ସହଯୋଗୀତାରେ କ୍ରିସଫ୍ଲାୟର ଏସ୍‌ବିଆଇ କାର୍ଡ ପ୍ରଚଳନ କରିଛି। ଏହା ଏହି ଧରଣର ପ୍ରଥମ ଭ୍ରମଣ କୈନ୍ଦ୍ରିକ ମିଳିତ ବ୍ରାଣ୍ଡିଂ ହୋଇଥିବା କ୍ରେଡିଟ କାର୍ଡ ଏବଂ ଏହାକୁ ସୁପର-ପ୍ରିମିୟମ କାର୍ଡଧାରୀଙ୍କର ଆବଶ୍ୟକତା ପୂରଣ ନିମନ୍ତେ ଡିଜାଇନ କରାଯାଇଛି, ଯାହା ସିଙ୍ଗାପୁର ଏୟାରଲାଇନ୍ସ, ସ୍କୁଟ ଏୟାରଲାଇନ, କ୍ରିସ୍‌ଶପ୍ ଡଟ୍ କମ୍, କ୍ରିସ୍‌ଲାଇଫଷ୍ଟାଇଲ ଆପ୍ ଏବଂ ପେଲାଗୋକୁ ନେଇ ଗଠିତ ଏସଆଇଏ ଗ୍ରୁପ୍ ସହିତ ଆକାଶ ମାର୍ଗ ଏବଂ ଭୂଭାଗରେ ଅନନ୍ୟ ସୁବିଧା ସୁଯୋଗ ଯୋଗାଇ ଦେଉଛି। ନୂଆକରି ପ୍ରଚଳନ କରାଯାଇଥିବା କ୍ରେଡିଟ କାର୍ଡ ଦୁଇଟି ପ୍ରକାରରେ ଉପଲବ୍ଧ ହେଉଛି ତାହା ହେଉଛି କ୍ରିସ୍‌ଫ୍ଲାୟର ଏସ୍‌ବିଆଇ କାର୍ଡ ଏବଂ



କ୍ରିସ୍‌ଫ୍ଲାୟର ଏସ୍‌ବିଆଇ କାର୍ଡ ଆପେକ୍ସ ।

ଏହି ସହଭାଗୀତା ସହିତ କ୍ରିସ୍‌ଫ୍ଲାୟର ଏସ୍‌ବିଆଇ କାର୍ଡ ଗ୍ରାହକମାନେ ସେମାନଙ୍କର ଭ୍ରମଣକାଳୀନ ଖର୍ଚ୍ଚ ଉପରେ ତ୍ୱରାନ୍ୱିତ ରିୱାର୍ଡ ଏବଂ ଉଲ୍ଲେଖନୀୟ ଫାଇଦା ଉପଭୋଗ କରିବା ସୁଯୋଗ ପାଇବେ। କ୍ରିସ୍‌ଫ୍ଲାୟର ଏସ୍‌ବିଆଇ କାର୍ଡରେ ୩,୦୦୦ କ୍ରିସ୍‌ଫ୍ଲାୟର ମାଇଲସ୍ ଏବଂ କ୍ରିସ୍‌ଫ୍ଲାୟର ଏସ୍‌ବିଆଇ କାର୍ଡ ଆପେକ୍ସରେ ୧୦,୦୦୦ କ୍ରିସ୍‌ଫ୍ଲାୟର ମାଇଲସ୍ ଭଳି ଅନନ୍ୟ ସ୍ୱାଗତକାଳୀନ ଅଫରରେ ଭରପୂର ଏହି କାର୍ଡଗୁଡିକ ସେମାନଙ୍କର ଗ୍ରାହକଙ୍କୁ ଅତୁଳନୀୟ ଆରାମ ଏବଂ ବିଳାସପୂର୍ଣ୍ଣ ବ୍ୟବସ୍ଥା ଯୋଗାଇଦେବ । କାର୍ଡଧାରୀମାନେ ବର୍ଷକୁ ୮୦,୦୦୦ ଅଥବା ତାହାଠାରୁ ଅଧିକ କ୍ରିସ୍‌ଫ୍ଲାୟର ମାଇଲସ୍ ଉପାର୍ଜନ କରିପାରିବେ । ଗ୍ରାହକମାନେ ଏସ୍‌ବିଆଇ କାର୍ଡ ୱେବସାଇଟ ଏସ୍‌ବିଆଇକାର୍ଡ.କମ୍ କୁ ଯାଇ ଏସ୍‌ବିଆଇ କାର୍ଡ ସ୍ପ୍ରି ଜରିଆରେ ଡିଜିଟାଲ ପଦ୍ଧତିରେ କାର୍ଡ ନିମନ୍ତେ ନିଜ ନାମ ପିଜ୍‌କୃତ କରିପାରିବେ ଏବଂ ଅଫ୍‌ଲାଇନରେ ଏସ୍‌ବିଆଇ କାର୍ଡ ରିଟେଲ କିଓସ୍କଗୁଡିକୁ ଯାଇ ନାମ ପଞ୍ଜିକୃତ କରିପାରିବେ ।

## ଭୁବନେଶ୍ୱରରେ ଅଫିସ ଖୋଲିବ
# ମୋତିଲାଲ ଓସ୍ୱାଲ ଫାଇନାନସିଆଲ ସର୍ଭିସେସ

ଭୁବନେଶ୍ୱର,(ସବ୍ୟୁ): ମୋତିଲାଲ ଓସ୍ୱାଲ ଫାଇନାନସିଆଲ ସର୍ଭିସେସ ଓଡ଼ିଶାରେ ଆର୍ଥିକ ବର୍ଷ ୨୫ ସୁଦ୍ଧା ନୂଆ ସହଭାଗୀ ନିଯୁକ୍ତ ଦ୍ୱାରା ବ୍ୟବସାୟ ସମ୍ପ୍ରସାରଣ କରିବା ଯୋଜନା ସମ୍ପର୍କରେ ଘୋଷଣା କରିଛି । ଏହି ନବନିଯୁକ୍ତ ସହଭାଗୀମାନେ ଏମଓଏଫଏସଏଲର ନବୋନ୍ମେଷୀ ସାଧନ, ସହଯୋଗ ଏବଂ ବିଶେଷ ଅଭିଜ୍ଞତାର ସୁଯୋଗ ପାଇପାରିବେ ଏବଂ ତାହାସହିତ ଏହାର ବିବିଧ ଗବେଷଣା ସାମର୍ଥର ସୁଯୋଗ ନେଇପାରିବେ । ସେମାନେ ମଧ ଇକ୍ୱିଟି ଏବଂ କମୋଡିଟି ଆଦି ଟ୍ରେଡିଂ କରିବା ନିମନ୍ତେ ଏମଓଏଫଏସଏଲର ଟ୍ରେଡିଂ ପ୍ଲାଟଫର୍ମକୁ ବବହାର କରିବାକୁ ସମର୍ଥ ହେବେ । ଏମଓଏଫଏସଏଲ ମଧ ଆର୍ଥିକ ବର୍ଷ ୨୫ରେ ଭୁବନେଶ୍ୱରରେ ୩୩୦୦ ବର୍ଗଫୁଟର ଏକ ଅଫିସ ଖୋଲୁଛି, ତାହାସହିତ ୨୦୨୫ ସୁଦ୍ଧା ୭୮ ନୂଆ ବବସାୟିକ ସହଯୋଗୀ ଯୋଗ କରିବ । ଓଡ଼ିଶା ଏମଓଏଫଏସଏଲ ନିମନ୍ତେ ଏକ ପ୍ରମୁଖ ବଜାର ହୋଇ ରହିଆସିଛି, ଏବଂ ଏହାର ରାଜଧାନୀ ଭୁବନେଶ୍ୱର କମ୍ପାନୀର ଶୀର୍ଷ ୩୦ଟି ଦୃଷ୍ଟିନିବଦ୍ଧ ସହରଗୁଡିକ ତାଲିକାରେ ରହିଛି ।

# ହାଇଟେକ୍ ଉଚ୍ଚ ମାଧମିକ ବିଦ୍ୟାଳୟରେ ଗାନ୍ଧୀଜୟନ୍ତୀ ପାଳିତ




ଭୁବନେଶ୍ୱର,(ସବ୍ୟୁ): ହାଇଟେକ୍ ଉଚ୍ଚ ମାଧମିକବିଦ୍ୟାଳୟ ପାଣ୍ଡରାରେ ଶତାଧିକ ବିଦ୍ୟାର୍ଥୀମାନଙ୍କ ଗହଣରେ ଗାନ୍ଧୀ ଏବଂ ଶାସ୍ତ୍ରୀଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଛି। ଗାନ୍ଧୀଙ୍କ ଆଦର୍ଶ ଓ ଶାସ୍ତ୍ରୀଙ୍କ ଚିନ୍ତାଧାରା ସବୁ ବିଦ୍ୟାର୍ଥୀମାନେ ଅନୁକରଣ କଲେ ଆଗାମୀ ଦିନରେ ଏକ ସୁସ୍ଥ ବାତାବରଣ ଏବଂ ବଳିଷ୍ଠ ନାଗରିକ ହୋଇ ତିଆରି ହେବେ ବୋଲି ହାଇଟେକ୍ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡ. ଚିତ୍ତରନ ସାହୁ କହିଥିଲେ । ନିର୍ଦ୍ଦେଶିକା ଅଙ୍କିତା ପାଣିଗ୍ରାହୀ ଏବଂ ଉପାଧକ୍ଷ ବିଭୂତି ଭୂଷଣ ବେହେରା ଉପସ୍ଥିତ ରହି ବିଦ୍ୟାର୍ଥୀମାନଙ୍କୁ ଗାନ୍ଧୀ ଏବଂ ଶାସ୍ତ୍ରୀଙ୍କ ଜୀବନରେ ଅନୁପ୍ରାଣିତ ହୋଇ ଜୀବନକୁ ସରଳସୁଗମ ପଥରେ ନେବା ପାଇଁ ଆହ୍ୱାନ ଦେଇଥିଲେ । ପଦାର୍ଥ ବିଜ୍ଞାନର ଅଧାପକ ପ୍ରଫେସର ବେଦବ୍ରହ୍ମା ଦାସ ଗାନ୍ଧୀଙ୍କ ଚିନ୍ତାଧାରା ସମସ୍ତ ବିଦ୍ୟାର୍ଥୀମାନଙ୍କ ପାଇଁ ଏକ ଆହ୍ୱାନ କହିଥିବାବେଳେ ପଦାର୍ଥ ବିଜ୍ଞାନ ବିଭାଗର ଅଧାପକ ତୁଷାର ସାହୁ ଗାନ୍ଧୀ ଏବଂ ଶାସ୍ତ୍ରୀ ଆମମାନଙ୍କ ପାଇଁ ଏକ ଆଦର୍ଶବୋଧ ବୋଲି କହିଥିଲେ । ବିଦ୍ୟାର୍ଥୀମାନେ ଗାନ୍ଧୀଙ୍କ ବିଚାର ଧାରା ଏବଂ ଗାନ୍ଧୀଙ୍କ ଆଚରଣକୁ କାର୍ଯ୍ୟରେ ଲଗେଇବା ସହ ଆଗାମୀ ଦିନରେ ଏକ ସୁନାଗରିକ ହେବା ପାଇଁ ହାଇଟେକ୍ ବିଜ୍ଞାନ ମହାବିଦ୍ୟାଳୟର ଓଡିଆ ଭାଷାସାହିତ୍ୟ ବିଭାଗର ଅଧାପକ ତଥା ଅନ୍ତଃରାଷ୍ଟ୍ରୀୟ ଓଡିଶୀ ନୃତ୍ୟଶିଳ୍ପୀ ବିଦ୍ୟାର୍ଥୀମାନଙ୍କୁ ପ୍ରେରଣା ଦେଇଥିଲେ ।

## ବଲାଙ୍ଗୀର ପାଟଣାଗଡ଼ଠାରେ --------
# ଫ୍ଲାଗ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆର ୧୫୦ତମ ସ୍ମାରକୀ ଜାତୀୟ ପତାକାସ୍ତମ୍ଭ ସ୍ଥାପନ

ଭୁବନେଶ୍ୱର,(ସବ୍ୟୁ): ଶିଳ୍ପପତି ତଥା ସମାଜସେବୀ ନବୀନ ଜିନ୍ଦଲଙ୍କ ନେତୃତ୍ୱାଧୀନ ଫ୍ଲାଗ୍ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ଆଜି ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼ଠାରେ ଏହାର ୧୫୦ତମ ସ୍ମାରକୀ ଜାତୀୟ ପତାକାସ୍ତମ୍ଭ ସ୍ଥାପନ କରାଯାଇଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଓ ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ ଏହି ୧୦୮ ଫୁଟ ଉଚ୍ଚ ସ୍ମାରକୀ ଜାତୀୟ ପତାକାସ୍ତମ୍ଭକୁ ଉଦଘାଟନ କରିବା ଏକ ବିଶାଳ ତ୍ରିରଙ୍ଗା ଉତ୍ତୋଳନ କରିଥିଲେ । ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଇସ୍ୱାଳର , ବଲାଙ୍ଗୀର ଆରକ୍ଷୀ ଅଧିକ୍ଷକ ଋଷିକେଶ ଡି ଖିଲାରୀ, ଡିଆରଡିଏର ପିଡି ପ୍ରଭାତ ମହାପାତ୍ର, ପାଟଣାଗଡ଼ ଉପଜିଲ୍ଲାପାଳ ଅମିତ କୁମାର ନାୟକ ଓ ଫ୍ଲାଗ୍ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆର ସିଇଓ ମେଜର ଜେନେରାଲ (ଅବସରପ୍ରାପ୍ତ) ଅସୀମ କୋହଲି, ସ୍ଥାନୀୟ ପ୍ରଶାସନର ବରିଷ୍ଠ ଅଧିକାରୀମାନେ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ସମେତ ପ୍ରାୟ




୩୦୦୦ରୁ ଅଧିକ ଏହି ଭବ୍ୟ ଉତ୍ସବରେ ଉପସ୍ଥିତ ଥିଲେ । ପାଟଣାଗଡ଼ରେ ଏହି ଜାତୀୟ ପତାକା ସ୍ତମ୍ଭ ସ୍ଥାପନ ପାଇଁ ସାଂସଦ ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଅଧକ୍ଷ ନବୀନ ଜିନ୍ଦଲଙ୍କ ନେତୃତ୍ୱାଧୀନ ଫ୍ଲାଗ ଫାଉଣ୍ଡେସନ ଅଫ ଇଣ୍ଡିଆକୁ ଶ୍ରୀ ସିଂହଦେଓ ଧନ୍ୟବାଦ ପ୍ରଦାନ କରିଥିଲେ । ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ସମ୍ମାନର ସହ ଜାତୀୟ ପତାକା ଉତ୍ତୋଳନ କରିବାର ଅଧିକାର ପାଇଁ ଶ୍ରୀ ଜିନ୍ଦଲଙ୍କ ସଂଘର୍ଷକୁ ସେ ପ୍ରଶଂସା କରିଥିଲେ । ଏହି ସ୍ମାରକୀ ଜାତୀୟ ପତାକା ସ୍ଥାପନ ଅବସରରେ ପାଟଣାଗଡ଼ ଓ ଆଖପାଖ ଅଞ୍ଚଳରୁ ବହୁତ ଜନସାଧାରଣ ଜାତୀୟ ପତାକାକୁ ସମ୍ମାନ ଜଣାଇବା ପାଇଁ ଏକାଠି ହୋଇଥିଲେ ।

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ପ୍ରେସିଡେଣ୍ଟ ତଥା ଗ୍ରୁପ୍ ହେଡ୍ (ସିଏସ୍ଆର୍) ପ୍ରଶାନ୍ତ ହୋତା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ସଂଗଠନ ସମଗ୍ର ଦେଶରେ ୧୫୦ଟି ଜାତୀୟ ପତାକା ପୋଷ୍ଟ ପ୍ରତିଷ୍ଠା କରିବାରେ ସଫଳ ହୋଇଛି, ଯେଉଁଥିରେ ଓଡ଼ିଶାରେ ଏପର୍ଯ୍ୟନ୍ତ ୭ଟି ରହିଛି ।

## ବିଜେଡିର ପଦଯାତ୍ରା ଶୁଭାରମ୍ଭ କଲେ ନବୀନ
# ସେବା ସ୍ୱାଭିମାନ ଆମର ମନ୍ତ୍ର, ବିକାଶ ଆମ ପରିଚୟ

ଭୁବନେଶ୍ୱର,(ସବ୍ୟୁ): ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ବିଜୁ ଜନତା ଦଳର ପଦଯାତ୍ରା ଆରମ୍ଭ ହୋଇଛି । ଭୁବନେଶ୍ୱର ବଡ଼ଗଡ଼ ଅଞ୍ଚଳ ର ୫୭ ନମ୍ବର ୱାର୍ଡରେ ପଦଯାତ୍ରା ଆରମ୍ଭ କରି ସମବେତ ବିପୁଳ ଜନତା ଙ୍କୁ ଦଳ ସଭାପତି ନବୀନ ପଟ୍ଟନାୟକ କହିଥିଲେ ଯେ ଲୋକଙ୍କ ସହିତ ଯୋଡ଼ି ହେବାରେ ପଦଯାତ୍ରା ସବୁଠାରୁ ଶକ୍ତିଶାଳୀ ମାଧମ । ବିଜେଡି କୁ ଏକ ସାମାଜିକ ଆନ୍ଦୋଳନ ଭାବରେ ବର୍ଣ୍ଣନା କରି ଶ୍ରୀ ପଟନାୟକ କହିଲେ ଯେ ସେବା ସ୍ୱାଭିମାନ ବିଜେଡି ର ମନ୍ତ୍ର । ବିକାଶ ହେଉଛି ବିଜେଡି ର ପରିଚୟ.ବିଜେଡି ର ଚବିଶ ବର୍ଷ ଶାସନରେ ବିକାଶ ର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ପଟ୍ଟନାୟକ କହିଥିଲେ ଯେ ବିକାଶ ର ବିଭିନ୍ନ ମାନକ ରେ ଓଡିଶା ବିଜେପି ଶାସିତ ବହୁ ଡବଲ ଇଞ୍ଜିନ ରାଜ୍ୟ ଠାରୁ ଆଗରେ । ଆର୍ଥିକ ସ୍ଥିରତା ଆସିଛି । ଲୋକଙ୍କ ମୁଣ୍ଡ ପିଛା ଆୟ ବଢିଛି ଗରିବୀ ସତୁରି



ପ୍ରତିଶତରୁ କମି ଦଶ ପ୍ରତିଶତରେ ପହଞ୍ଚିଛି ।

ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କୋଟି କୋଟି ଲୋକ ସୁବିଧା ପାଉଥିଲେ । କିନ୍ତୁ ବିଜେପି ସରକାର ଯୋଜନାର ନାମ ପରିବର୍ତ୍ତନକୁ କଟାକ୍ଷ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆପଣ ରଙ୍ଗ ଓ ନାମ ବଦଳାଇପାରିବେ କିନ୍ତୁ ଇତିହାସ ବଦଳାଇ ପାରିବେ ନାହିଁ । ସେ କହିଲେ ଯେ ବିଜେପି ମିଛ କାହାଣୀ ମିଛ ପ୍ରତିଶ୍ରୁତି ଦେଇ ଶାସନ କୁ ଆସିଛି । ବିଜେପିର ମିଛ ନିର୍ବାଚନ ପ୍ରତିଶ୍ରୁତି ଉପରେ ଆଲୋଚନା କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ତିନିଶହ ୟୁନିଟ ମାଗଣା ବିଜୁଳି । ମା ମାନଙ୍କୁ ପଚାଶହଜାର ଟଙ୍କା । ତିନିହଜାର ଟଙ୍କାକୁ ଭତ୍ତା ବୃଦ୍ଧି କୁଆଡେ ଗଲା ।

ମିଛ କହି ନିର୍ବାଚନ ଜିତି ପାର କିନ୍ତୁ ଲୋକଙ୍କ ହୃଦୟ ନୁହେଁ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ଶ୍ରୀ ପଟ୍ଟନାୟକ କହିଲେ ଲୋକଙ୍କ ଭଲ ପାଇବା ବିଜେଡି ର ସବୁଠାରୁ ବଡ଼ ଶକ୍ତି ।

ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସେ କ୍ଷମତା ରେ ଥାନ୍ତୁ । ନ ଥାନ୍ତୁ ଶେଷ ପର୍ଯ୍ୟନ୍ତ ଓଡିଶା ବାସୀଙ୍କ ର ଓ ଓଡିଶା ମାଟି ର ସେବା କରିଚାଲିବେ.

ଏହି କାର୍ଯ୍ୟକ୍ରମ ରେ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ସୁଶାନ୍ତ ରାଉତ,ବିଧାୟକ ଅନନ୍ତ ଜେନା, ମେୟର ସୁଲୋଚନା ଦାଶ ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।



ଭୁବନେଶ୍ୱର ୧୨୦ ବାଟାଲିୟନ୍ ପରିସରରେ ଇସିଏଚ୍‌ଏସ୍ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଷ୍ଟିନ୍‌ର ଡାଇରେକ୍ଟର କର୍ଣ୍ଣେଲ କେ ଜୟପାଲ ଏହାକୁ ଉଦ୍‌ଘାଟନ କରିଥିଲେ । ଓ ଯୁଗ୍ମ ନିର୍ଦ୍ଦେଶନ ଲେଫ୍ଟନାଣ୍ଟ କର୍ଣ୍ଣେଲ ସୋମନାଥ ଚକ୍ରବର୍ତ୍ତି ଉପସ୍ଥିତ ଥିଲେ । ସର୍ଜନ ଲେଫ୍ଟନାଣ୍ଟ କର୍ଣ୍ଣେଲ ଡି.ଭି ରେଡ୍ଡୀ ଶିବିର ପରିଚାଳନା କରିଥିବା ବେଳେ ସୁବେଦାର ରଞ୍ଜିତ ମହାନ୍ତି ଉପସ୍ଥିତ ଥିଲେ ।

# ଓଷ୍ଟା ପକ୍ଷରୁ ଶିକ୍ଷକ ନେତା କୈଳାସ ଚନ୍ଦ୍ର ମହାପାତ୍ରଙ୍କ ସ୍ମୃତିସଭା

କଟକ,(ସବ୍ୟୁ): ଓଡ଼ିଶାର ବିଶିଷ୍ଟ ଶିକ୍ଷକ ନେତା ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ପୂର୍ବତନ ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ରଙ୍କ ଊନବିଂଶ ଶ୍ରାଦ୍ଧ ବାର୍ଷିକୀ ଓଷ୍ଟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସ୍ମୃତି ସଭାରେ ବକ୍ତାମାନେ ଯୋଗଦେଇ ସ୍ୱର୍ଗତ ମହାପାତ୍ର ଜଣେ ଦରଦୀ ଶିକ୍ଷକ ଥିଲେ ବୋଲି ମତ ବ୍ୟକ୍ତ କରିଥଲେ । ଓଷ୍ଟାର କୋଷାଧକ୍ଷ ଅଶୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତି ସଭାରେ ବହୁଶିକ୍ଷକ, ଶିକ୍ଷୟିତ୍ରୀ, ପୂର୍ବତନ ଶିକ୍ଷକ, ଓଷ୍ଟାର ପୂର୍ବତନ ଏବଂ ବର୍ତ୍ତମାନର କର୍ମଚାରୀମାନେ ଯୋଗ ଦେଇଥିଲେ । ବିନୋଦ କୁମାର ବେହେରା ସ୍ୱର୍ଗତ ମହାପାତ୍ରଙ୍କ କାର୍ଯ୍ୟାବଳୀ ସଂପର୍କରେ ପ୍ରାରମ୍ଭରେ ସୂଚନା ପ୍ରଦାନ କରିଥିଲେ । ସ୍ୱର୍ଗତ ମହାପାତ୍ରଙ୍କ ସହକର୍ମୀ ଏବଂ ବର୍ଷିୟାନ ଶିକ୍ଷକ ନେତା ତାଙ୍କ ଜୀବନୀ ଓ ଶିକ୍ଷକ ସଙ୍ଗଠନ ଏବଂ ଶିକ୍ଷକ ଆନ୍ଦୋଳନକୁ ତାଙ୍କର ଅବଦାନ




ସଂପର୍କରେ କହିଥିଲେ । ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଓଷ୍ଟା ପରିସର ମଧ୍ୟରେ କୈଳାସ ଚନ୍ଦ୍ର ମହାପାତ୍ର, ଅବନୀ କୁମାର ବରାଳ ଓ ବନମାଳି ବ୍ରହ୍ମଚାରୀଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଆସନ୍ତା ବର୍ଷରେ ଉନ୍ମୋଚନ କରାଯିବ ବୋଲି ଘୋଷଣା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଆଇଟିୟୁସିର ରାଜ୍ୟ ସମ୍ପାଦକ କିଶୋର ଜେନା, ମହେନ୍ଦ୍ର କୁମାର କାୟସ୍ଥ, ଧୀରେନ୍ଦ୍ର ପ୍ରତାପ, ଅଭିମନ୍ୟୁ ରଥ, ସୁଘୋଷ ଦାସ, ଦ୍ୱିଜବର ନାୟକ, କ୍ଷୀରୋଦ କୁମାର ବିଶ୍ୱାଳ, ମମତା ସାହୁ, ହିରଣ୍ମୟୀ ସାମଲ, ଅନିତା ମଣ୍ଡଳ, ଅନିଲ କୁମାର ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଓଷ୍ଟାର କଟକ ଜିଲ୍ଲା ସମ୍ପାଦକ ଲକ୍ଷ୍ମୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିକୁ ପୂର୍ବଭାରତର ଶ୍ରେଷ୍ଠ ବୈଷୟିକ ଶିକ୍ଷାନୁଷ୍ଠାନର ମାନ୍ୟତା ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ): ନୂଆଦିଲ୍ଲୀ ସ୍ଥିତ ପ୍ରଗତି ମଇଦାନର ଆପୁଘର ଭାରତମଣ୍ଡପ ଠାରେ ଟପ୍ଲଚ୍ ଫାଉଣ୍ଡେସନ ଦ୍ୱାରା ପ୍ରୟୋଜିତ ବିଶ୍ୱନେତୃତ୍ୱ ସମ୍ମିଳନୀ ଉତ୍ସବ ଓ ପୁରସ୍କାର ପ୍ରଦାନ-୨୦୨୪ରେ ପୂର୍ବଭାରତର ଶ୍ରେଷ୍ଠ ବୈଷୟିକ ଶିକ୍ଷାନୁଷ୍ଠାନର ମାନ୍ୟତା ପ୍ରଦାନ କରାଯାଇ ନିସ୍ ଶିକ୍ଷା ଅନୁଷ୍ଠାନକୁ ପୁରସ୍କୃତ କରାଯାଇଛି । ଭାରତର ଖାଦ୍ୟ ପ୍ରକ୍ରିୟାକରଣ ଓ ଶିଳ୍ପ ବିଭାଗ ମନ୍ତ୍ରୀ ଚିରାଗ ପାଶୱାନ ମୁଖ୍ୟଅତିଥି, ଭାରତର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ ମନ୍ତ୍ରୀ ରାମଦାସ ଅଠୱାଲେ ଓ ଦିଲ୍ଲୀର ବିଜେପି ମହିଳା ସଭାନେତ୍ରୀ ବବିତା ଚୌହାନ ପ୍ରମୁଖ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ଉଲ୍ଲଖନୀୟ ଅବଦାନ କରିଥିବା ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ବିକଶ୍ୱ ନେତୃତ୍ୱ ସମ୍ମିଳନୀ ଉତ୍ସବରେ ସମ୍ମାନୀତ




କରିଥିଲେ । ପୂର୍ବ ଭାରତରେ ଇଞ୍ଜିନିୟରିଂ ଶିକ୍ଷା, ଦକ୍ଷତା ବିକାଶ ଓ ନିଯୁକ୍ତି ଭିତିକ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ନିସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଚେୟାରମ୍ୟାନ ଡକ୍ଟର ସୁଭାଷ ଚନ୍ଦ୍ର ନାୟକ ଓ ମ୍ୟାନେଜିଂ ଟ୍ରଷ୍ଟି ପ୍ରଫେସର୍ ସ୍ମୃତିସୁଧା ନାୟକଙ୍କୁ ମୁଖ୍ୟଅତିଥି ମାନପତ୍ର ଓ ଉପଢୌକନ ଦେଇ ସମ୍ମାନୀତ କରିଥିଲେ । ଏହି ସମ୍ମାନ ପାଇଁ ଭୁବନେଶ୍ୱର ଛତାବର ସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ସମସ୍ତ ଅଧାପକ, ଅଧାପିକା ଓ ଛାତ୍ର ଛାତ୍ରୀମାନେ ନିଜର ଖୁସି ବ୍ୟକ୍ତ କରିବା ସହିତ ଶିକ୍ଷାନୁଷ୍ଠାନର ଅଧକ୍ଷ ଡକ୍ଟର ଦେବବ୍ରତ ରଥ ପ୍ରକାଶ କରିଛନ୍ତି ।

# ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

କଟକ, (ସ୍ୱପ୍ର) : ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାତିରଜନକ ମହାତ୍ମା ଗାନ୍ଧୀ ଓ ଶାନ୍ତିଦୂତ ଲାଲ ବାହାଦୂର ଶାସ୍ତ୍ରୀଙ୍କ ପବିତ୍ର ଜୟନ୍ତୀ ପାଳିତ ହୋଇଥିଲା । ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ ପରିସରସ୍ଥ ଗାନ୍ଧିଜୀ ଓ ଅନ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ, ରାମଧୂନ୍ ସହ ସ୍ୱଚ୍ଛ ଭାରତ ଅଭିଯାନ କ୍ରମରେ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଜାତିରପିତା ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ଜୀବନୀ ଓ ଆଦର୍ଶରେ ଛାତ୍ରଛାତ୍ରୀମାନେ ଅନୁପ୍ରାଣିତ ହୋଇ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବାକୁ




ଦିଗଦର୍ଶନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର କଲ୍ୟାଣ) ଲୋକନାଥ ବେହେରା, ପ୍ରାଧ୍ୟାପକ ଦିଲ୍ଲୀପ କୁମାର ମଲ୍ଲିକ, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର, ଅଧ୍ୟାପିକା ସାଗରିକା ନାୟକ ପ୍ରମୁଖ ବରପୁତ୍ରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବିଶ୍ୱବିଦ୍ୟାଳୟ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

## ଗ୍ଲେନମାର୍କ ଫାର୍ମାସ୍ୟୁଟିକାଲ୍ସ ପକ୍ଷରୁ
# ‘ଜାତୀୟ ବିପି ସ୍କ୍ରିନିଂ ଦିବସ’

ଭୁବନେଶ୍ୱର,(ସବ୍ୟୁ): ଗବେଷଣା ଭିତ୍ତିକ, ବିଶ୍ୱସ୍ତରୀୟ ଔଷଧ କମ୍ପାନୀ ତଥା ହୃଦ୍ ରୋଗ ପରିଚାଳନା କ୍ଷେତ୍ରରେ ଅଗ୍ରଣୀ ଗ୍ଲେନମାର୍କ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡ୍ ବୁଧବାର ଗେଟ୍ ୱେ ଅଫ୍ ଇଣ୍ଡିଆରେ ଟେକ୍ ଚାର୍ଜ ଅ୧୮’ ଅଭିଯାନର ଶୁଭାରମ୍ଭ କରିଛି । ଏହି ଉଚ୍ଚ ରକ୍ତଚାପ ସଚେତନତା ପଦକ୍ଷେପ ୧୮ ବର୍ଷ ବୟସରୁ ଆରମ୍ଭ କରି ପ୍ରାରମ୍ଭିକ ରକ୍ତଚାପ ନିରୀକ୍ଷଣର ଗୁରୁତ୍ୱପୂର୍ଣ୍ଣ ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରେ । ଆସୋସିଏସନ୍ ଅଫ୍ ଫିଜିସିଆନ୍ସ ଅଫ୍ ଇଣ୍ଡିଆ ପ୍ରତ୍ୟେକ ମାସର ୧୮ ତାରିଖକୁ ’୧୮– ବିପି ସ୍କ୍ରିନିଂ ଡେ’ ଭାବେ ନାମିତ କରିଛି, ଯେଉଁଥିରେ ସମସ୍ତ ବୟସ୍କଙ୍କୁ ହୃଦ୍‌ରୋଗର ସୁରକ୍ଷା ପାଇଁ ନିୟମିତ ରକ୍ତଚାପ ପରୀକ୍ଷାକୁ ପ୍ରାଥମିକତା ଦେବାକୁ ପ୍ରୋତ୍ସାହିତ କରାଯାଇଛି । ଉଚ୍ଚ ରକ୍ତଚାପ ସଚେତନତା ଏବଂ ରୋଗ ନିର୍ଣ୍ଣୟ ବୃଦ୍ଧି ପାଇଁ ଗ୍ଲେନମାର୍କ ଏବଂ ଏପିଆଇ ଦ୍ୱାରା ଏହି ସହଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସକୁ ପ୍ରତିନିଧିତ୍ୱ କରେ । ଗ୍ଲେନମାର୍କ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡର ଇଣ୍ଡିଆ ଫର୍ମୁଲେସନର ସଭାପତି ତଥା ବ୍ୟବସାୟ ମୁଖ୍ୟ ଆଲୋକ ମଲ୍ଲିକ କହିଛନ୍ତି ଯେ, ‘ଭାରତରେ ଉଚ୍ଚ ରକ୍ତଚାପ ବିରୋଧରେ ଲଢ଼େଇରେ ସଚେତନତା ସୃଷ୍ଟି ଏବଂ ଅର୍ଥପୂର୍ଣ୍ଣ ପ୍ରଭାବ ପକାଇବା ପାଇଁ ଗ୍ଲେନମାର୍କରେ ଆମେ ଦୃଢ଼ ପ୍ରତିଶ୍ରୁତିବଦ୍ଧ ।

# କୃତୀ ପ୍ରତିଯୋଗୀଙ୍କ ପ୍ରତି ଅନ୍ୟାୟର ପ୍ରତିବାଦ କଲେ ପିତା

ବିଞ୍ଝାରପୁର,(ସବ୍ୟୁ) : ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଜଣେ ଛାତ୍ରୀ ଙ୍କୁ ଉଦ୍ଦେଶ୍ୟ ମୂଳକ ଭାବେ ସାଧନ କେନ୍ଦ୍ର ସ୍ତରୀୟ ପ୍ରତିଯୋଗୀତାରୁ ବଂଚିତ କରାଯାଇଥିବାରୁ ଛାତ୍ରୀ ଜଣକ ମାନସିକ ଭାରସାମ୍ୟ ହରାଇ ଥିବା କଥା ତାର ପିତା ବିଇଓଙ୍କ ନିକଟ ରେ ଅଭିଯୋଗ କରିଛନ୍ତି । ପ୍ରକାଶ ଯେ ବିଞ୍ଝାରପୁର ବ୍ଲକର ସିଂହପୁର ନୋଡାଲ ୟୁ.ପି.ର ସପ୍ତମ ଶ୍ରେଣୀ ଛାତ୍ରୀ ଆଦ୍ୟାସା ନାୟକ ଶ୍ରୁତ ଲିଖନ ପ୍ରତିଯୋଗୃତାରେ ସାଧନକେନ୍ଦ୍ର ରେ ହେବାକୁ ସୁରଭି କାର୍ଯ୍ୟକ୍ରମରେ ସାମିଲ ହେବାପାଇଁ ବିଦ୍ୟାଳୟ ରେ ପରୀକ୍ଷା ଦେଇଥିଲ । ଖାତା ଦେଖିଥିବା ଶିକ୍ଷୟିତ୍ରୀ ନିବେଦିତା ନାୟକ ଠିକ୍ ଭାବେ ଖାତା ନଦେଖି ତାଙ୍କୁ ପ୍ରତିଯୋଗୀତାରୁ ବଂଚିତ କରିଥିଲେ । ଏଥିରେ ଛାତ୍ରୀ ଜଣକ ମାନସିକ ଆଘାତ ପାଇ ୩ଦିନ ଧରି ବିଦ୍ୟାଳୟ ଯାଇ ନଥିଲା । ଘଟଣା ଜାଣିବା ପରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଛାତ୍ରୀର ପିତା. ବିଇଓ ଙ୍କ ନିକଟରେ ଏହି ଅଭିଯୋଗ କରିଥିଲେ । ପରେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ବିଇଓ । ତେବେ ସିଆରସିସି ଘଟଣାର ତଦନ୍ତ କରିଥିବା ବେଳେ ଘଟଣା ସତ୍ୟ ହୋଇଥିଲେ ଆାବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି କହଛନ୍ତି ବିଇଓ ସୁବାସଚନ୍ଦ୍ର ବିଶ୍ୱାଳ ।


ଶାରଦୀୟ ଅଭିନନ୍ଦନ

ଡ. ହରପ୍ରସନ୍ନ ତ୍ରିପାଠୀ
ବରିଷ୍ଠ ଚର୍ମରୋଗ ବିଶେଷଜ୍ଞ,
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଖୋର୍ଦ୍ଧା

ଶ୍ରୀମତୀ ରାକ୍ଷୀ ମିଶ୍ର
ବରିଷ୍ଠ ଆଇନଜୀବୀ,
ଉଚ୍ଚ ନ୍ୟାୟାଳୟ, କଟକ, ଓଡ଼ିଶା

ରାଜ୍ୟର ଅନ୍ୟତମ ଅଗ୍ରଣୀ ଦୈନିକ ଖବରକାଗଜ 'ସମୟ'ର ୨୮ତମ ବାର୍ଷିକ ଉତ୍ସବ ଅବସରରେ ଖବରକାଗଜ 'ସମୟ'ର ସମ୍ପାଦକ କାର୍ଯ୍ୟକର୍ତ୍ତା, ଖବରଦାତା, ପାଠକ ପାଠିକା ଓ ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ସମସ୍ତେ ସୁସ୍ଥ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ, ସମସ୍ତଙ୍କ ଚଳାପଥ କୁସୁମିତ ହେଉ, ମା' ଜଗତଜନନୀଙ୍କ ନିକଟରେ ଆମର ପ୍ରାର୍ଥନା । ॥ ଶୁଭେଚ୍ଛା ସହ ॥

ଆମ ପରିବାର



ସତ୍ୟସାଇ ପାଥୋଲୋଜୀ ଓ ଡ଼ାଇଗ୍ନୋଷ୍ଟିକ୍ ସେଣ୍ଟର

ସମସ୍ତଙ୍କ ଆରୋଗ୍ୟ କାମନା କରିବା ସହ ଦୈନିକ ଖବର କାଗଜ "ସମୟ"ର ରୌପ୍ୟ ଜୟନ୍ତୀ ଅବସରରେ 'ସମୟ'ର ସମ୍ପାଦକ, କାର୍ଯ୍ୟକର୍ତା, ପାଠକ ପାଠିକା ଓ ବିତରକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ସତ୍ୟ ସାଇ ପାଥୋଲୋଜୀ ଓ ଡାଇଗ୍ନୋଷ୍ଟିକ ସେଣ୍ଟର
ନିର୍ଭୁଲ ରିପୋଟର ନିର୍ଭର ଯୋଗ୍ୟ ପାଥୋଲୋଜୀ
ଚଣ୍ଡି ତୁଆ ଛକ, ନୟାଗଡ଼ ରୋଡ , ଖୋର୍ଦ୍ଧା ।
ଏଠାରେ ସମସ୍ତ ପ୍ରକାର ସିବିସି, ମଳ,ମୁତ୍ର ,ରକ୍ତ ଓ ପିଏଫ୍‌ଟି. ଏଣ୍ଡୋସକ୍ସୋପି, ଡ଼ିଜିଟାଲ ଏକ୍ସରେ, ପରୀକ୍ଷା କମ୍ପ୍ୟୁଟର ଦ୍ୱାରା କରାଯାଏ ।
ପ୍ରୋ-ରାସ ବିହାରୀ ବିଶ୍ୱାଳ
ଦୂରଭାଷ-୯୮୬୧୦୩୨୮୨୮



Elevate your health experience at BP Laboratory ! Explore precise pathology and radiology services (Digital X-ray, CT scan, Ultrasound & Endoscopy) to cater all your diagnostics needs under one roof and experience the unmatched quality accuracy and reliability we are known for Your well being is our commitment!!

ISO 9001 : 2015
BP LABORATORY
A Unit of Bidyut Prava Healthcare Pvt. Ltd.
A Complete Medical Diagnostic Center
Mangalabag, Cuttack - 753001
Ph.: 0671- 2424684, 2414444, 2414555, Mob.: 8249674608, 7848088423



ଶଙ୍କଟ ମୋଚନ ଅଲଟ୍ରାସାଉଣ୍ଡ କ୍ଲିନିକ୍

ଓଡ଼ିଶାର ଅଗ୍ରଣୀ ଖବର କାଗଜ 'ସମୟ'ର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଅଗଣିତ ପାଠପ ପାଠିକା ଖବର କାଗଜର ସମ୍ପାଦକ, କାର୍ଯ୍ୟକର୍ତା, ଖବର ଦାତା, ବିତରକମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା

ପୁଅ ହେଉ ଅବା ଝିଅ
"ଗୋଟିକରେ ପୂର୍ଣ୍ଣଛେଦ ଦିଅ"
ଚଣ୍ଡିତୁଆ ଛକ, ନୟାଗଡ଼ ରୋଡ , ଖୋର୍ଦ୍ଧା ।
(ଏଠାରେ ଭ୍ରୁଣ ନିରୁପଣ କରାଯାଏ ନାହିଁ)
ପ୍ରୋ- କୁନା
ଦୂରଭାଷ-୦୬୭୫୫-୨୨୦୨୭୫
ମୋ-୯୬୫୮୨୫୦୬୨୮

ଖୋର୍ଦ୍ଧାର ସର୍ବ ପୁରାତନ ନିର୍ଭର ଯୋଗ୍ୟ ଅଲଟ୍ରାସାଉଣ୍ଡ କ୍ଲିନିକ୍



ଶୁଭେଚ୍ଛା ବାର୍ତ୍ତା

'ସମୟ'ର ୨୮ତମ ସ୍ୱନକ୍ଷତ୍ର ପାର୍ବଣ ଅବସରରେ କୋରୁଅ, ନାଉଗାଁର ସମସ୍ତ ଜନସାଧାରଣଙ୍କ ସୁଖ, ଶାନ୍ତି ଓ ନିରାମୟ ଜୀବନ କାମନା କରୁଅଛି ।

ନକୁଳ ଚନ୍ଦ୍ର ବିଶ୍ୱାଳ
ସମାଜସେବୀ
ଏନ୍‌ସି ମେରାଇନ
କୋରୁଅ, ନାଉଗାଁ, ଜଗତସିଂହପୁର



(OMBBS)
OM BHURBHUVAH SWAH
Residential-Cum-Day Scholar (+2Sc./Arts) Higher Secondary School
Own Campus, Tulu Road, Konisi, Berhampur
Cell: 8249031056, 9692486379, 9037553384
B.Sc. nursing
COURSES OFFERED



3000 + RECRUITMENTS SINCE 2001
SAMANTROY ACADEMY
BANK - RAILWAY - SSC
ARMY - NAVY - AIR FORCE
ODISHA POLICE, OPSC & OSSC
DEBESH SAMANTROY : 9861077371, 9090699770
Cell : 8249962287, 7978944895, 9090205131, 9861567963, 9583854271


## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ଯାଜପୁର, (ସବ୍ୟୁ) : ଦଶରଥପୁର ବ୍ଲକ ଅନ୍ତର୍ଗତ ରିଜିଓନାଲ କଲେଜ ରାମବାଗର ଅଧ୍ୟାପକ ଅଧ୍ୟାପିକା ଓ ଶିକ୍ଷାକର୍ମଚାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ କଲେଜର ଅଧ୍ୟକ୍ଷ ଡଃ ଶାନ୍ତନୁ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ରିଜିଓନାଲ ଡିଗ୍ରୀ କଲେଜର ଅଧ୍ୟକ୍ଷ ପ୍ରମୋଦ କୁମାର ମହାନ୍ତି ଯୋଗଦେଇଥିବା ବେଳେ ପ୍ରାକ୍ତନ ଅଧ୍ୟାପକ ରଣଜିତ୍ କୁମାର ସିଂ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉକ୍ତ ଉତ୍ସବରେ ମନସ୍ତତ୍ତ୍ୱ ବିଭାଗର ଅଧ୍ୟାପିକା ରଶ୍ମିବାଳା ମହାପାତ୍ର, ଡେମୋନ୍ ଷ୍ଟ୍ରେଟର ଗୁଫ୍‌ରାନ୍ ଅଲ୍ଲିଖାଁ, ବିଜ୍ଞାନାଗାର ସହାୟକ ଶଶିଭୂଷଣ ମଲ୍ଲିକ, ଭରତ ଚନ୍ଦ୍ର ରଉତଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପକ ଜଗନ୍ନାଥ ପରିଡ଼ା ଓ ଅଧ୍ୟାପକ ଡଃ କୈଳାସ ଚନ୍ଦ୍ର ବେହେରା ସଞ୍ଚାଳନ କରିଥିଲେ। ଅଧ୍ୟାପକ ଜଳଧର ନନ୍ଦ ପରମେଶ୍ୱର ନାୟକ, ନୃସିଂହ ଚରଣ ହାତୀ, ସ୍ମୃତିରଂଜନ ସାମଲ, ଅଧ୍ୟାପିକା ପ୍ରଭାତୀ ମହାନ୍ତି, ମମତା ମିଶ୍ର, ମଞ୍ଜୁଶ୍ରୀ ମହାନ୍ତି, ଅନ୍ନପୂର୍ଣ୍ଣା ପତି, ଦିପ୍ତିମୟୀ କର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଦାୟ ସଂଗୀତ ମାଧ୍ୟମରେ ଭାବ ବିହ୍ୱଳ ପରିବେଶ ମଧ୍ୟରେ ଏହି ବିଦାୟ କାଳୀନ ଉତ୍ସବ ସମ୍ପନ୍ନ ହୋଇଥିଲା। ଅଧ୍ୟାପିକା ସ୍ମିତାପ୍ରଭା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### AFFIDAVIT

By virtue of an affidavit before Executive Magistrate, Cuttack, I Smt. Sharmistha Acharya, W/o- Sri Nalinikanta Mohanty permanent resident of Gandarpur New Colony, P.O- College Square, P.S- Chauilaganj, City/Dist- Cuttack state that my actual name is **Sharmistha Acharya** but in my minor daughter **Baishnabi Mohanty**'s Birth Certificate issued by CMC, Cuttack my name wrongly mentioned as Sharmistha Mohanty. Hence **Sharmistha Acharya** and **Sharmistha Mohanty** is one and same person is one and same person.


ଶୁଭେଚ୍ଛା ବାର୍ତ୍ତା

ଦୈନିକ 'ସମୟ' ର ୨୮ତମ ସ୍ୱନକ୍ଷତ୍ର ଦିବସ ଏବଂ ଶାରଦୀୟ ପୂଜା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଆର୍. ମୁରଲୀ ମୋହନ
ଅର୍ବାନ ବ୍ୟାଙ୍କ
ପ୍ରେସିଡେଣ୍ଟ

ଶ୍ରୀମତୀ ଆର. ପାବନୀ
କର୍ପୋରେଟର ୱାର୍ଡ ନଂ-୧୫
ବ୍ରହ୍ମପୁର ମହାନଗର ନିଗମ



BALAJI
Diagnostic & Research Center
Courtpeta Square, Opp. Jagannath Temple, Berhampur

Facilities Available
- 1.5 T MRI
- C.T. Scan
- EEG, Spirometry (PFT)
- ECG, TMT
- All Pathological & Bio Chemical Tests
- Ultra Sound
- QBC, HP Studies, FNAC
- Thyriod Tests
- Micro-Biological Tests (Urine, Stool & Blood Culture)
- Colour Doppler
- Echo Cardiography
- Other Hoirmonal Studies (T3, T4, TSH within 12 hours)
- Digital X-Ray
- Video Endoscopy
- Digital X-Ray OPG

Phone : Reception - 7377919553, 9438767595, Reporting - 9040049692
Website : www.balajidiagnostic.com, E-mail : rajshree.satapathy@rediffmail.com



ଶୁଭେଚ୍ଛା ବାର୍ତ୍ତା

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବୈପାରିଗୁଡ଼ା

ବୈପାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସ୍ୱଛତା ହିଁ ସେବା କାର୍ଯ୍ୟକ୍ରମ ପାଳନ କରାଯାଉଛି । ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇ ସଫଳ କରିବାକୁ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ ।



ଡା. ବିଶ୍ୱଜିତ ଭୂୟାଁ
ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ



ଶୁଭେଚ୍ଛା ବାର୍ତ୍ତା

ଦୈନିକ 'ସମୟ' ର ୨୮ତମ ସ୍ୱନକ୍ଷତ୍ର ଦିବସ ଏବଂ ଶାରଦୀୟ ଦୁର୍ଗାପୂଜା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଶ୍ରୀମତୀ ସଙ୍ଘମିତ୍ରା ଦଳାଇ
ମେୟର, ବ୍ରହ୍ମପୁର ମହାନଗର ନିଗମ ତଥା ଗଞ୍ଜାମ ଜିଲ୍ଲା ମହିଳା ସଭାପତି

ଇଂ. ବିବେକ ରେଡ୍ଡୀ
ଡେପୁଟୀ ମେୟର, ବ୍ରହ୍ମପୁର

ଭୀମସେନ ଦଳେଇ
ଜିଲ୍ଲା ଉପସଭାପତି



With Best Wishes From :
SAI PR
Public Relation, Corporate Advisory Service & Events
Sai Communications & PR

# ପାରାଦୀପ ରିଫାଇନାରୀରେ ଗାନ୍ଧି ଜୟନ୍ତୀ



ପାରାଦୀପ ,( ଜି. ପ୍ର ) ମହାତ୍ମା ଗାନ୍ଧୀଙ୍କ ୧୫୫ତମ ଜନ୍ମ ବାର୍ଷିକୀକୁ ଦେଶଭକ୍ତି ଏବଂ ଉତ୍ସାହ ସହିତ ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ ପାଳନ କରାଯାଇଛି । ଏହି ଅବସରରେ ବରିଷ୍ଠ ଅଧିକାରୀ, ସଂଗଠନର ସଦସ୍ୟ ତଥା ଅନ୍ୟ ଅତିଥିମାନଙ୍କ ଉପସ୍ଥିତିରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ କୌଶିକ ବସୁ ପୁଷ୍ପମାଲ୍ୟ ଅର୍ପଣ କରି ବାପୁଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଗାନ୍ଧିଜୀଙ୍କ ଶିକ୍ଷାକୁ ମନେ ପକାଇ ଶ୍ରୀ ବସୁ କହିଥିଲେ ଯେ ସରଳତା, ସତ୍ୟ ଏବଂ ଅହିଂସା ପରି ମୂଲ୍ୟଗୁଡିକ ସମୟ ପରୀକ୍ଷିତ ଏବଂ ଚିରସ୍ଥାୟୀ ଅଟେ । ମହାତ୍ମା ଗାନ୍ଧୀ ସ୍ୱଚ୍ଛତାର ଜଣେ ଦୃଢ ପ୍ରୋତ୍ସାହକ ଥିଲେ ଏବଂ ଆମେ ସମସ୍ତେ ଆମର ଦୈନନ୍ଦିନ ଜୀବନରେ ସ୍ୱଚ୍ଛତାର ମୂଲ୍ୟବୋଧକୁ ଉପଲବ୍ଧି କରିବା ଉଚିତ୍ ବୋଲି ସେ କହିଥିଲେ । ଶ୍ରୀ ବସୁ ସମସ୍ତଙ୍କୁ ସ୍ୱଚ୍ଛତାର ଶପଥ ପାଠ ମଧ୍ୟ କରାଇଥିଲେ । ଏହି ଅବସରରେ ସ୍ୱଚ୍ଛତାର ବାର୍ତ୍ତା ପ୍ରଚାର କରିବା ପାଇଁ ପାର୍ଶ୍ୱବର୍ତ୍ତୀ ଗ୍ରାମରେ ସ୍ୱଚ୍ଛତାର କେନ୍ଦ୍ରୀୟ ବିଷୟବସ୍ତୁ ଉପରେ ଏକ ନୁକ୍କଡ଼ ନାଟକ ପରିବେଶିତ କରାଯାଇଥିଲା । ସ୍ୱଚ୍ଛତା ହିଁ ସେବା ଅଭିଯାନର ସମାପନକୁ ଚିହ୍ନିତ କରି ଏହି କାର୍ଯ୍ୟକ୍ରମକୁ ସ୍ୱଚ୍ଛ ଭାରତ ଦିବସ ଭାବରେ ପାଳନ କରାଯାଇଥିଲା ।

# ଜଗତସିଂହପୁର ବିଜୁ ଜନତା ଦଳ ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ




ଜଗତସିଂହପୁର, (ସବ୍ୟୁ) : ଜଗତସିଂହପୁର ଜିଲ୍ଲା ସଦର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ପବିତ୍ର ଗାନ୍ଧୀ ଜୟନ୍ତୀରେ ଲୋକ ସଂପର୍କ ପଦଯାତ୍ରାର ଶୁଭାରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ମୁନ୍ନା ଖାଁ, ବରିଷ୍ଠ ବିଜେଡି ନେତା ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ରାଜ୍ୟ ବିଜୁ ଜନତା ଦଳର ମୁଖପାତ୍ର ନାରାୟଣ ପ୍ରସାଦ ଜେନା ପ୍ରମୁଖ ଯୋଗଦେଇ ସଦର ସ୍ଥିତ ଗାନ୍ଧି ଛକ ଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ପଦଯାତ୍ରାରେ ବିଜୁ ଜନତା ଦଳର କର୍ମୀ ଓ ନେତୃବୃନ୍ଦ ଯୋଗ ଦେଇ ସହର ପରିକ୍ରମା କରି ସ୍ଥାନୀୟ ଶାରଦା ମଣ୍ଡପ ଠାରେ ପହଞ୍ଚିଥିଲେ । ପରେ ଜିଲ୍ଲା ବିଜେଡି ଉପସଭାପତି ଦିପ୍ତି ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବରିଷ୍ଠ ବିଜେଡି ନେତା ଚିରଞ୍ଜୀବ ବିଶ୍ୱାଳ କହିଲେ ଯେ ଏହି ପଦଯାତ୍ରା ହେଉଛି ଲୋକ ସଂପର୍କର ଯାତ୍ରା ।ଲୋକମାନଙ୍କ ସହିତ ମିଶି ତାଙ୍କର ସୁଖଦୁଃଖର ସାଥୀ ହେବା ପାଇଁ ଏହି ପଦଯାତ୍ରାର ଉଦ୍ଦେଶ୍ୟ ।ଏହା ସହିତ ସଂଗଠନକୁ ଆହୁରି ସୁଦୃଢ କରିବାର ଲକ୍ଷ୍ୟ ନେଇ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ସବୁବେଳେ ଶଙ୍ଖ ଭବନରେ ନେତା ଓ କର୍ମୀଙ୍କୁ ଦିର୍ଗଦର୍ଶନ ଦେଇଥାନ୍ତି । ଦଳ କିଛିମାତ୍ରାରେ ହାରିଯାଇଥିଲେ ହେଁ ଦଳକୁ ମଜବୁତ କରି ରଖିବା ପାଇଁ ବିଜୁ ଜନତା ଦଳ ପ୍ରୟାସ ଜାରି ରଖିଛି ।ଓଡିଶାର ଲୋକେ ଆଗାମୀ ଦିନରେ ମନରେ ପରିବର୍ତ୍ତନ ଆଣିବେ ବୋଲି କହିଥିଲେ ଚିରଞ୍ଜୀବ ।ଏହି ସଭାରେ ପୁର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗ ଦେଇ କହିଲେ ଆଜି ଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଦୁଇଟି ପର୍ଯ୍ୟାୟରେ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ।ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଠାରୁ ଆରମ୍ଭ କରି ବିକାଶ ପୁରୁଷ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ପ୍ରତ୍ୟେକ ବର୍ଷ ଏହି କାର୍ଯ୍ୟକ୍ରମ କରାଯାଏ ।ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଜୁ ଜନତା ଦଳର କର୍ମୀ ଓ ନେତାମାନେ ସାଧାରଣ ଲୋକମାନଙ୍କ ଘରେ ପହଞ୍ଚି ସରକାରୀ ବ୍ୟବସ୍ଥା କିପରି ଲୋକମାନଙ୍କ ଘରେ ପହଞ୍ଚିବ, ସେମାନଙ୍କର ସମସ୍ୟା କଣ ରହିଛି ସେ ବାବଦରେ ଆଲୋଚନା କରିବା ସହତ ସମାଧାନ କରିବାର ବାଟ ବାହାର କରାଯାଇଥାଏ ।ଏହିଭଳି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବିଜୁ ଜନତା ଦଳ ସବୁବେଳେ ଲୋକମାନଙ୍କ ସହିତ ରହିଥାଏ ।ଆଜି ବି ବିଜୁ ଜନତା ଦଳ ଲୋକମାନଙ୍କ ସହିତ ରହିଛି ଓ ଆଗାମୀ ଦିନରେ ରହିବ ବୋଲି ପୁର୍ବତନ ବିଧାୟକ କହିଥିଲେ ।ସରକାର ପରିବର୍ତ୍ତନ ହୋଇଛି ବୋଲି ପ୍ରଶ୍ନରେ ପ୍ରଶାନ୍ତ ମୁଦୁଲି କହିଥିଲେ ଯେ ଦୀର୍ଘ ୨୫ ବର୍ଷର ଶାସନ ବ୍ୟବସ୍ଥାରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସାମାନ୍ୟ ପରିବର୍ତ୍ତନରୁ ବୃହତ୍ତ ପରିବର୍ତ୍ତନ ବା ଶାସନର ପରିବର୍ତ୍ତନ ହୋଇଛି । ଏହି ପରିବର୍ତ୍ତନ ପରେ ଏହି ୪ ମାସ ମଧ୍ୟରେ ଓଡିଶାର ଲୋକେ ହୃଦୟଙ୍ଗମ କଲେଣି ଯେ ସେମାନେ ଯେଉଁ ନିଷ୍ପତ୍ତି ନେଇଥିଲେ ତାହା ଆଜି ଭୁଲ ପ୍ରମାଣିତ ହୋଇଛି । ନୂଆ ସରକାରଙ୍କ ଠାରୁ ଯାହା ଆଶା କରୁଥିଲେ ତାହା ଆଜି ପ୍ରତାରଣାରେ ପରିଣତ ହୋଇଛି । କୌଣସି କ୍ଷେତ୍ରରେ ଏବେର ସରକାର ସାମାନ୍ୟତମ ସଫଳତା ପାଇପାରିନାହିଁ । ପୁଣିଥରେ ବିଜୁ ଜନତା ଦଳ ଲୋକମାନଙ୍କ ପାଖକୁ ଯାଉଛି ଓ ଯିବ । ପଞ୍ଚାୟତିରାଜ ବ୍ୟବସ୍ଥାରେ ବିଜୁ ଜନତା ଦଳ ରହିଛି ।ଆଗାମୀ ଦିନରେ ପରିବର୍ତ୍ତନ ହେବ ବୋଲି କହିଥିଲେ ପ୍ରଶାନ୍ତ ମୁଦୁଲି ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଜଗତସିଂହପୁର ବ୍ଲକ ଅଧ୍ୟକ୍ଷା କନକପ୍ରଭା ଲେଙ୍କା,ଉପାଧ୍ୟକ୍ଷ ରତି ରଞ୍ଜନ ବେହେରା, ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଯୋଗ ଦେଇ ବିଜୁ ଜନତା ଦଳକୁ ଆହୁରି ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତ ରଞ୍ଜନ ରାଉଳ, ବିବେକାନନ୍ଦ ବେହେରା, ମମତା ପରିଡା, ଇତୁ ବାବୁ, କାଳନ୍ଦୀ ପତି,ଦିଲ୍ଲିପ ଲେଙ୍କା, ସୁଜିତ ପୁହାଣ, ଦିଲ୍ଲିପ ସିଂହ, ଅଦ୍ୱୈତ ଜେନା, ପ୍ରଶାନ୍ତ ବେହେରା,ନଗର ବିଜେଡି ସଭାପତି ପ୍ରୀୟବ୍ରତ ମହାପାତ୍ର, ଜିଲ୍ଲା ଛାତ୍ର ବିଜେଡି ସଭାପତି ସମିତ ଲେଙ୍କା, ବ୍ଲକ ମହିଳା ବିଜେଡି ସଭାପତି ପ୍ରଭାତି ମହାନ୍ତି, ରାଜୀବ ବେହେରା, ସମ୍ବିତ ମହାନ୍ତି, କାଳନ୍ଦୀ ସ୍ୱାଇଁ, ପ୍ରତ୍ୟୁଷ ପରିଡାଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ସମସ୍ତ କାଉନସିଲର, ସମସ୍ତ ୱାର୍ଡର ସଭାପତି, ପଞ୍ଚାୟତସ୍ତରୀୟ ନେତା ଓ କର୍ମୀମାନେ ଉପସ୍ଥିତ ରହିଥିଲେ ।

# ସଚେତନତା ଶୋଭାଯାତ୍ରା ଓ ପଥପାନ୍ତ ସଭା

ତିର୍ତ୍ତୋଲ,(ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସ ଅବସରରେ ପାଳିତ ହେଉଥିବା ସେବାପକ୍ଷ ଅବସରରେ ସ୍ୱେଚ୍ଛାସେବୀ ସଙ୍ଗଠନ 'ରୋଶନୀ' ଓ 'ଜନଶିକ୍ଷଣ ସଂସ୍ଥା ଜଗତସିଂହପୁର ଆନୁକୂଲ୍ୟରେ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗରାମ ପଞ୍ଚାୟତ ବଡିଜଙ୍ଗା ଗ୍ରାମରେ ଏକ 'ସ୍ୱଚ୍ଛତା ହିଁ ସେବା' ଓ ପରିବେଶ ସୁରକ୍ଷା ଜନସଚେତନତା ଶୋଭାଯାତ୍ରା ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଗ୍ରାମର ନୃସିଂହନାଥ ମନ୍ଦିର ପରିସରରେ ବିଭିନ୍ନ ଫଳ ଚାରା ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜନଶିକ୍ଷଣ ସଂସ୍ଥାର ନିର୍ଦ୍ଦେଶକ ଧୀରେନ୍ଦ୍ର ମଲ୍ଲିକ, ଶଶୀଭୂଷଣ ଷଡଙ୍ଗୀ, ସମାଜସେବୀ ଚିତ୍ତରଞ୍ଜନ ଦାସ, ରୋଶନୀର ସମ୍ପାଦିକା ତଥା କୃଷକ ମୋର୍ଚ୍ଚାର ରାଜ୍ୟ ସଂଯୋଜିକା ଜୟଲକ୍ଷ୍ମୀ ମହାନ୍ତି, ଜିଲା କୃଷକ ମୋର୍ଚ୍ଚାର ସଭାପତି ତପନ ବେହେରା, ଜଗନ୍ନାଥପୁର ମଣ୍ଡଳ ସଭାପତି ସୁନନ୍ଦ ବିଶ୍ୱାଳ, ପଞ୍ଚାୟତ ପ୍ରମୁଖ ପ୍ରଶାନ୍ତ ପଣ୍ଡା. ବିଭୂତି ଭୂଷଣ ଆଚାର୍ଯ୍ୟ, ଧ୍ରୁନଚନ୍ଦ୍ର ମଲ୍ଲ, ସୁବାସ ପଟ୍ଟନାୟକ, ଭରତ ନାୟକ, ପ୍ରଭାକର ଦାସ, ତାପସ ସ୍ୱାଇଁ, ଅନୂସୟା ତାରେଣିଆ, ଦିଲୀପ ମହାନ୍ତି, ଦିପ୍ତୀମୟୀ ବେହେରା, ସ୍ୱାଗତିକା ଦାସ, ବନିତା ସ୍ୱାଇଁ, ଲିଲିବାଳା ନାୟକ, ଶ୍ରଦ୍ଧାଞ୍ଜଳୀ ଓଝା, ସୁଜାତା ପରିଡା ପ୍ରମୁଖ ଯୋଗ ଦେଇଥିଲେ ।

# ମହିଳାଙ୍କ ମୃତ୍ୟୁ, ସ୍ୱାମୀ ଅଟକ

କୁଆଖିଆ, (ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାର ଗ୍ରାମ୍ୟ ବ୍ୟାଙ୍କ ନିକଟରେ ଏକ ଭଡା ଘରେ ରହୁଥିବା ଜନୈକା ମହିଳାଙ୍କ ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି । ମୃତକ ମହିଳା ଜଣକ ହେଲେ ଭୋଟକା ପଂଚାୟତ ସତ୍ୟରଂଜନ ବେହେରାଙ୍କ ସ୍ତ୍ରୀ ଦିପାଳୀ ରାଉତ । ଭୋଟକା ଗ୍ରାମର ବିଷ୍ଣୁ ଚରଣ ବେହେରାଙ୍କ ପୁଅ ସତ୍ୟରଂଜନ ବେହେରା ସେହି ଗ୍ରାମର କୈଳାସ ରାଉତଙ୍କ ଝିଅ ଦିପାଳୀ ରାଉତଙ୍କୁ ଭଲପାଇ ୨ ବର୍ଷ ତଳେ ବିବାହ କରିଥିଲେ । ବିବାହ ପରେ ପାରିବାରିକ ଅମେଳରୁ ଉଭୟ ଆସି କୁଆଖିଆ ଗ୍ରାମ୍ୟ ବ୍ୟାଙ୍କ ନିକଟରେ ଏକ ଭଡା ଘର ନେଇ ରହୁଥିଲେ । ଗତ କାଲି ଦିପାଳୀର ପରିବାର ଲୋକେ ଦିପାଳୀକୁ ଫୋନ କରିବାରୁ ସେ ଫୋନ ଉଠାଇନଥିଲା । ତା ପରେ ସ୍ୱାମୀ ସତ୍ୟରଂଜନକୁ ଫୋନ କରିଥିଲେ । ଫୋନରେ ସତ୍ୟରଂଜନ ସନ୍ତୋଷଜନକ ଉତର ନଦେବାରୁ, ଏହାପରେ ଦିପାଳୀର ପରିବାର ଲୋକେ ଆସି ଭଡାଘରେ ଦେଖିବାପରେ ଦିପାଳୀକୁ ତାର ସ୍ୱାମୀ ହତ୍ୟା କରିଛି ବୋଲି ଅଭିଯୋଗ କରିଥିଲେ । କୁଆଖିଆ ଥାନାଅଧିକାରୀ ଅନିରୁଦ୍ଧ ନାୟକ କେସ୍ ନଂ-୪୧୨ରେ ଏକ ମାମଲା ରୁଜୁ କରି ଅନୁସନ୍ଧାନ ପାଇଁ ଏସ.ଆଇ ହେମଲତା ଦାସଙ୍କୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି । ଆଜି ସାଇଂଟିଫିକ୍ ଟିମ ଘଟଣାସ୍ଥଳ ପରିଦର୍ଶନ , ପାରିପାର୍ଶ୍ୱିକ ଅବସ୍ଥିତି ହତ୍ୟାକାଣ୍ଡର କାରଣ ସମ୍ପର୍କରେ ଛାନଭିନ୍ ତଦନ୍ତ କରିଛନ୍ତି । ପୁଲିସ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ଦିପାଳୀ ମୃତ୍ୟୁର ପ୍ରକୃତ ସତ୍ୟାସତ୍ୟ ଜଣାପଡିବବୋଲି ସୁଚନା ଦେଇଛନ୍ତି । ଘଟଣା ପାଇଁ ସ୍ୱାମୀ ସତ୍ୟରଂଜନ ଥାନାରେ ଅଟକଥିବା ଜଣାଯାଇଛି ।

# ମହିଳାଙ୍କ ଋଣ ଟଙ୍କା ହଡପ ଯୁବକ ଫେରାର

ରତ୍ନଗିରି,(ସବ୍ୟୁ) : ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବେଞ୍ଜରାପୁର ଗ୍ରାମର ମହିଳା ମାନେ ଥାନାରେ ସେମାନଙ୍କ ସାଙ୍ଗରେ ହୋଇଥବା ଋଣ ଅର୍ଥ ଠକେଇ ନେଇ ଲିଖିତ ଅଭଯୋଗ କରିଛନ୍ତି। ଅଭିଯେଗ ଅନୂଯାୟୀ ମନ୍ଦାରୀ ପଂଚାୟତ ବେଞ୍ଜରାପୁର ଗ୍ରାମର ନେପାଳ ମଲ୍ଲିକଙ୍କ ପୁଅ ବିଜେନ୍ଦ୍ର ମଲ୍ଲିକ(୨୭) ସେହି ଗ୍ରାମର ମହିଳା ମାନଙ୍କୁ ବିଭିନ୍ନ ଫାଇନାନ୍ସ କମ୍ପାନି ମାନଙ୍କରୁ ସବସିଡ ମାଧ୍ୟମରେ ଋଣ କରିଦେବାର ଲୋଭ ଦେଖାଇ ସେମାନଙ୍କ ଠାରୁ ଆଧାର କାର୍ଡ, ବ୍ୟାଙ୍କର ବହି ଆଦି ନେଇଥିଲେ। ପରେ ବିଭିନ୍ନ ସଂସ୍ଥାରୁ ଋଣ ଉଠାଇବା ସହିତ ଋଣ ଅର୍ଥରୁ ସବସିଡି ବାବଦ କିଛି କିଛି ମହିଳା ମାନଙ୍କୁ ଦେଇଥିଲେ। ପରେ ବାକି ଅର୍ଥକୁ ବିଜେନ୍ଦ୍ର ନେଇଯାଇଥିଲେ ଓ କହିଥିଲେ ତୁମର ଋଣ ପ୍ରତି ମାସ ସୀଜିଯିବ ତୁମକୁ କିଛି ଦେବାକୁ ପଡିବ ନାହିଁ। କିନ୍ତୁ ଋଣ କିସ୍ତି କିଛି ଦିନ ବିଜେନ୍ଦ୍ର ଠିକ ଭାବରେ ସୁଝିଥିଲେ। ପରେ ରାଜେନ୍ଦ୍ର ଲିସ୍ତ ନେବା ବନ୍ଦ କରିସେଇଥିଲେ। ଋଣ କିସ୍ତି ନ ମିଳିବାରୁ ଫାଇନାନ୍ସ କମ୍ପାନିର କର୍ମଚାରି ମାନେ ମହିଳା ମାନଙ୍କ ଘରକୁ ଆସି ଟଙ୍କା ମାଗିବାରୁ ମହିଳା ମାନେ ବିଜେନ୍ଦ୍ର କୁ ଏହି ବିଷୟରେ ପଚାରିଥିଲେ। ହେଲେ ବିଜେନ୍ଦ୍ର ଆଜି କାଲି କହି ଟଙ୍କା ଦେବାକୁ ସମୟ ଗଡାଇ ଚାଲିଥିଲା।ବୀଜେନ୍ଦ୍ର ଟଙ୍କା ନଦେବାରୁ ଋଣ ଦେଇଥିବା ସଂସ୍ଥା ଋଣ ସୁଜିବାକୁ ତାଗିଦ୍ କରିଥିଲେ। ଯାହାକୁ ନେଇ ମହିଳା ମାନେ ଅଗଷ୍ଟ ୧୫ ତାରିଖ ଦିନ ବରୀ ଥାନାରେ ବୀଜେନ୍ଦ୍ର ନାମରେ ଟଙ୍କା ଠକି ନେଇଥିବା ର ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବରୀ ଥାନା ପକ୍ଷରୁ ବିଜେନ୍ଦ୍ର କୁ ଥାନାକୁ ଡକା ଯାଇଥିଲା। ଥାନାରେ ଜିତେନ୍ଦ୍ର ଏକ ମାସ ମଧ୍ୟରେ ନେଇଥିବା ସମସ୍ତ ଅର୍ଥ ଫେରାଇ ଦେବ ବୋଲି ଲିଖିତ ଆକାରରେ ଦେବା ପରେ ଥାନା ପକ୍ଷରୁ ତାଙ୍କୁ ଛାଡି ଦିଆ ଝାଇଥିଲା। କିନ୍ତୁ ଜୀତେନ୍ଦ୍ର ଲିଖିତ ଆକାରରେ ଟଙ୍କା ଫେରାଇବାକୁ ଦେଇଥିବା ତାରିଖ ଇତି ମଧ୍ୟରେ ପୁରୀ ଯାଇଥିବା ବେଳେ ସେ ମହିଳା ମାନଙ୍କୁ ତାଙ୍କ ଟଙ୍କା ଫେରସ୍ତ କରି ନାହିଁ। ଏହି ବିଷୟରେ ମହିଳା ମାନେ ଥାନାକୁ ଦୌଡି ଦୌଡି ନୟାନ୍ତ ହେବା ପରେ ଆଜି ବରୀ ଥାନାରେ ପୁଣି ଏକ ଅଭିଯୋଗ କରିଛନ୍ତି। ବରୀ ଥାନା ପକ୍ଷରୁ ନ୍ୟାୟ ନ ମିଳିଲେ ତେବେ ଆମେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେବୁ ଓ ତାଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ରହିବୁ ବୋଲି ଅଭଗେଯାଗ କରିଥିବା ମହିଳା ମାନେ କହିଛନ୍ତି ।

# ଜାରକା ରୋଟାରୀ ଓ ଧର୍ମଶାଳା ପ୍ରେସ କ୍ଲବ ପକ୍ଷରୁ ମନ୍ଦିର ସଫେଇ

ଧର୍ମଶାଳା,(ସବ୍ୟୁ) :ପବିତ୍ର ଗାନ୍ଧି ଜୟନ୍ତୀରେ ଜାରକା ରୋଟାରୀ ଓ ଧର୍ମଶାଳା ପ୍ରେସ କ୍ଲବର ମିଳିତ ଉଦ୍ୟମରେ ଧର୍ମଶାଳାର ପ୍ରସିଦ୍ଧ ଶୈବପୀଠ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବେଢା ପରିସରରେ ଆଳିଆ ଆବର୍ଜନା ପଡି ରହି ଦୁର୍ଗନ୍ଧ ସୃଷ୍ଟି ହେଉଥିଲା। ଦୈନନ୍ଦିନ ପ୍ରସାଦ ସେବନ ପରେ ଭକ୍ତମାନେ ଖଲି ପତ୍ର ଗୁଡିକୁ ପାର୍ଶ୍ୱ ଡ୍ରେନରେ ପକାଇ ଦେଉଥିବାରୁ ଏହା ମନ୍ଦିର ପରିବେଶକୁ ନଷ୍ଟ କରିବା ସହ ଦୁର୍ଗନ୍ଧ ସୃଷ୍ଟି କରୁଥିଲା। ଏସବୁକୁ ଦୃଷ୍ଟିରେ ରଖି ରୋଟାରୀ କ୍ଲବ ସଭାପତି ରାଜେନ୍ଦ୍ର ପ୍ରସାଦ ପଲେଇ, ରୋଟାରିଆନ ପ୍ରଦୀପ ବରାଳ, ପ୍ରମୋଦ ସାମଲ, ସୁକାନ୍ତ ସ୍ୱାଇଁ, ପ୍ରଶାନ୍ତ ପୃଷ୍ଟି,ଚକ୍ରଧର ଲେଙ୍କା, ଜୟନ୍ତ ସାହୁ, ହରିହର ପଣ୍ଡା, ଇନରହୁଇଲ କ୍ଲବର ପୁର୍ବତନ ସଭାପତି ମିନତୀ ସାହୁ, ବିଶ୍ୱମିତ୍ରା ସାହୁ, କାଦମ୍ବିନୀ ମିଶ୍ର,ଅରୁଣା ରଶ୍ମୀ ସାମଲ, ଧର୍ମଶାଳା ପ୍ରେସ କ୍ଲବର ସଭାପତି ରମାକାନ୍ତ ଜେନା, ସମ୍ପାଦକ ଅବିନେଶ୍ୱର ଶତପଥୀ,ପୁର୍ଣ୍ଣଚନ୍ଦ୍ର ଶତପଥୀ, ଅଖିଳ କୁମାର ସ୍ୱାଇଁ, ପ୍ରଶାନ୍ତ ଗନ୍ତାୟତ, ମାନସ ରଞ୍ଜନ ଜେନା, ଗିରିଧାରୀ ବେହେରା, ବିକ୍ରମ କେଶରୀ ମହାନ୍ତି ପ୍ରମୁଖ ଏକତ୍ରୀତ ହୋଇ ସଫେଇ ସରଞ୍ଜାମ ଜରିଆରେ ମନ୍ଦିର ପରିସରରେ ଆଳିଆ ଆବର୍ଜନାକୁ ସଫା କରିଥିଲେ।

# କୋର୍ଟ ପରିସରରେ ଗାନ୍ଧୀ ଜୟନ୍ତୀ ପାଳିତ

କେନ୍ଦ୍ରାପଡା,(ସବ୍ୟୁ) :କେନ୍ଦ୍ରାପଡା କୋର୍ଟ ପରିସର ରେ ଜାତିର ପିତା ମହାତ୍ମାଗାନ୍ଧୀ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କର ଜନ୍ମଦିନ ପାଳନ ହୋଇଯାଇଛି । ଜିଲ୍ଲା ଓକିଲ ସଂଘ ସଭାପତି ଧ୍ରୁବ ଚରଣ ଜେନା, ସଂପାଦକ ବ୍ରଜସୁନ୍ଦର ରାଉତ, ସରକାରୀ ଓକିଲ ନିରନ ବଳ ପ୍ରମୁଖ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଜାତିର ପିତା ମହାତ୍ମାଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଶାସ୍ତ୍ରୀଙ୍କର ଆଦର୍ଶ ଜୀବନୀ ଓ ସ୍ୱାଧୀନତା ସଂଗ୍ରାମରେ ଅବଦାନ ଓ ତ୍ୟାଗପୁତ ଜୀବନୀ ଧାରା ଉପରେ ଆଲୋକପାତ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ବହୁସଂଖ୍ୟକ ଆଇନଜୀବି ଓ କର୍ମଚାରୀ ଉପସ୍ଥିତ ଥିଲେ । ସଭା ଶେଷରେ ବରିଷ୍ଠ ଆଇନଜୀବି ରମଣୀ ରନ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ଲଗାଣ ବର୍ଷାରେ କାନ୍ଥପଡି ଘର ଭାଙ୍ଗିଲା, ବୃଦ୍ଧା ଆହତ

ଡେରାବିଶ ,(ସବ୍ୟୁ) : ଡେରାବିଶ ବ୍ଲକ ମଙ୍ଗଳପୁର ପଂଚାୟତ ଅନ୍ତର୍ଗତ ତ୍ରିପୁରାରୀପୁର ଗ୍ରାମରେ ଗତ ଲଗାଣ ବର୍ଷାରେ କାନ୍ଥ ମୂଳ ଭିଜିରହିଥିବାବେଳେ ଏକ ଛପରଘର କାନ୍ଥ ପଡିଯିବାରୁ ଘର ସଂପୁର୍ଣ୍ଣ ଭାଙ୍ଗିଯାଇଥିବାବେଳେ ଘର ଭିତରେ ଥିବା ଜଣେ ବୃଦ୍ଧା ଆହତ ହୋଇଛନ୍ତି । ଘଟଣାରୁ ପ୍ରକାଶ ଯେ ତ୍ରିପୁରାରୀପୁର ଗ୍ରାମର ଭାଗିରଥି ଦାସଙ୍କ ଚାଳଛପର ଘର ଭାଙ୍ଗିଯାଇଥିବାବେଳେ ଉକ୍ତ ଘର ଭିତରେ ଥିବା ତାଙ୍କର ମା କମଳା ଦାସ(୬୫) ଆହତ ହେବାରୁ ପ୍ରଥମେ ଡେରାବିଶ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସା ।ପାଇଁ ଭର୍ତ୍ତୀ କରାଯାଇଛି । କମଳାଙ୍କର ଶରୀରର ବହୁ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିବାବେଳେ ଚିକିତ୍ସାପାଇଁ ଅର୍ଥ ବାଧକ ସାଜିଛି । ଭାଗିରଥି ଜଣେ ଗରିବ ହୋଇଥିବାବେଳେ ସରକାରଙ୍କ ଆବାସ ଯୋଜନାରୁ ଏ ପର୍ଯ୍ୟନ୍ତ ଘର ଖଣ୍ଡେ ପାଇନାହାଁନ୍ତି । ଉଜୁଡି ଯାଇଥିବାଘରେ କୌଣସି ପ୍ରକାର ମୁଣ୍ଡ ଗୁଞ୍ଜି ରହିଥିବା ଭାଗିରଥିଙ୍କୁ ଆବାସ ଯୋଜନାରେ ସାମିଲ୍ କରିବା ସହିତ ଆର୍ଥିକ ସହାୟତା ରାଶି ପ୍ରଦାନ କରେଇବାକୁ ଡେରାବିଶ ତହସିଲ୍ଦାର୍‌ଙ୍କ ନିକଟରେ ଭାଗିରଥି ନିବେଦନ କରିଛନ୍ତି ।

# ବିଭିନ୍ନ ପଞ୍ଚାୟତରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ରଘୁନାଥପୁର, (ସବ୍ୟୁ) : ପବିତ୍ର ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଆଜି ରଘୁନାଥପୁର ବ୍ଲକର ବିଭିନ୍ନ ପଂଚାୟତ କାର୍ଯ୍ୟାଳୟ ମାନଙ୍କରେ ଗ୍ରାମ ସଭା ସହିତ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଦେଇପୁର ପଂଚାୟତରେ ସରପଂଚ ପ୍ରଭାସୀନି ପ୍ରଧାନଙ୍କ ନେତୃତ୍ୱରେ ପଂଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମିତି ସଭ୍ୟ ସରସ୍ୱତୀ ହାଁସଦା ଏବଂ ସ୍ୱୟଂ ସହାୟୀକା ମହିଳା ମାନେ ହାତରେ ଝାଡୁ ଧରି କାର୍ଯ୍ୟାଳୟ ସମ୍ମଖ ଭାଗକୁ ଓଳାଇ ପରିଷ୍କାର କରିବା ସହିତ ଅଳିଆ ଆବର୍ଜନା ମୁକ୍ତ କରିଥିଲେ। ପ୍ରଥମେ କାର୍ଯ୍ୟାଳୟରେ ଗାନ୍ଧିଜୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଥିଲା। ଏହି ଅବସରରେ ପଂଚାୟତ କାର୍ଯାଳୟରେ ଗ୍ରାମସଭା କରାଯାଇ ଆସନ୍ତା ଦିନରେ ପଂଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆ ଯାଇଥିଲା। ଅନୁରୁପ ଭାବେ ଏହି କାର୍ଯ୍ୟକ୍ରମ ସରପଂଚ କିଶୋର ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ରେଢୁଆ ପଂଚାୟତ, ସରପଂଚ ବଟକୃଷ୍ଣ ନାୟକଙ୍କ ନେତୃତ୍ୱରେ ତଅଁରା ପଂଚାୟତ, ସରପଂଚ ସାହେଦା ତବସୁମାଙ୍କ ନେତୃତ୍ୱରେ ବିଦ୍ୟାଧରପୁର ପଂଚାୟତ, ସରପଂଚ ସୁଚିତ୍ରା ପଣ୍ଡାଙ୍କ ନେତୃତ୍ୱରେ ରଘୁନାଥପୁର ପଂଚାୟତ, ସରପଂଚ ଜଗବନ୍ଧୁ ମଲ୍ଲିକଙ୍କ ନେତୃତ୍ୱରେ ଜଗନ୍ନାଥପୁର ପଂଚାୟତ, ସରପଂଚ ମନୋଜୀନି ସାହୁଙ୍କ ନେତୃତ୍ୱରେ ଗୁଆଳିପୁର ପଂଚାୟତ, ସରପଂଚ ସୁଶୀଳ ବାରିକଙ୍କ ନେତୃତ୍ୱରେ ରାଢଙ୍ଗ ପଂଚାୟତ, ସରପଂଚ ଧର୍ମାନନ୍ଦ ସେଠୀଙ୍କ ନେତୃତ୍ୱରେ ଏରଡଙ୍ଗା ପଂଚାୟତ, ସରପଂଚ ସୁଷମା ମଲ୍ଲିକଙ୍କ ନେତୃତ୍ୱରେ ତାରପୁର ପଂଚାୟତ, ସରପଂଚ ନଳିନୀପ୍ରଭା ମୁଦୁଲୀଙ୍କ ନେତୃତ୍ୱରେ ଧରାଧରପୁର ପଂଚାୟତରେ ଅନୁଷ୍ଠିତ ହୋଇଥିଲା।

## ଅଜଣା ଗାଡି ପଛରେ କାର ଦୁର୍ଘଟଣା

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ପାଣିକୋଇଲି ଓଭରବ୍ରିଜ ଉପରେ ଆଜି ଅପରାହ୍ନରେ ଏକ ଅଜଣା ଗାଡି ପଛରେ କାର ଧକ୍କା ହେବାରୁ କାରଟି ଚୁରମାର ହୋଇଥିଲେ ହେଁ ସାମାନ୍ୟ ଆହତ ହୋଇଛନ୍ତି । ପ୍ରକାଶଯେ ଭୁବନେଶ୍ୱରରୁ ଭଦ୍ରକ ଅଭିମୁଖେ ଏକ ହେଣ୍ଡା ଆମ୍ଲା କାରରେ ଜୟନ୍ତ କୁମାର ଦାସ ଓ ଲିଂଗରାଜ ଓଝା (ଆର୍ମି ଅଧିକାରୀ) ଭଦ୍ରକ ଯାଉଥିବା ସମୟରେ ଓଭରବ୍ରିଜ ଉପରେ ଭାରସାମ୍ୟ ହରାଇ ଏକ ଟ୍ରକ ପଛରେ ଧକ୍କା ହୋଇଥିଲା । ଦୁର୍ଘଟଣା ଦେଖି ଟ୍ରକଟି ଫେରାର ହୋଇଯାଇଥିଲା । ମାତ୍ର କାରଟି ଚୁରମାର ହୋଇ ଅଟକି ରହିଥିଲା । ଘଟଣାସ୍ଥଳେ ରାଜପଥ ପେଟ୍ରୋଲିଂଗ ପୁଲିସ ଓ ପାଣିକୋଇଲି ପୁଲିସ ପହଂଚି ତଦନ୍ତ ଜାରି ରଖିଛନ୍ତି ।

# ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ସାଲେପୁର, (ସବ୍ୟୁ) : ଆଜି ସାଲେପୁର ହାଇସ୍କୁଲର ସଭା ଗୃହରେ ମଣ୍ଡଳ ସ୍ତରୀୟଶିଶୁ ମହୋତ୍ସବ ସୁରଭି - ୨୦୨୪ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ୧୦ ଘଟିକା ସମୟରେ ମଣ୍ଡଳ ଶିକ୍ଷା ଅଧିକାରୀ ଲକ୍ଷେ ହୀରା ଲବନ୍ୟବତୀ ବେହେରା ଉଦଘାଟିତ କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷାଅଧିକାରୀ ଜଗବନ୍ଧୁ ଶତପଥୀ,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିଗମାନନ୍ଦ କର,ବିପିନି ବିହାରି କର, ବିଷ୍ଣୁ ଚରଣ ମିଶ୍ର ,ଅତିରିକ୍ତ ଶିକ୍ଷାଅଧିକାରୀ ଅଶୋକ କୁମାର ପତି ଯୋଗ ଦେଇଥିଲେ । ଏଥିରେ ପ୍ରବନ୍ଧ, ତର୍କ, ବକ୍ତୃତା, ସୁଜନଶିଳ ଲିଖନ, ଡ୍ରଇଂ,ଚିତ୍ରକଳା, ଲୋକନୃତ୍ୟ ପ୍ରତିଯୋଗିତା ମାନଙ୍କରେ ମୋଟ ୧୯ଟି ବ୍ଲକରୁ ୩୯୧ଟି ଛାତ୍ର ଛାତ୍ରୀ ମାନେ ଭାଗ ନେଇଥିଲେ । ଏହି ପ୍ରତିଯୋଗିତାକୁ ସ୍ୱପ୍ନା ନନ୍ଦ ସ୍ୱାଇଁ ,ପ୍ରତାପ ମିଶ୍ର, ଗୌରୀ ଚରଣ ଭୂୟାଁ, କୃଷ୍ଣ ପାଣିଗ୍ରାହୀ,ରମାକାନ୍ତ ମିଶ୍ର, କଳ୍ପତରୁ ପାଢ଼ୀ, ଗତିକୃଷ୍ଣ ବେହେରା, ସୁମନ କାମୀରା, ବିଷ୍ଣୁ ଚରଣ ମିଶ୍ର ,ଶରତ ଦାଶ,ବିପିନି ବିହାରି କର ,ପ୍ରଦ୍ୟୁମ୍ନ ସଢଙ୍ଗୀ,ଅଶୋକ କୁମାର ସାମଲ,କ୍ଷୀରୋଦ କୁମାର ରାଉତ ,ରତ୍ନାକର ମହାପାତ୍ର ,ତାରକାନ୍ତ ମହାପାତ୍ର ,ନିରଞ୍ଜନ ନାୟକ ପ୍ରମୁଖ ବିଚାରପତି ଭାବେ ଯୋଗ ଦେଇଥିଲେ । ସି ଆର ସି ସି ନିବାରଣ ସ୍ୱାଇଁ , ରଞ୍ଜନ ମୋହନ ବେହେରା ,ରମାକାନ୍ତ ପରିଡା,ଅଭୟ ବେହେରା,କେଶବ ବେହେରା,ମାନସ ରାଉତ ,ଦୀନବନ୍ଧୁ ସାହୁ, ମନୋରଞ୍ଜନ ପୃଷ୍ଟି ପରିଚାଳନା କରିଥିଲେ । ଅପରାହ୍ନରେ ଉଦଜାପନୀ ଉତ୍ସବରେ ଲକ୍ଷେ ହୀରା ଲାବଣ୍ୟବତୀ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଶାନ୍ତ ବେହେରା ,ମୁଖ୍ୟ ବକ୍ତା ଭାବେ ପଞ୍ଚାୟତ ସମିତିର ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ ,ସଂମାନିତ ଅତିଥି ଭାବେ ବିବେକା ନନ୍ଦ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ କୁନ୍ତଳା ଖଟୁଆ ,ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଅଧିକାରୀ ଜଗବନ୍ଧୁ ଶତପଥୀ ,ଅତିରିକ୍ତ ଶିକ୍ଷା ଅଧିକାରୀ ଅଶୋକ କୁମାର ପତି ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଜାକି ଅମିନ ସ୍ୱାଗତ ଭାଷଣ ଦେଇଥିବା ବେଳେ ସି ଆର ସି ସି ମୃତ୍ୟୁଞ୍ଜୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ସିଲ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସମସ୍ତ ସି ଆର ସି ସି ସହ ସହଯୋଗ କରିଥିଲେ ।

# ଚଣ୍ଡିଖୋଲ କୋର୍ଟରେ ବରିଷ୍ଠ ନାଗରିକ ଦିବସ ଓ ଗାନ୍ଧୀ ଜୟନ୍ତୀ ପାଳିତ

ଚଣ୍ଡିଖୋଲ,(ସବ୍ୟୁ) : ଯାଜପୁର ଜିଲ୍ଲାର ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନ ସେବା କେନ୍ଦ୍ର ପକ୍ଷରୁ କୋର୍ଟ ପରିସରରେ ବରିଷ୍ଠ ନାଗରିକ ଦିବସ ଓ କୋର୍ଟ ବାର ଆସୁସିଏସନର ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି । ତାଲୁକ କେନ୍ଦ୍ରର ଅଧ୍ୟକ୍ଷ ବିଶ୍ଦୀପକ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବରିଷ୍ଠ ନାଗରିକ ଦିବସ କାର୍ଯ୍ୟକ୍ରମରେ କୋର୍ଟର କନିଷ୍ଠ ବିଚାରପତି ସୁଶ୍ରୀ ପରବିନ ମଣ୍ଡଳ, ସୁଶ୍ରୀ ଶ୍ରୁତି ଅଭିଲାସା ,ବାର ଆସୋସିଏସନ ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶକୁମାର ଦାଶ, ଯୋଗ ଦେଇ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଆଇନରେ ଥିବା ବିଧ ବ୍ୟବସ୍ଥା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ସୁରକ୍ଷା ଏବଂ କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ବାର ଆସୁସିଏସନ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଥିଲା । ସଭା ଆରମ୍ଭ ପୂର୍ବରୁ ଆଇନଜୀବୀ ମାନେ କୋର୍ଟ ପରିସରରେରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀ ଓ ଉତ୍କଳଗୌରବ ମଧୁସୂଦନ ଦାସଙ୍କ



ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ବାର କର୍ମକର୍ତ୍ତା ମାନେ ଛତିଆ ସୋଲର ସ୍ଥିତ ସେବକ ଜରାନିବାସର ଅନ୍ତେବାସୀ ମାନଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାର ଆସୋସିଏସନର ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶକୁମାର ଦାଶ ଆଇନଜୀବୀ

ନଳିନୀକାନ୍ତ ମିଶ୍ର, ସିରିଶ ସାମଲ,ସୁଦର୍ଶନ ଘଡେଇ, ବିଜୟ ରାଉଳ, ଜ୍ୟୋତି ମହାପାତ୍ର, ବେବିନା ଓଝା, ଇନ୍ଦିରା ପ୍ରିୟ ଦର୍ଶିନୀ ଜେନା, ବରିଷ୍ଠ ନାଗରିକ ଯୋଗେନ୍ଦ୍ର ନାୟକ, ଦନାର୍ଦ୍ଦନ ରାଉତରାୟ, ପ୍ରଦୀପ କୁମାର ସାହୁଙ୍କ ସମେତ ବହୁ ଆଇନଜୀବୀ ଓ ବରିଷ୍ଠ ନାଗରିକ ଉପସ୍ଥିତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ପଦଯାତ୍ରା ପରେ ମେଡ଼ିକାଲରେ ଫଳ ବାଣ୍ଟିଲେ



ବ୍ୟାସନଗର ,( ଜି ପ୍ର ): ବିଜେଡ଼ିର ଜନସଂପର୍କ ପଦଯାତ୍ରା ବ୍ୟାସନଗରରେ ଅନୁଷ୍ଠିତ ହୋଇଛି । ନୂଆ ମାର୍କେଟର ଗାନ୍ଧୀ ମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବିଜେଡ଼ି ନେତା ଭବ ପ୍ରସାଦ ଦାସଙ୍କ ସହ ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ, ଉପାଧ୍ୟକ୍ଷ ସୁବାସ ବଳ, ଜିଲା ମହିଳା ସଭାନେତ୍ରୀ ସବିତା ରାଉତ, କାଉନସିଲର, ପ୍ରାକ୍ତନ ପୌରାଧ୍ୟକ୍ଷା ସରୋଜୀନୀ ବଳ, ଯୁବ ସଭାପତି ମନୋଜ ପରିଡ଼ା, ଭବପ୍ରସାଦ ଦାସ, ଦଳୀୟ ନେତା ମହେଶ ଧଳଙ୍କ ସମେତ ଶତାଧିକ କର୍ମୀ ଉକ୍ତ ସ୍ଥାନରୁ ପଦଯାତ୍ରାରେ ଯାଇ ଯାଜପୁର ରୋଡ଼ ମେଡ଼ିକାଲରେ ପହଁଚିଥିଲେ । ମେଡିକାଲରେ ଚିକିତ୍ସାଧିନ ଥିବା ରୋଗୀଙ୍କୁ ଫଳ ବାଣ୍ଟିବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ ।



କଣାସ : ଜଳିଆପଡ଼ା ମା ମଙ୍ଗଳାଙ୍କ ବିଶ୍ୱମୋହିନୀ ବେଶ

# ବ୍ଲକ କଂଗ୍ରେସ ପକ୍ଷରୁ ମହାତ୍ମା ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ପାଳିତ

ଅସ୍ତରଙ୍ଗ,(ସବ୍ୟୁ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବଜାରରେ ଥିବା ଲକ୍ଷ୍ମୀ କୈଲ୍ୟାଣୀ ମଣ୍ଡପଠାରେ ମହାତ୍ମା ଗାନ୍ଧୀ ଓ ଲାଲ୍ ବହାଦୁର ଶାସ୍ତ୍ରୀ ଙ୍କ ଜନ୍ମ ଜୟନ୍ତୀ ଏବଂ କାକଟପୁରର ସ୍ୱାର୍ଗତ ବିଧାୟକ ବୈକୁଣ୍ଠ ନାଥ ସ୍ୱାଇଁଙ୍କ ୨୯ ତମ ଶ୍ରାଦ୍ଧ ଦିବସ, ବରିଷ୍ଠ ନେତା ତଥା ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସୁକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକ ପ୍ରାରମ୍ଭରେ ଗାନ୍ଧୀ ,ଶାସ୍ତ୍ରୀ ଓ ସ୍ୱର୍ଗତ ସ୍ୱାଇଁଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ପରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କାକଟପୁର ବିଶ୍ୱଭୂଷଣ ଦାସ ଯୋଗଦେଇ କୁହୁଡି ଠାରେ ଲବଣ ସତ୍ୟାଗ୍ରହ ପୀଠରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଥିଲେ । ଲକ୍ଷ୍ମୀ କୈଲ୍ୟାଣୀ ମଣ୍ଡପ ଠାରେ ପୂର୍ବତନ ବିଧାୟକ ସ୍ୱର୍ଗତ ବୈକୁଣ୍ଠ ନାଥ ସ୍ୱାଇଁଙ୍କ ଏକ ଶ୍ରଦ୍ଧାଞ୍ଜଳି ସଭାରେ କାକଟପୁର ପାଇଁ ସ୍ୱର୍ଗତ ବୈକୁଣ୍ଠ ବାବୁଙ୍କ ନେତୃତ୍ୱ ଓ ଅବଦାନ ସମ୍ପର୍କରେ ସୂଚନା ଦେଇଥିଲେ । ଉପସ୍ଥିତ ଥିବା ଅନ୍ୟ ବରିଷ୍ଠ ନେତୃମଣ୍ଡଳୀ ବୈକୁଣ୍ଠ ବାବୁ, ବିଧାୟକ ଥିବା ବେଳେ କାକଟପୁର ନିର୍ବାଚନ ମଣ୍ଡଳୀ ପାଇଁ ଯେଉଁ ସବୁ କାର୍ଯ୍ୟ କରିଯାଇଛନ୍ତି ସେ ବିଷୟରେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମର ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ତୁଷାର କାନ୍ତ ନାୟକ, ଯୁବ ନେତା ବିକାଶ କୁମାର ବାରିକ୍, ବିଚିତ୍ରା ନନ୍ଦ ପାଢ଼ୀ, ଜିତେନ୍ଦ୍ର ନାୟକ, ସୁବାଷ ବିଶ୍ୱାଳ, ଲିଟୁ ବିଶ୍ୱାଳ, ପ୍ରତାପ କୁମାର ଖୁଣ୍ଟିଆ, ଦୀନବନ୍ଧୁ ବେହେରା ଓ ରାଜା ସ୍ୱାଇଁଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ ।

# ଅବକାରୀ ଚଢ଼ାଉ: ମଦ ସହିତ ପୋଚ ନଷ୍ଟ

ଆଠଗଡ଼,(ସବ୍ୟୁ): ଆଗକୁ ପାର୍ବଣ । ଏହି ପାର୍ବଣ ଋତୁକୁ ଆଖି ଆଗରେ ରଖି ଅବକାରୀ ବିଭାଗ ତତ୍ପରତା ଦେଖାଇଛି । କଟକ ଜିଲ୍ଲା ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ଉପଅଧିକ୍ଷକ ନିମାଇଁ ଚରଣ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗା ଗ୍ରାମରେ ଅବକାରୀ ବିଭାଗ ଏବଂ ଏନଫୋର୍ସ ଟିମ୍ ମିଳିତଭାବେ ଚଢାଉ କରି ୯୪୫ ଲିଟର ଦେଶୀ ରନ୍ଧା ମଦ ସହିତ ୯୩୪୫ ଲିଟର ମଦ ପୋଚ ନଷ୍ଟ କରାଯାଇଛି ।

ଏହା ସହିତ ଏକ ନମ୍ବର ବିହୀନ ମାରୁତି ସୁଜକୀ ଅଲ୍ଟୋ ଯବତ କରାଯାଇ ତିନୋଟି ମାମଲା ରୁଜୁ କରାଯାଇଛି । ଚଢ଼ାଉରେ ଅବକାରୀ ନୀରିକ୍ଷକ ହେମନ୍ତ ମହାନନ୍ଦିଆ, ଅବକାରୀ ଉପ ନୀରିକ୍ଷକ ଅରୁଣ ଭୋଇ, ଧିରେନ କୁମାର ବେହେରା, ଦିବ୍ୟଜ୍ୟୋତି ସତ୍ୟପ୍ରକାଶ, ପ୍ରମୁଖ ସାମିଲ ହୋଇଥିଲେ ।

# ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ପକ୍ଷରୁ ସଚେତନତା ଶୋଭାଯାତ୍ରା



ପିପିଲି, (ସବ୍ୟୁ): ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ବୁଧବାର ସକାଳେ ପିପିଲି ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ନାରାରେ ଏକ ସଚେତନତା ଶୋଭାଯାତ୍ରା ପିପିଲି ବଜାର ପରିକ୍ରମା କରିଥିଲା । ସଂଗଠନର ସଭାପତି ପ୍ରଭାତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ପିପିଲିର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ଓ ଅନୁଷ୍ଠାନର ସଦସ୍ୟ ସଦସ୍ୟା ଏବଂ ଯୁବକ ମାନେ ଶୋଭାଯାତ୍ରାରେ ସଙ୍କଟ ମୋଚନ ହନୁମାନ ମନ୍ଦିରରୁ ବାହାରି ହାଟଛକ ପର୍ଯ୍ୟନ୍ତ ଯାଇଥିଲା ।

ଏଥିରେ ପିପିଲି ଥାନା ଆଇଆଇସି ସୌମେନ୍ଦୁ ଶେଖର ମିଶ୍ର, ସଂଗଠନ ଉପଦେଷ୍ଟା ଇଂ ରମେଶ ଚନ୍ଦ୍ର ଶତପଥି, ଶିକ୍ଷାବିତ ରଘୁନାଥ ପ୍ରଧାନ, ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣ ଚନ୍ଦ୍ର ନାୟକ ଏବଂ ଡକ୍ଟର ତପନ କୁମାର ନାୟକ ପ୍ରମୁଖ ଯୋଗ ଦେବା ସହିତ ହାଟଛକରେ ଆୟୋଜିତ ସଭାରେ ଗାନ୍ଧୀଜୟନ୍ତୀର ତାତ୍ପର୍ଯ୍ୟ ଏବଂ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସେଠାରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଦଶପଲ୍ଲା, (ସବ୍ୟୁ): ଗାନ୍ଧିଜୟନ୍ତି ଅବସରରେ ସିମିଳିସାହି ପଞ୍ଚାୟତ ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥିଭାବେ ପୂର୍ବତନ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ନାୟକ, ଏନଏସି ଉପାଧକ୍ଷ କିଶୋର ଚନ୍ଦ୍ର ଦାସ, ପୂର୍ବତନ ଜିଲ୍ଲାପରିଷଦ କିଶୋର ଦଳ ବେହେରା, ପଞ୍ଚାୟତର ନାୟବ ସତପଞ୍ଚ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସାଂସଦ ଶ୍ରୀ ପାଣିଗ୍ରାହୀ ଦେଶ ସ୍ୱାଧୀନରେ ସ୍ୱର୍ଗତ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଭୂମିକା ଓ ଭାରତ ବର୍ଷ କି ସ୍ୱାଧୀନ ଆଣିବା ପାଇଁ ଗାନ୍ଧିଜୀଙ୍କ ଆନ୍ଦୋଳନ ସମ୍ପର୍କ ରେ ସ୍ମୃତିଚାରଣ କରିଥିଲେ । ସରପଞ୍ଚ ସଂଜୀବ କୁମାର ପଟନାୟକ ଏହି ସଭାରେ ସଭାପତିତ୍ୱ କରିଥିଲେ । ଏ ଅବସରରେ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସାଂସଦ ଶ୍ରୀଯୁକ୍ତ ପାଣିଗ୍ରାହୀ ସାମିଲ ହୋଇଥିବା ବେଳେ ବିଜେପି କର୍ମୀ ମାନେ ସାମିଲ ହୋଇଥିଲେ ।

# ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

ଭାପୁର, (ସବ୍ୟୁ) : ନୟାଗଡ ଜିଲ୍ଲା ଭାପୁର ବ୍ଲକ ସଦର ମହକୁମା ସ୍ଥିତ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ ପରିସରରେ ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଙ୍କର୍ଷଣ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଚାରକ ମଣ୍ଡଳୀ ଭାବେ ଖୋର୍ଦ୍ଧା ଜିଲ୍ଲା ସାରୁଅ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣେଶ୍ୱର ମିଶ୍ର ଓ କରବର ଉଚ୍ଚ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଉକ୍ତ ଆଲୋଚନା ଚକ୍ର ଶିବିରରେ ବ୍ଲକର ୧୨ଟି ବିଦ୍ୟାଳୟର ୧୨ ଜଣ ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରି ବିଜ୍ଞାନର କୃତ୍ରିମ ବୁଦ୍ଧିମତା :- ଆଶା ଓ ଆଶଙ୍କା ବିଷୟରେ ବକ୍ତୃତା ପ୍ରଦାନ କରିଥିଲେ। ସେମାନଙ୍କ ମଧ୍ୟରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ଆର୍ଯ୍ୟ କୁମାର ଯଜ୍ଞଦତ୍ତ ପ୍ରଥମ, ନଟବର ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମାବତୀର ଛାତ୍ରୀ ପ୍ରୀତି ପ୍ରଜ୍ଞା ଦଳେଇ ଦ୍ୱିତୀୟ, ଭାପୁର ଉଚ୍ଚ ବିଦ୍ୟାଳୟର ଛାତ୍ର ରୁଦ୍ର ମାଧବ ରଣଜତ୍ ସିଂ ତୃତୀୟ ସ୍ଥାନ ହାସଲ କରି ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଉକ୍ତ ଆଲୋଚନା ଚକ୍ର କାର୍ଯକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଦାସ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଶିଶୁ ମହୋତ୍ସବ ସୁରଭି

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଭୁଷଣ୍ଡପୁର କ୍ଲଷ୍ଟର ସ୍ତରୀୟ ସୁରଭି ମହୋତ୍ସବ ସ୍ଥାନୀୟ ରିଫୁଜି ଉଚ୍ଚ ବିଦ୍ୟାଳୟ ଠାରେ ଉଦଯାପିତ ହୋଇଯାଇଛି । ଉକ୍ତ ଉତ୍ସବରେ ଟାଙ୍ଗି ଗୋଷ୍ଠୀ ଶିକ୍ଷାଧିକାରୀ ରବିନ୍ଦ୍ର କୁମାର ସାହୁ, ସହକାରୀ ଗୋଷ୍ଠୀ ଶିକ୍ଷାଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ,ସ୍ଥାନୀୟ ସରପଞ୍ଚ ସୌରଭ କୁମାର ଦାସ ମହାପାତ୍ର,ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ର , ଭୁଷଣ୍ଡପୁର ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ବେହେରା,ଶିକ୍ଷକ ପ୍ରଶାନ୍ତ କୁମାର ରାୟ,ଟାଙ୍ଗି ଶିକ୍ଷକ ପ୍ରତିନିଧି ଅମ୍ଳାନ ପ୍ରହରାଜ, ସିଆରସିସି ସପନ ସର୍ଦାର ,ଶିକ୍ଷକ ବଳରାମ ଦାସ, ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ।ଅପରାହ୍ଣରେ ଉଦଯାପନ ଉତ୍ସବରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀମାନଙ୍କୁ ଅତିଥି ବୃନ୍ଦ ଓ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଗାଇଡ୍ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଉପସ୍ଥିତରେ ପୁରସ୍କୃତ କରିଥିଲେ । ବରିଷ୍ଠ ଓ କନିଷ୍ଠ,ଏହି ଦୁଇଟି ବର୍ଗରେ ପ୍ରତିଯୋଗିତା ଗୁଡିକ ଅନୁଷ୍ଠିତ ହୋଇଥିଲା । ଏଥିରେ କ୍ଲଷ୍ଟରରେ ଥିବା ସମସ୍ତ ବିଦ୍ୟାଳୟର ପ୍ରତିଯୋଗୀମାନେ ତର୍କ, ପ୍ରବନ୍ଧ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା,ଚିତ୍ରାଙ୍କନ,ଚିତ୍ରକଳା ଓ ହସ୍ତକଳା, ସଙ୍ଗୀତ,ସୁନ୍ଦର ହସ୍ତାକ୍ଷର,ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୃତି ପ୍ରତିଯୋଗିତାରେ ଭାଗନେଇ ସେମାନଙ୍କର ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପବିତ୍ର କୁମାର ସାହୁ, ସାଗରିକା ସାହୁ , ମାମିନା ବେହେରା, ସୁଜାତା ମହାପାତ୍ର, ବିଧୁ ଭୂଷଣ ଦାସ ରଶ୍ମିତା ପଟ୍ଟନାୟକ, ଅମ୍ରିତା ପଟ୍ଟନାୟକ, ନିରୁପମା ବାରିକ , ପ୍ରମୁଖ ପରିଚାଳନା କରିଥିଲେ। ।

# ପର୍ଯ୍ୟଟନ ଦିବସରେ ସ୍ୱଚ୍ଛତା ହିଁ ସେବା ଅଭିଯାନ

ବାଲୁଗାଁ (ସବ୍ୟୁ): ସାରା ରାଜ୍ୟରେ ସେପ୍ଟେମ୍ବର ୧୪ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସହରାଞ୍ଚଳରେ ସ୍ୱଚ୍ଛତା ହିଁ ସେବା ଅଭିଯାନ କାର୍ଯ୍ୟକ୍ରମ ଜାରି ରହିଛି । ବିଶେଷ କରି ପରିବେଶ ସୁରକ୍ଷା ଓ ପ୍ରଦୁଷଣ ନିୟନ୍ତ୍ରଣ କରିବା ସହ ରାସ୍ତା ଘାଟ, ପୋଖରୀ, ନର୍ଦ୍ଦମା ଏବଂ ଡ୍ରେନ୍ ଆଦି ସ୍ଥାନରୁ ଅଳିଆ ଆବର୍ଜନା ସଫା କରି ସଚେତନ ସୃଷ୍ଟି କରିବା ଏହାର ମୂଳ ଲକ୍ଷ । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଚିଲିକା ବ୍ଲକ୍ ଏବଂ ବାଲୁଗାଁ ଏନଏସି ପକ୍ଷରୁ ମିଳିତ ଭାବେ ବାଲୁଗାଁ ଚିଲିକା କୂଳ, ବଡ଼କୂଳ ପାନ୍ଥନିବାସ ଜେଟି ଏବଂ କାଳିଜାଇ ପୀଠରେ ସମୁହ ସଫେଇ କାର୍ଯ୍ୟ କରାଯାଇଥିଲା । ପ୍ରଥମେ ବାଲୁଗାଁ ଏନଏସି ପକ୍ଷରୁ ଚିଲିକା କୂଳ ସ୍ଥିତ ଜଳ ହିଁ ଜୀବନ କେନ୍ଦ୍ର ପରିସର ସଫେଇ କରାଯାଇଥିଲା । ପରେ ବଡ଼କୂଳ ଜେଟି ପାର୍ଶ୍ୱ ଚିଲିକା ଅଞ୍ଚଳରୁ ବ୍ଲକ୍ କର୍ତ୍ତୃପକ୍ଷ, ବାଲୁଗାଁ ଏନଏସି ଏବଂ ପାନ୍ଥନିବାସ କର୍ମଚାରୀ ମିଳିତ ଭାବେ ସଫେଇ କାର୍ଯ୍ୟ କରିବା ସହ କାଳିଜାଇଙ୍କ ପୀଠରେ ମଧ୍ୟ ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଚିଲିକା ବ୍ଲକ୍ ବିଡ଼ିଓ ହଳଧର ଶବର, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମଧୁସ୍ମିତା ତ୍ରିପାଠୀ, ଗ୍ରାମ୍ୟ ଜଳ ଓ ପରିମଳ ସହକାରୀ ଯନ୍ତ୍ରୀ ବାସୁଦେବ ଶତପଥି, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ୍ । ଏବଂ ପାନ୍ଥନିବାସ ପରିଚାଳକ ସବ୍ୟସାଚୀ କରଙ୍କ ସମେତ ସମସ୍ତ କର୍ମଚାରୀ ବୃନ୍ଦ ସାମିଲ ହୋଇଥିଲେ ।

# ନିରାଶ କରୁଛି ନିରାମୟ, ୧୨ଘଣ୍ଟା ଖୋଲିବାକୁ ଦାବି

କଣାସ, (ସବ୍ୟୁ) : ସ୍ୱାସ୍ଥ୍ୟ ହିଁ ସମ୍ପଦ ସ୍ୱାସ୍ଥ୍ୟ ବିଭାଗରେ ସୁଧାର ଆଣିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ସାଧାରଣ ଲୋକଙ୍କ ପାଇଁ ଉନ୍ନତ ମାନର ବିଲ୍ଡିଂ ସହିତ ରୋଗୀଙ୍କ ପରୀକ୍ଷା ନିରୀକ୍ଷା ପାଇଁ ଆଧୁନିକ ଯନ୍ତ୍ରପାତି ଓ ମାଗଣାରେ ଔଷଧ ଯୋଗାଇ ଦେଉଛନ୍ତି ।

ହେଲେ ବିଡ଼ମ୍ବନାର ବିଷୟ ପୁରୀ ଜିଲ୍ଲା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ନିରାମୟ ଯୋଜନା ଲୋକଙ୍କୁ ନିରାଶ କରୁଛି । କଣାସ ବ୍ଲକ୍ ଚିଲିକା ନିକଟବର୍ତ୍ତୀ ହୋଇଥିବାରୁ ୨୮ପଞ୍ଚାୟତର ପ୍ରାୟ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି । ଏଠାରେ ନିରାମୟ ଯୋଜନା ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଦିନକୁ ମାତ୍ର ୬ଘଣ୍ଟା ଖୋଲାଯାଇଛି ।ଅଞ୍ଚଳର ପ୍ରାୟ ୯୦ ଭାଗ ଲୋକ ଚାଷ ଉପରେ ନିର୍ଭର କରି ଚଳନ୍ତି । ସାସ୍ଥ୍ୟ ସମସ୍ୟା ହେଲେ ମେଡିକାଲ ଆସିଲା ବେଳକୁ ନିରାମୟ ଯୋଜନା ବନ୍ଦ ହେଇଯାଉଛି । ଗରିବ ଶ୍ରେଣୀର ଲୋକଟିଏ ବାହାରୁ ଔଷଧ କିଣି ଖର୍ଚ୍ଚାନ୍ତ ହେଉଥିବା ରୋଗୀ ଅଭିଯୋଗ କରିଛନ୍ତି ।

ଏନେଇ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ବିଭାଗୀୟ ଅଧିକାରୀ ଓ ରାଜନେତା ନିକଟରେ ଅଭିଯୋଗ କରିଆସୁଛନ୍ତି ନିରାମୟ ୬ଘଣ୍ଟା ପରିବର୍ତ୍ତେ ୧୨ଘଣ୍ଟା ଖୋଲାଯାଉ ଛହେଲେ କୌଣସି ସୁଫଳ ମିଳିନାହିଁ ଛସେପଟେ କଣାସ ଗୋଷ୍ଠୀ ଚିକିତ୍ସା ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରା କହିଛନ୍ତି ଏବିଷୟରେ ଆମେ ଉପରୋକ୍ତ ଅଧିକାରୀ ଓ ସରକାରଙ୍କୁ ଜଣାଇଛୁ ନିରାମୟ ୬ଘଣ୍ଟା ପରିବର୍ତ୍ତେ ୧୨ଘଣ୍ଟା ଖୋଲାଯାଉ ରୋଗୀମାନେ ଉପକୃତ ହୋଇପାରିବେ ।

# ବିଜେଡିର ବିଶାଳ ଜନ ସମ୍ପର୍କ ପଦଯାତ୍ରା

ବାରଙ୍ଗ, (ସବ୍ୟୁ): ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଉତ୍ତର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀର ୱାର୍ଡ ୨୭ ଇନ୍ଦ୍ରଧନୁ ମାର୍କେଟ ପାଖରୁ ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ନେତୃତ୍ୱରେ ବିଜେଡିର ବିଶାଳ ଜନ ସଂପର୍କ ପଦଯାତ୍ରା ଆରମ୍ଭ ହୋଇଯାଇଛି ।




ବିଜେପି ସରକାର କିଭଳି ଭାବେ ସାଧାରଣ ଲୋକଙ୍କ ସହିତ ଛଳନା କରିଛି, ନିର୍ବାଚନ ସମୟରେ ଦେଇଥିବା ପ୍ରତିଶୃତି ପାଳନ ନ କରିବା ଓ ମିଛୁଆ ସରକାରକୁ ଆଗାମୀ ଦିନରେ କିଭଳି ଭାବରେ ରାଜ ରାସ୍ତାରେ ଜବାବ ଦିଆଯିବ ଏବଂ ସାଧାରଣ ଲୋକଙ୍କୁ ସଚେତନ କରାଇବା ସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତେ ବଳରେ ଓଡ଼ିଶାରେ ଦାରିଦ୍ର୍ୟ ହ୍ରାସ ଘଟିବା, ବିଦେଶୀ ପୁଞ୍ଜି ନିବେଶ , ସରକାରଙ୍କ ନିଜସ୍ୱ ପଇସାରେ ଭୁବନେଶ୍ୱର ବାସୀଙ୍କୁ ମେଟ୍ରୋ ପ୍ରକଳ୍ପ ,ମହିଳା ମାନଙ୍କୁ ଶସକ୍ତ କରିବା, ନିରାମୟ ଯୋଜନା, ଆହାର ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଘରେ ଘରେ ୨୪ ଘଣ୍ଟିଆ ପିଇବା ପାଣି , ବସ୍ତି ବାସିନ୍ଦାଙ୍କୁ ଆବାସ ଯୋଜନାରେ ଘର ଯୋଗେଇ ଦେବା, ମୁକ୍ତା ଯୋଜନାରେ ମହିଳାଙ୍କୁ କାମ ଯୋଗାଇଦେବା ବିଷୟରେ ଉପସ୍ଥିତ ଜନ ସାଧାରଣଙ୍କୁ ବିଧାୟକ ଉଦବୋଧନ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ମନ୍ମଥ ରାଉତରାୟ, ପ୍ରତାପ ରାଉତ, ପ୍ରକାଶ ବସ୍ତିଆ, ଡେପୁଟି ମେୟର ମଞ୍ଜୁଲତା କହଁର, କର୍ପୋରେଟର ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ମୋନାଲିସା ବେହେରା, ପୂଜା ବେହେରା, ଭାରତୀ ସିଂ, ମାନସୀ ସୁନ୍ଦରାୟ, ସେକ ନୂର୍ ହାସନ୍, ସୁବାସ ସାହୁ, ସୂର୍ଯ୍ୟକାନ୍ତି ଜେନା, ଅକ୍ଷୟ ଲେଙ୍କା, ଦିପୁ ଦାସ, ଅବଧୂତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ ।

# କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ

ସାକ୍ଷୀଗୋପାଳ ,(ସବ୍ୟୁ) : ମଙ୍ଗଳବାର କୃଷି ବିଜ୍ଞାନ କେନ୍ଦ୍ର, ସାକ୍ଷୀଗୋପାଳ, ପୁରୀକୁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟ ରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡକ୍ଟର ସୂର୍ଯ୍ୟ ନାରାୟଣ ମିଶ୍ରଙ୍କ ନେତୃତ୍ୱରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ ଅନ୍ୟମାନେ ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପରେ ରାଜ୍ୟ ସଭାପତି ଶ୍ରୀ ସାହୁ କୃଷି ବିଜ୍ଞାନ କେନ୍ଦ୍ର ର ବିଭିନ୍ନ ଚାଷ ଉପରେ ହେଉଥିବା ଗବେଷଣା ମୂଳକ ଫସଲକୁ ବୁଲି ପରିଦର୍ଶନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଆୟୋଜିତ ଚାଷୀ ସମ୍ମିଳନୀ ରେ ଉପସ୍ଥିତ ଶତାଧିକ ଚାଷୀମାନଙ୍କୁ ରାଜ୍ୟ ସଭାପତି ଶ୍ରୀ ସାହୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନ କାଳରେ ଚାଷୀ ମାନଙ୍କର ଆୟକୁ ଦୁଇ ଗୁଣା କରିବା ପାଇଁ ହୋଇଥିବା କୃଷକ କଲ୍ୟାଣକାରୀ ଯୋଜନା ଓ ଓଡିଶାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସରକାର ଚାଷୀ ମାନଙ୍କ ପାଇଁ କରୁଥିବା କୃଷକ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଭାଷଣର ବର୍ଣ୍ଣନା କରିଥିଲେ ।ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅବସରରେ ରାଜ୍ୟ ସଭାପତି ଶ୍ରୀସାହୁ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଗୁଆ ଚାରା ରୋପଣ କରିଥିଲେଛ ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ଚାରା ବଣ୍ଟନ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ , ବୈଜ୍ଞାନିକ ଅମ୍ବିକା ପ୍ରସାଦ ନାୟକ, ବୈଜ୍ଞାନିକ ଦୀପଶିଖା ପରମଜିତା, ବୈଜ୍ଞାନିକ ସୁମିତା ଆଚାର୍ଯ୍ୟ,ବୈଜ୍ଞାନିକ ସାର୍ଥକ ପଟ୍ଟନାୟକ, ପ୍ରମୁଖଙ୍କ ବିଜେପି କୃଷକ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାଙ୍କ ସମେତ ଶତାଧିକ ଚାଷୀ ଯୋଗଦାନ କରିଥିଲେ।

## ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଓଳସିଂହ ପଞ୍ଚାୟତ ଗୟାବନ୍ଧ ଝରି ଶ୍ରୀଚନ୍ଦନଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଚୋରି ହୋଇଥିବା ଜଣାପଡିଛି । ସୂଚନାଯୋଗ୍ୟ କିଛି ଦୁର୍ବୃତ ରାତି ୪ ଟା ମଧ୍ୟରେ ଆସି ଝରି ବାବୁଙ୍କ ଘର ଝରକା ଭାଙ୍ଗି ଠାକୁର ଘରେ ଥିବା ୨ ଟି ହାର, ଗୋଟିଏ ମଙ୍ଗଳ ସୂତ୍ର, ୨ ଟା ସୁନା ଚେନ, ୨ ହଳ ପେଣ୍ଡି, ୧୦ ଟି ମୁଦି ଓ ନଗଦ ଏକ ଲକ୍ଷ ଟଙ୍କା ଚୋରି କରି ନେଇଯାଇଥିବା କଥା ଜଂକିଆ ଥାନାର ଅଭିଯୋଗ ହୋଇଥିବା ଖବର ମିଳିଛି । ପୋଲିସ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଛି ।

## ଦୂର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ

ଟାଙ୍ଗୀ,(ସବ୍ୟୁ): ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ ୩୧ ତମ ପ୍ରତିଷ୍ଠା ଦିବସ ଓ ପ୍ରଥମ ବର୍ଷର ନବାଗତ ଛାତ୍ରଛାତ୍ରୀମାନଙ୍କ ସ୍ୱାଗତ ଉତ୍ସବ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଓଷ୍ଟାର ପ୍ରାକ୍ତନ ସଭାପତି ପଦ୍ମନାଭ ବିଶ୍ୱାଳ, ସେବାନିବୃତ କୁହୁଡି ଜନତା ଉଚ୍ଚମାଧମିକ ବିଦ୍ୟାଳୟର ଅଧକ୍ଷ ବାଳକୃଷ୍ଣ ମିଶ୍ର, ଦୁର୍ଗାଚରଣ ଉଚମାଧମିକ ବିଦ୍ୟାଳୟ ର ଅଧକ୍ଷ, ଭୁବନେଶ୍ୱର ସାଂସଦଙ୍କ ଟାଙ୍ଗୀ ବ୍ଲକ ପ୍ରତିନିଧି ଚିନ୍ମୟ କୁମାର ପୃଷ୍ଟି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ମହାବିଦ୍ୟାଳୟର ବରିଷ୍ଠ ଅଧାପକ ସଂଜୟ କୁମାର ପରିଡା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅଧକ୍ଷ ସୁଶାନ୍ତ କୁମାର ଶତପଥୀ ଏହି ଉତ୍ସବରେ ଅଧକ୍ଷତା କରିଥିଲେ। ଅତିଥିମାନେ ଅଧୟନରତ ଛାତ୍ରଛାତ୍ରୀମାନେ ଆଚରଣ ଓ ଉଚ୍ଚାରଣରେ ସଂଯମତା ରକ୍ଷା କରି ନିଜର ଅଧୟନ କରିବା ସହିତ ପିତାମାତା ଓ ଗୁରୁଜନମାନଙ୍କୁ ସବୁବେଳେ ଭକ୍ତି ପ୍ରଦର୍ଶନ କରିବା ପାଇଁ ପରାମର୍ଶ ଦେଇଥିଲେ। ତର୍କ, ବୃଦ୍ଧି ପରୀକ୍ଷା ଓ ନୃତ୍ୟ ଇତ୍ୟାଦିରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ଅହରହ ଉଦ୍ୟମ ଜାରି ରଖିଥିବା ଅଧାପକ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଉତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଚନ୍ଦନ ଦାସ, ଦୀପକ ଦାସ, ପ୍ରିତିପୁଷ୍ପା ରାୟ, ଅଂଜଳୀ ବେହେରା ଓ ସନ୍ଧ୍ୟାରାଣୀ ମହାରଣା ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖି ନବାଗତ ଛାତ୍ରଚାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ଗତ ସରକାରର ୫ଟି ସଚିବ ଭିକେ ପାଣ୍ଡିଆନ ବେଗୁନିଆ ଠାରେ ନିଜର ବକ୍ତବ୍ୟ ରଖିବା ସମୟରେ ଏହି ମହାବିଦ୍ୟାଳୟ ଛାତ୍ରୀ ପ୍ରିତିପୁଷ୍ପା ରାୟ ହାତ ଦେଖାଇ ୨ ମିନିଟ ପାଇଁ ନିଜର ମନର କଥା କହିବା ପାଇଁ ନିବେଦନ କରି ସମଗ୍ର ଓଡିଶାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲେ ।ଛାତ୍ରୀ ପ୍ରିତିପୁଷ୍ପା ରାୟଙ୍କର ଏତାଦୃଶ ସାହସିକ ପଦକ୍ଷେପ ପାଇଁ ମୁଖ୍ୟ ଅତିଥି ଶ୍ରୀ ବିଶ୍ୱାଳ ତାଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରିଥିବା ହେତୁ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିଲା । ସୁଜାତା ସାହୁ ଓଡିଶୀ ନୃତ୍ୟ ପ୍ରଦର୍ଶନ କରିବା ପରେ ଅଧାପକ ସଂଜୀବ କୁମାର ପରିଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ୮୦ ୟୁନିଟ ରକ୍ତ ସଂଗ୍ରହ

ଫୁଲନଖରା,(ସବ୍ୟୁ): ପବିତ୍ର ଗାନ୍ଧୀ ଜୟନ୍ତି ଉପଲକ୍ଷେ ପ୍ରାଚୀପ୍ରଜ୍ଞା ପରିଷଦ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କୁରାଙ୍ଗଶାସନସ୍ଥ ହୋଟେଲ ଆମ୍ରପଲ୍ଲୀ ରିସର୍ଟ୍ସ ପରିସରରେ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ଜୟଶ୍ରୀ ମହାପାତ୍ର ଏହାକୁ ଉଦଘାଟନ କରିଥିଲାବେଳେ ପରିଷଦ ଅଧ୍ୟକ୍ଷ ଅଶ୍ୱିନୀ ମହାପାତ୍ର, ସଭାପତି ହଂସନାଥ ସାହୁ, ସମ୍ପାଦକ ଅନୁପ ସାସମଲ, ଇଂ.ସୁଶାନ୍ତ କୁମାର ତ୍ରିପାଠୀ, ସନ୍ନ୍ୟାସୀଜୀ, ଆଇନଜୀବୀ ରାଜୀବ ପଟ୍ଟନାୟକ, ଅଜୟକୁମାର ପତି, କୈଳାସଚନ୍ଦ୍ର ପାତ୍ର, ଡାକ୍ତର ଭିକାରିଚରଣ ସାହୁ ଓ ସୁବୋଧ ପ୍ରଧାନ ଉପସ୍ଥିତ ଥିଲେ। କଟକ କେନ୍ଦ୍ରୀୟ ରକ୍ତଭଣ୍ଡାର କର୍ମଚାରୀଙ୍କଦ୍ୱାରା ଶିବିରରୁ ମୋଟ ୮୦ୟୁନିଟ ରକ୍ତ ସଂଗୃହୀତ




ହୋଇଥିଲା। ଲଳିତକୁମାର ଦାଶ, ପ୍ରିୟଦର୍ଶିନୀ ସ୍ୱାଇଁ, ଉମାକାନ୍ତ କର, ଅରୁଣ କୁମାର ସାହୁ, କଳ୍ପତରୁ ଖୁଣ୍ଟିଆ, ରାଧାଶ୍ୟାମ ମହାନ୍ତି, ରଂଜନ ମହାପାତ୍ର, ପ୍ରତାପଚନ୍ଦ୍ର ପଣ୍ଡା, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଦିଲୀପ ବେହେରା, କୈଳାସଚନ୍ଦ୍ର ସାହୁ, ଆଇନଜୀବୀ ଅବଦୁଲ ବାରି, ବିଶ୍ୱଜିତ ବେହେରା, ସୁମିତ୍ରା ଦାସ ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

# ବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ ପାଳିତ



ରଣପୁର, (ସବ୍ୟୁ): ଜଣେ ଜାତିର ଜନକ, ଅଂହିସାର ପୂଜାରୀ ତ ଆଉ ଜଣେ ଶାନ୍ତିଦୂତ । ଆମ ଦେଶ ପାଇଁ ଅକ୍ଟୋବର ୨ ତାରିଖ ଅବିସ୍ମରଣୀୟ ହୋଇ ରହିଛି । ସେହି ମହାପୁରୁଷ ହେଉଛନ୍ତି ସତ୍ୟର ସାଧକ ଅଂହିସାର ପୂଜାରୀ ମହାତ୍ମାଗାନ୍ଧୀ ଓ ଶାନ୍ତିଦୂତ ତଥା ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀ । ସତ୍ୟାଗ୍ରହ ସଂଗ୍ରାମର ସେନାପତି ତଥା ସତ୍ୟ ଅଂହିସାର ପଥ ପ୍ରଦର୍ଶକ ମହାତ୍ମାଗାନ୍ଧୀଙ୍କର ୧୫୫ ତମ ଜନ୍ମ ଜୟନ୍ତୀ । ସେହିପରି ଲାଲ ବାହାଦୂର ଶାସ୍ତ୍ରୀଙ୍କର ମଧ ଜନ୍ମ ଜୟନ୍ତୀ ସାରା ଦେଶରେ ପାଳନ କରାଯାଇଛି ।

ଏହି ଅବସରରେ ରଣପୁର ବ୍ଲକ ବଜ୍ରକୋଟ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସୁଶୀଲ କୁମାର ରଣାଙ୍କ ସଭାପତିତ୍ୱରେ ଏହି ଦିବସକୁ ପାଳନ କରାଯାଇଛି । ସହକାରୀ ଶିକ୍ଷକ ଦିଲ୍ଲୀପ କୁମାର ସାହୁ, ଶିକ୍ଷୟତ୍ରୀ ପଦ୍ମାବତୀ ବେହେରା, ଅଙ୍ଗନବାଡି କର୍ମୀ ପୁଷ୍ପମଞ୍ଜରୀ ଦେଇ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ମହାତ୍ମାଗାନ୍ଧୀ ଓ ଶାସ୍ତ୍ରୀଙ୍କ ବିଷୟରେ ପିଲାମାନଙ୍କୁ କହିଥିଲେ । ପ୍ରଧାନ ଶିକ୍ଷକ ପିଲାମାନଙ୍କୁ ଗାନ୍ଧିଜୀଙ୍କ ଆଦର୍ଶ ଓ ନୀତି ଅନୁସରଣ କରିବା ପାଇଁ ଉପଦେଶ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭାଷଣ, ନୃତ୍ୟ ଆଦି ପ୍ରତିଯୋଗିତା କରାଯାଇଥିଲା । ସହକାରୀ ଶିକ୍ଷକ ଦିଲ୍ଲୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ । ନରସିଂହପୁର କ୍ଲଷ୍ଟର, ରଣପୁର କ୍ଲଷ୍ଟର, ମଝିଆଖଣ୍ଡ ଗୌରାଙ୍ଗପୁର କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରେ ଏହି ଦିବସ ପାଳିତ ହୋଇଯାଇଛି ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

କଣାସ, (ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକ ସମସ୍ତ ୧୭ଟି କ୍ଲଷ୍ଟରରେ ଶୁକ୍ରବାର ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ କୁଳମଣୀ ନୋଡାଲ ଆଞ୍ଚଳିକ ସାଧନକେନ୍ଦ୍ର ପକ୍ଷରୁ ଶିଶୁ ମହୋତ୍ସବ ସୁରଭି କାର୍ଯକ୍ରମ ଦୋଛିଆଁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛ। ଲୋକକଳା, ସଙ୍ଗୀତ, ଭାଷଣ, କୁଇଜ ,ରଚନା ଓ ଚିତ୍ରାଙ୍କନ ଉପରେ ଆଧାରିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଏଥିରେ ସଭାପତିତ୍ୱ କରିଥିଲେ ଦୋଛିଆଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ସେଠୀ ।ଏହି ଅବସରରେ ମୁଖ୍ୟଅତିଥି ଭାବେ ଭୂଷଣ୍ଡପୁର ବନପାଳ ସବିତା ପ୍ରଧାନ ଓ ଅନୁଲ ପିଙ୍ଗୁଆ ଯୋଗଦେଇଥିଲେ ।ସମ୍ମାନିତ ଅତିଥିଭାବେ ସିଆରସିସି ବିଜୟ କୁମାର ପ୍ରଧାନ ଉପସ୍ଥିତ ଥିଲେ ।ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଅନିୟ କୁମାର ଛୋଟରାୟ । ଧନ୍ୟବାଦ ଅର୍ପଣ କରିଥିଲେ ବିଦ୍ୟାଳୟର ସଭାପତି ବିଜୟ ହରିଚନ୍ଦନ ।କ୍ଲଷ୍ଟରର



ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସୁରଭି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ବିଚାରକ ମଣ୍ଡଳୀ କୃତି ପ୍ରତିଯୋଗୀ ଚୟନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ବ୍ଲକ ସ୍ତରକୁ ଜିବେବୋଲି ଜଣା ପଡିଛି ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

କୋଣାର୍କ, (ସବ୍ୟୁ): ସୋମବାର କୋଣାର୍କ ଏନ୍ଏସି ପକ୍ଷରୁ ସ୍ୱଛତା ହିଁ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୋଣାର୍କର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍କାଉଟ ,ଗାଇଡ୍, ଜାତୀୟ ସବୁଜ ବାହିନୀ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ। ଏଥିରେ ଅତିଥି ଭାବେ କୋଣାର୍କ ଏନଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ ପ୍ରମୁଖ ଯୋଗଦେଇ ସମସ୍ତଙ୍କ ପାଇଁ ସ୍ୱଛତା ଜରୁରୀ ଆମ ପରିସର ସ୍ୱଛ ରଖିଲେ ସମାଜ ଓ ପରିବେଶ ସୁସ୍ଥ ରହିବ ବୋଲି କହିଥିଲେ। ଏହି ଅବସରରେ କଲ୍ୟାଣ ମଣ୍ଡପ ପରିସରରୁ ସ୍ୱଛ ଓ ସୁସ୍ଥ କୋଣାର୍କ ବାର୍ତ୍ତା ନେଇ ଏକ ସାଇକେଲ ରାଲି ବାହାରି ବଜାର ପରିକ୍ରମା କରି ଚନ୍ଦ୍ରଭାଗାରେ ପହଞ୍ଚିଥିଲା।

ଶେଷରେ ଚନ୍ଦ୍ରଭାଗା ବେଳାଭୂମି ସଫେଇ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜାତୀୟ ସବୁଜ ବାହିନୀ ସଂଯୋଜକ ସମାଜସେବୀ ରାମକୃଷ୍ଣ ମହାନ୍ତି ସଞ୍ଚାଳନ କରିଥିବାବେଳେ ପରିମଳ ଯନ୍ତ୍ରୀ ଅଭିଷେକ ସ୍ୱାଇଁ,ଭାଗ୍ୟରଥି ବରାଳ, ଧର୍ମାନନ୍ଦ ପରିଡା, ପଞ୍ଚାନନ ଲେଙ୍କା ଓ ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

**(ଶ୍ରୀମଦ୍ଭଗବଦ୍ ଗୀତା ୧୦/୧୦)**
**-ବିଭୂତିଯୋଗଃ-**
**( ଶ୍ରୀଭଗବାନୁବାଚ )**
**ତେଷାଂ ସତତଯୁକ୍ତାନାଂ ଭଜତାଂ ପ୍ରୀତିପୂର୍ବକମ୍ ।**
**ଦଦାମି ବୁଦ୍ଧିଯୋଗଂ ତଂ ଯେନ ମାମୁପଯାନ୍ତି ତେ ॥୧୦॥**
(ଏହିପରି ବ୍ୟକ୍ତିମାନଙ୍କୁ ମୁଁ ସମ୍ୟକ୍ ଜ୍ଞାନ ପ୍ରଦାନ କରେ, ଏଥିପାଇଁ କହୁଛନ୍ତି)-
ଯେଉଁମାନଙ୍କ ମୋଠାରେ ଆସକ୍ତଚିତ୍ତ ଓ ପ୍ରୀତିପୂର୍ବକ ମୋର ଭଜନକାରୀ,
ସେହିସବୁ ବିବେକୀମାନଙ୍କୁ ମୁଁ ଏହିପରି ବୁଦ୍ଧିରୂପ ଉପାୟ ପ୍ରଦାନ କରେ,
ଯାହାଦ୍ୱାରା ସେମାନେ ମୋତେ ପ୍ରାପ୍ତ ହୋଇପାରନ୍ତି ॥୧୦॥

# ସଂସ୍କାର ପ୍ରଣାଳୀଦ୍ୱାରା ମାନବ ନିର୍ମାଣ ଯୋଜନା

**ସମ୍ପାଦକୀୟ**

ଆର୍ଯ୍ୟଋଷିଗଣ ମାନବ ନିର୍ମାଣ ଯୋଜନାର ସଫଳତା ପାଇଁ ସଂସ୍କାର ପ୍ରଣାଳୀ ଆବିଷ୍କାର କରିଥିଲେ । ସଂସ୍କାରରୁ ମନୁଷ୍ୟତା ବିକାଶ ପାଏ । ଜନ୍ମଜନ୍ମାନ୍ତର ମଧ୍ୟରେ ଦେହଧାରୀ ଆତ୍ମା ଯାତ୍ରାପଥରେ ଅଗ୍ରସର ହେବାବେଳେ ଛୋଟବଡ଼, ଭଲମନ୍ଦ ପ୍ରତ୍ୟେକ କାର୍ଯ୍ୟସାଧନ ଫଳରେ ତାହାଠାରେ ତଦନୁରୂପ ପ୍ରଭାବ ପଡ଼େ । ପୂର୍ବବର୍ତ୍ତୀ ଜନ୍ମରେ ପଡ଼ିଥିବା କୁପ୍ରଭାବକୁ ଦୂର କରିବା ପାଇଁ ଇହଜନ୍ମରୂପୀ ସୁଯୋଗ ମିଳିଛି । ଅନିର୍ମଳ ପାତ୍ରକୁ ହାତମୁଠାରେ ଧରି ମାର୍ଜିତ ଓ ନିର୍ମଳ କରିବା ଯେପରି ସୁବିଧାଜନକ, ଦେହଧାରୀ ଆତ୍ମାକୁ ସଂସ୍କୃତ ଓ ପବିତ୍ର କରିବା ସେହିପରି ସହଜସାଧ୍ୟ । ଦେହବନ୍ଧନରେ ଆସିବା ବେଳୁହିଁ ଆତ୍ମାଠାରେ ଉତ୍ତମ ସଂସ୍କାର ସଂକ୍ରମଣ ପାଇଁ ଆର୍ଯ୍ୟଋଷି ଉପଦେଶ ଦେଇଛନ୍ତି । ସେ ଦେହତ୍ୟାଗ କରିଯିବା ପର୍ଯ୍ୟନ୍ତ ନିରନ୍ତର ତାହାଠାରେ ଉତ୍ତମ ସଂସ୍କାର ପ୍ରତିଫଳନ କରିବା ପାଇଁ ବ୍ୟବସ୍ଥା କରିଛନ୍ତି । ଆତ୍ମା ଦେହ ମଧ୍ୟକୁ ଆସୁ ଆସୁ ତାହାଙ୍କୁ ସଂସ୍କାର ମର୍ଯ୍ୟାଦାରେ ଆବୃତ୍ତ ରଖାଯାଏ, ଅଶୁଭ ସଂସ୍କାର ଯେପରି ପ୍ରତିଫଳିତ ହେବ ନାହିଁ, ସେଥିପାଇଁ ବିଶେଷ ଯତ୍ନ ନିଆଯାଏ । ଅଶୁଭ ସଂସ୍କାରଦ୍ୱାରା ଆତ୍ମା ମଳିନ ହୁଏ, ଅବନତ ଦିଗକୁ ଗତି କରେ । ଆର୍ଯ୍ୟ ବିଚାରରେ ଗତ ଜନ୍ମ, ଇହଜନ୍ମ ଓ ଆଗାମୀ ଜନ୍ମ- ଏସବୁ ଆତ୍ମଶୋଧନର ସୋପାନ ଅଟେ । ଏହି ସୋପାନରେ ଗତି କରିବାବେଳେ ଆତ୍ମା ପରବର୍ତ୍ତୀ ଜନ୍ମରେ ଶକ୍ତିଶାଳୀ ଓ ପବିତ୍ର ହେବା ଶ୍ରେୟସ୍କର ।

କେତେକ ଲୋକ ପୂର୍ବଜନ୍ମକୁ ସ୍ୱୀକାର କରନ୍ତି । ଏମାନଙ୍କ ବିଚାରରେ ମନୁଷ୍ୟ ବଂଶାନୁକ୍ରମଣ ଓ ପରିସ୍ଥିତିର ପରିଣାମ ଅଟେ । ବଂଶ-ପରମ୍ପରାରେ ଆମ୍ଭେମାନେ ପିତାମାତାଙ୍କଠାରୁ ଜନ୍ମଗ୍ରହଣ କରୁ । ସେମାନଙ୍କ ଶାରୀରିକ ଓ ମାନସିକ ସଂସ୍କାର ଆମ୍ଭମାନଙ୍କଠାରେ କେତେକାଂଶରେ ପ୍ରତିଫଳିତ ହୁଏ । ବୟସବୃଦ୍ଧି ସଙ୍ଗେ ସଙ୍ଗେ ପାରିପାର୍ଶ୍ୱିକ ପରିସ୍ଥିତିର ପ୍ରଭାବ ପଡ଼େ । ବଂଶ ପରମ୍ପରା ଓ ପରିସ୍ଥିତିର ସମ୍ମିଶ୍ରଣରେ ଆମ୍ଭେମାନେ ବିକାଶ ଲାଭ କରୁ । ଅନ୍ୟପକ୍ଷରେ ପୁନର୍ଜନ୍ମରେ ବିଶ୍ୱାସ ରଖୁଥିବା ଲୋକେ ପୂର୍ବବର୍ତ୍ତୀ ଜନ୍ମରେ ସଂଗୃହୀତ ହୋଇଥିବା ଆତ୍ମାର ସଂସ୍କାରକୁ ଅବହେଳନ କରନ୍ତି ନାହିଁ । ବଂଶାନୁକ୍ରମଣ ଓ ପରିସ୍ଥିତିର ପ୍ରଭାବ ସହିତ ଆତ୍ମାର ଜନ୍ମଜନ୍ମାନ୍ତରରେ ସଞ୍ଚିତ ସଂସ୍କାର ପୁଞ୍ଜିର ପ୍ରଭାବ ମଧ୍ୟ ଅନିବାର୍ଯ୍ୟ ହୋଇପଡ଼େ । ପୁନର୍ଜନ୍ମର ନିଷେଧବାଦୀ ପକ୍ଷେ ମାନବ ନିର୍ମାଣ ସହଜସାଧ୍ୟ, କାରଣ ସେମାନେ ପୂର୍ବସଞ୍ଚିତ ସଂସ୍କାର ବନ୍ଧନକୁ ସ୍ୱୀକାର କରନ୍ତି ନାହିଁ । ପୂର୍ବବର୍ତ୍ତୀ ଭାର କିଛି ନାହିଁ । ନିଜେ ଯେପରି ହେବେ ଏବଂ ପରିସ୍ଥିତି ସୃଷ୍ଟି କରିବେ ନିଜ ସନ୍ତାନ ସେପରି ହେବେ । ଏହି ପ୍ରଣାଳୀରେ ସନ୍ତାନଙ୍କୁ ଯୋଗ୍ୟ ରୂପେ ଗଢ଼ିବା ଅତ୍ୟନ୍ତ ସରଳ ଓ ସହଜ ମନେ ହୁଏ । ଏହା ସତ୍ତ୍ୱେ ସରଳ ଉପାୟ ଅବଲମ୍ବନ କରି ଯୋଗ୍ୟ ଉତ୍ତରାଧିକାରୀ ସୃଷ୍ଟି କରିବା ପାଇଁ ଆଧୁନିକ ଲୋକଙ୍କଠାରେ ଶ୍ରଦ୍ଧା ଓ ଉଦ୍ୟମ ଦେଖାଯାଉ ନାହିଁ ।

ତତ୍ତ୍ୱଦର୍ଶୀ ଋଷିଗଣ ଆଦର୍ଶ ମନୁଷ୍ୟ ନିର୍ମାଣକୁ ଯେଉଁପରି ଅତ୍ୟଧିକ ଗୁରୁତ୍ୱ ଦେଉଥିଲେ, ଏହି ସମସ୍ୟାର ଜଟିଳତା ଓ ଗମ୍ଭୀରତା ପ୍ରତି ସେହିପରି ସାବଧାନ ଥିଲେ । ସେମାନେ ସର୍ବତୋଭାବରେ ଏହି ବିଷୟରେ ବିଚାର କରିଥିଲେ । ମାତାପିତାଙ୍କ ସ୍ୱଭାବ ଓ ପରିସ୍ଥିତିର ପ୍ରଭାବରୁ ସନ୍ତାନର ସବୁ ଲକ୍ଷଣ ଜାତ ହୁଏ ନାହିଁ- ଏହି ଉପଲବ୍ଧିରୁ ଆତ୍ମତତ୍ତ୍ୱ , ଜନ୍ମଜନ୍ମାନ୍ତର ମଧ୍ୟରେ ତାହାର ଗତି, ସଂସ୍କାରରୂପୀ ତାହାର ସମ୍ପତ୍ତି, ଦେହରୂପୀ ତାହାର ସାଧନ- ଏହି ସମସ୍ତ ବିଷୟ ସେମାନେ ପର୍ଯ୍ୟାଲୋଚନା କରିଥିଲେ । ପ୍ରତ୍ୟେକ ଜନ୍ମ ଆତ୍ମଶୋଧନର ଏକ ଏକ ସୋପାନ । ଆତ୍ମବିକାଶ ପାଇଁ ପ୍ରତ୍ୟେକ ସୋପାନର ସଦୁପଯୋଗ କରିବା ବିଧେୟ । ଉପନିଷଦରେ ଋଷି କହିଛନ୍ତି-'ଇହ ଚେଦବେଦୀତ୍ ଅଥ ସତ୍ୟମସ୍ତି, ନ ଚେଦବେଦୀତ୍ ମହତୀ ବିନିଷ୍ଟିଃ'- ଇହଜନ୍ମରେ ଯଦି ଆତ୍ମତତ୍ତ୍ୱକୁ ଅନୁଭବ କରିପାରୁଛ ଓ ତାହାର ବିକାଶ ପାଇଁ ଯତ୍ନଶୀଳ ଅଛ, ତାହାହେଲେ ଜନ୍ମ ସାର୍ଥକ । ଯଦି ତାହାର ଉପଲବ୍ଧି ଓ ଉପଯୋଗ କରୁନାହିଁ, ତାହାହେଲେ ମହାନାଶ ବୋଲି ଜାଣ ।

ଜନ୍ମଜନ୍ମାନ୍ତର ମଧ୍ୟରେ ସଂସ୍କାରର ପ୍ରଭାବକୁ ଉପଲବ୍ଧି କରିବା ପରେ, ଇହଜନ୍ମରେ ସେହି ପ୍ରବାହକୁ ଶୃଙ୍ଖଳିତ କରିବା ଆତ୍ମ-ବିକାଶର ଯଥାର୍ଥ ପନ୍ଥା ଅଟେ । ଆତ୍ମାର ଯେଉଁ ସଂସ୍କାର ସମୟକ୍ରମେ ସଂଗୃହୀତ ହୋଇଥିଲା । ଇହଜନ୍ମରେ ସେପରି ସଂଗୃହୀତ ହୁଏ । ଆତ୍ମା ପୂର୍ବରୁ ସଂସ୍କାର ଘେନି ଆସିଛି, ଇହଜନ୍ମରେ ନୂତନ ସଂସ୍କାର ମିଶ୍ରଣ କରିବ । ଉତ୍ତମ ସଂସ୍କାରଦ୍ୱାରା ପୂର୍ବର କୁସଂସ୍କାରକୁ ଶୋଧନ କରିବ ଏବଂ କୁସଂସ୍କାରକୁ ଅଧିକ ଶକ୍ତିଶାଳୀ କରିବ । ଭାଗ୍ୟ ଧରି ଆସିଛି ପୂର୍ବର ସଂଗୃହୀତ ସଂସ୍କାର । ଇହଜନ୍ମରେ ପୁରୁଷାର୍ଥ ସାଧନ କରିବ, ତାହା ବର୍ତ୍ତମାନର ସଂସ୍କାର । ଭାଗ୍ୟ ପୂର୍ବବର୍ତ୍ତୀ ଜନ୍ମର ପୁରୁଷାର୍ଥ ଅଟେ । ଇହଜନ୍ମରେ ପୁରୁଷାର୍ଥ ପାଇଁ ଆମେ ସ୍ୱତନ୍ତ୍ର । ସୁତରାଂ ପୂର୍ବବର୍ତ୍ତୀ ସଂସ୍କାରକୁ ଇହଜନ୍ମର ଇପ୍ସିତ ସଂସ୍କାର ଦ୍ୱାରା ବେଗଶାଳୀ କରିବା ଉଚିତ । ପୂର୍ବର ଗତି ଯଦି ଯଥାର୍ଥ ନୁହେଁ, ତେବେ ନୂତନ ଗତି ସୃଷ୍ଟି କରିବାକୁ ହେବ । ପୂର୍ବର କର୍ମରେ ଓ କର୍ମ ରୂପ ସଂସ୍କାରରେ ନିୟନ୍ତ୍ରଣ ନାହିଁ, ପରନ୍ତୁ ଇହଜନ୍ମର ସମସ୍ତ କର୍ମ ଓ ସଂସ୍କାର ନିୟନ୍ତ୍ରଣରେ ରହିଛି-ଏହି ସୁବର୍ଣ୍ଣ ସୁଯୋଗକୁ ହରାଇବା 'ମହତୀ ବିନିଷ୍ଟିଃ'-ମହା ଅନର୍ଥ ହେବ ।

# କର୍ମକ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟ



**ଡାକ୍ତର ସମ୍ରାଟ କର**


ପ୍ରତିବର୍ଷ ଅକ୍ଟୋବର ୧ରୁ ୭ ପର୍ଯ୍ୟନ୍ତ ବିଶ୍ୱ ମାନସିକ ସପ୍ତାହ ଭାବେ ପାଳନ ହୋଇଆସୁଛି । ପ୍ରତି ବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'କର୍ମ କ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବାର ସମୟ ଆସିଛି' (It is Time to Prioritize Mental Health in the Workplace)।୧୯୯୨ରେ ପ୍ରଥମର ଥର ପାଇଁ 'ୱାର୍ଲ୍ଡ ଫେଡେରେସନ ଫର ମେଣ୍ଟାଲ ହେଲଥ୍' ଏହାକୁ ପାଳନ କରିଥିଲା । ବିଶ୍ୱବ୍ୟାପୀ ମାନସିକ ରୋଗ, ଏହାର ସଫଳ ଚିକିତ୍ସା ଏବଂ ଏଥିରେ ଆକ୍ରାନ୍ତ ରୋଗୀଙ୍କୁ ସହାୟତା କରିବା ସମ୍ପର୍କରେ ସଚେତନତା ସୃଷ୍ଟି କରିବା, ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ସରକାରୀ ସ୍ତରରେ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ବିଶ୍ୱର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରରେ ବହୁ ସୂଚନାଧର୍ମୀ କାର୍ଯ୍ୟକ୍ରମ, ଏହି ସମୟରେ ହାତକୁ ନିଆଯାଇଥାଏ । କେତେକ ଆକଳନ ଅନୁସାରେ, ବିଶ୍ୱ ଜନ ସମୁଦାୟର ୧୦ପ୍ରତିଶତରୁ ଅଧିକ ଲୋକ ମାନସିକ, ନ୍ୟୁରୋଲୋଜିକାଲ (ସ୍ନାୟୁତନ୍ତ୍ର ସମ୍ବନ୍ଧୀୟ) ଭଳି ସମସ୍ୟା ସହ ସଂଘର୍ଷ କରୁଛନ୍ତି । 'ହୁ'ର ସହାୟତାରେ ମିଳିତ ଜାତିସଂଘ ଏହାର ପ୍ରଚାର ପ୍ରସାର ପାଇଁ ସକ୍ରିୟ ଭୂମିକା ନିଭାଇଆସୁଛି ।

ମାନସିକ ରୋଗ ଏକ ଜଟିଳ ରୋଗ । ଏହି ରୋଗକୁ ଆରମ୍ଭରୁ କେହି ଜାଣି ପାରନ୍ତି । ଏହା ଭୂତପ୍ରେତଙ୍କ ପ୍ରଭାବ ବା ତନ୍ତ୍ରର ପ୍ରଭାବ ବୋଲି ପ୍ରାୟତଃ ମନୁଷ୍ୟର ଧାରଣା ହୋଇଥାଏ । କେତେକ କ୍ଷେତ୍ରରେ ଏହା ପୂର୍ବଜନ୍ମର ଅଭିଶାପ ବା ଦୈବଦଣ୍ଡ ଭାବରେ କେହି କେହି ଭାବି ନେଇଥାନ୍ତି । କେତେକ ବ୍ୟକ୍ତିଙ୍କର ବ୍ୟବହାରର ପରିବର୍ତ୍ତନ ଦେଖି ଲୋକମାନେ ଏହାକୁ ବିଶ୍ୱାସ ମଧ୍ୟ କରିଥାନ୍ତି । ତେଣୁ ଅନେକ ଲୋକ ଦେବଦେବୀଙ୍କୁ ପୂଜା କରିବା ସହ ବଳୀ ଦେବା ଓ ଝଡ଼ାଫୁଙ୍କା ବି କରିଥାନ୍ତି । ମାତ୍ର ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ଚିନ୍ତା ଓ ଅନ୍ୟାନ୍ୟ ଅନେକ କାରଣ ଯୋଗୁଁ ବେଳେ ବେଳେ ମାନସିକ ଭାରସାମ୍ୟ ହରାଇଥାଏ । ପ୍ରତି ରୋଗ ପାଗଳାମି ନୁହେଁ, ତେଣୁ ଠିକ୍ ସମୟରେ ଡାକ୍ତରଙ୍କ ସହିତ ପରାମର୍ଶ କରି ଔଷଧ ଖାଇଲେ, ଏହିସବୁ ରୋଗରୁ ଉପଶମ ମିଳିଥାଏ ।

ସବୁଠାରୁ ବଡ଼ କଥା ହେଉଛି ଏହି ମାନସିକ ଅବସାଦ ବା ବିଷାଦର ପ୍ରାଥମିକ ସମୟରେ, ରୋଗୀଙ୍କ ନିଜ ଲୋକମାନେ ମାନସିକ ରୋଗ ବିଶେଷଜ୍ଞଙ୍କ ତୁରନ୍ତ ପରାମର୍ଶ ନେଇ ଚିକିତ୍ସା ଆରମ୍ଭ କରାଇଲେ, ଅଧିକାଂଶ କ୍ଷେତ୍ରରେ ରୋଗୀଟି ପାଇଁ ଜୀବନ ଆରୋଗ୍ୟକାରୀ ହୋଇଥାଏ । ରୋଗୀକୁ ରୋଗମୁକ୍ତ କରାଯାଇ ପାରିଥାଏ । ସୁସ୍ଥ ଶରୀର ପାଇଁ ଯେପରି ଉପଯୁକ୍ତ ଖାଦ୍ୟ ଓ ଶାରୀରିକ ପରିଶ୍ରମ ଦରକାର, ଠିକ୍ ସେହିପରି ସୁସ୍ଥ ମାନସିକ ଅବସ୍ଥା ପାଇଁ ଉପଯୁକ୍ତ ପରିବେଶ, ପରିସ୍ଥିତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ନିହାତି ଭାବେ ଆବଶ୍ୟକ ହୋଇଥାଏ ।

ଯଦିଓ ମନୁଷ୍ୟର ବ୍ୟକ୍ତିତ୍ୱରେ ପରିବର୍ତ୍ତନ ଘଟିବା, କ୍ରମାଗତ ଭାବେ ଅନିଦ୍ରା ରହିବା, ବିନା କାରଣରେ ଭୟଭୀତ ହେବା, କଥାବାର୍ତ୍ତା ଅସଂଲଗ୍ନ ହେବା, ନିଜର ଦୈନନ୍ଦିନ କାର୍ଯ୍ୟ ସୁଚାରୁରୂପେ ତୁଲାଇ ନପାରିବା, ଶୂନ୍ୟରୁ କେହି କହିଲା ପରି ନିଜକୁ ଶୁଭାଯିବା, କୌଣସି କାରଣ ନଥାଇ ରାଗିବା ଆଦିକୁ ପ୍ରାଥମିକ ସ୍ତରରେ ମାନସିକ ରୋଗର ସାଧାରଣ ଲକ୍ଷଣ ଭାବେ ବିଚାର କରାଯାଇଥାଏ, ତଥାପି ଆହୁରି କିଛି ଲକ୍ଷଣ ମଧ୍ୟ ରହିଛି ।

ଅବଶ୍ୟ, ମାନସିକ ରୋଗ ପାଇଁ ସେପରି କୌଣସି ନିର୍ଦ୍ଦିଷ୍ଟ କାରଣ ନଥାଏ । ଅନେକ ସମୟରେ ବ୍ୟକ୍ତି ନିଜର ସମାଜ, ପରିସ୍ଥିତି, ପରିବେଶ ସହିତ ଖାପଖୁଆଇ ଚଳି ନ ପାରିଲେ ମାନସିକ ଭାରସାମ୍ୟ ହରାଇଥାଏ, ଯାହାଦ୍ୱାରା ମାନସିକ ସ୍ଥିରତାରେ ଆଘାତ ଘଟିଥାଏ । ଫଳରେ ତା' ଠାରେ ଏହି ରୋଗର କେତେକ ଲକ୍ଷଣ ପ୍ରକାଶ ପାଇଥାଏ । କେତେକ ସ୍ଥଳରେ



ଦେଖାଯାଇଥାଏ ଯେ ମସ୍ତିଷ୍କରେ ଥିବା ଜୈବ ପଦାର୍ଥ ଯାହା କି ଡୋପାମିନ୍, ସିରୋଟୋନିନ୍‌ର ଅସନ୍ତୁଳତା ହେତୁ ମାନସିକ ରୋଗ ଦେଖା ଦେଇଥାଏ ।

ମାନସିକ ରୋଗ ଅନେକ ସମୟରେ ବଂଶାନୁକ୍ରମିକ ମଧ୍ୟ ହୋଇଥାଏ । ନିଜର ରକ୍ତସମ୍ପର୍କୀୟ ବା ପରିବାର ମଧ୍ୟରେ କୌଣସି ଲୋକକୁ ଏ ରୋଗ ହୋଇଥିଲେ, ଏହା ପରବର୍ତ୍ତୀ ପିଢ଼ିରେ ହେବାର ସମ୍ଭାବନା ଅଧିକ ଥାଏ ।

ମାନସିକ ରୋଗୀଟିକୁ ଔଷଧ ଦ୍ୱାରା, ମନସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା, ବିଦ୍ୟୁତ୍ ଚିକିତ୍ସା ଦ୍ୱାରା ଚିକିତ୍ସା କରାଯାଏ । ତେବେ ନିୟମିତ ଔଷଧ ନ ଖାଇଲେ ରୋଗୀଟି ସମ୍ପୂର୍ଣ୍ଣ ଭଲ ହୋଇନଥାଏ । ସେହିପରି ଏହି ଔଷଧ ଖାଇବା ସମୟରେ ଅନାନ୍ୟ ଶାରୀରିକ ରୋଗ ପାଇଁ ମଧ୍ୟ ରୋଗୀଟି ଔଷଧ ଖାଇ ପାରିବ । ଆଉ ଗୋଟିଏ କଥା ହେଉଛି, ମାନସିକ ରୋଗରେ ଆକ୍ରାନ୍ତଙ୍କ ସହ କେତେକ କ୍ଷେତ୍ରରେ ବିବାହ କରିବା ଉଚିତ୍ ନୁହେଁ । ତେବେ ସ୍ଥଳବିଶେଷରେ ଉଭୟ କନ୍ୟା ଓ ବରପକ୍ଷଙ୍କ ଦ୍ୱାରା ଜାଣତରେ ଚିକିତ୍ସକଙ୍କ ସହିତ ପରାମର୍ଶ କରି ବିବାହ କରାଯିବା ଉଚିତ । ମାନସିକ ରୋଗୀଟିକୁ ନିୟମିତ ଔଷଧ ଦେବା ସହ ଶାରୀରିକ ପରିଶ୍ରମ କରାଇବା ଜରୁରୀ । ସବୁଠାରୁ ବଡ଼ କଥା ହେଉଛି ମାନସିକ ରୋଗୀମାନଙ୍କୁ ସମସ୍ତ ପ୍ରକାର ନିଶାଦ୍ରବ୍ୟ ବ୍ୟବହାର ଠାରୁ ଦୂରେଇ ରଖିବା ଉଚିତ । ମାନସିକ ରୋଗୀ ନିଜେ ବା ତା' ପରିବାରର ଅତି ନିକଟ ସମ୍ପର୍କୀୟ ବ୍ୟକ୍ତି, ଚିକିତ୍ସା ସମୟରେ, ରୋଗୀର ସମସ୍ତ ଗୋପନୀୟ ତଥ୍ୟ ଚିକିତ୍ସକଙ୍କୁ ଜଣାଇବା ଉଚିତ । କାରଣ ଚିକିତ୍ସକ, ରୋଗୀ ସମ୍ପର୍କରେ ସମ୍ପୂର୍ଣ୍ଣ ଭାବେ ସବୁକିଛି ଜାଣିପାରିଲେ ହିଁ ଉପଯୁକ୍ତ ଚିକିତ୍ସା ଯୋଗାଇପାରିବେ । ରୋଗୀର ସମସ୍ତ ବିଷୟ, ଗୋପନୀୟ ରଖି ଚିକିତ୍ସକ, ଚିକିତ୍ସା କରିଥାନ୍ତି ।

ମାନସିକ ରୋଗୀ ପ୍ରତି ସମସ୍ତଙ୍କର ସହାନୁଭୂତି, ସ୍ନେହ ଓ ଶ୍ରଦ୍ଧା ତଥା ଭଲ ପାଇବାର ଆବଶ୍ୟକତା ହେଉଛି ସବୁଠାରୁ ବଡ଼ ଚିକିତ୍ସା । ସମାଜରେ ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବା ପାଇଁ ସମସ୍ତଙ୍କ ସହଯୋଗର ହାତ ବଢ଼ିଲେ, ଆମ ସମାଜରେ ଏହିପରି ମାନସିକ ବିଷାଦରେ ଭାରାକ୍ରାନ୍ତ ହୋଇଥିବା ଲୋକଟିର ମୁହଁରେ ଟେନାଏ ହସ ଫୁଟିପାରିବ । ଏହା ହିଁ ହେବ ଶ୍ରେଷ୍ଠ ମାନବିକତାର ଧର୍ମ ।

**ମାନସିକ ରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ଼, କଟକ, ମୋ-୯୧୩୨୪୩୩୩୩୩**

# ମୁକ୍ତି ସଂଗ୍ରାମର ଦୁଇ ସାରଥି ଗାନ୍ଧିଜୀ ଓ ଶାସ୍ତ୍ରୀଜୀ

**ଚିତ୍ତରଞ୍ଜନ ପୃଷ୍ଟି**

ପବିତ୍ର ବେଦଭୂମି ଭାରତ ଭୂଖଣ୍ଡରେ ଜନ୍ମ ନେଇଥିଲେ ସତ୍ୟର ଦୁଇ ସାଧକ । ଜଣେ ହେଲେ ଅହିଂସାର ପୂଜାରୀ, ଜାତିର ପିତା ମହାତ୍ମା ଗାନ୍ଧି ଓ ଅନ୍ୟ ଜଣେ ହେଲେ 'ଶାନ୍ତିର ଦୂତ' ତଥା ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀ । ଜଣେ ଥିଲେ ସତ୍ୟ ଓ ଅହିଂସାର ଜନକ ଆଉ ଅନ୍ୟ ଜଣେ ଥିଲେ ସେବା ଓ ଶାନ୍ତିର ପୂଜକ । ଜାତିର ଜନକ ମହାତ୍ମା ଗାନ୍ଧି ଓ ଶାନ୍ତିର ଦୂତ ଲାଲବାହାଦୂର ଶାସ୍ତ୍ରୀଜୀଙ୍କ ଜୀବନର ଆଧାର ଥିଲା ତ୍ୟାଗ ଓ ସେବା । ଦେଶ ଓ ଦଶର ଉନ୍ନତି ପାଇଁ ନିଜକୁ ସମର୍ପି ଦେଇଥିଲେ । ଅହିଂସାକୁ ଜୀବନର ବ୍ରତ କରି ଶେଷ ସମୟ ପର୍ଯ୍ୟନ୍ତ ମଧ୍ୟ ପ୍ରତିକୂଳ ପରିବେଶରେ ବିଚ୍ୟୁତ ନ ହୋଇ ଆଗକୁ ଗତି କରି ଇତିହାସ ରଚିଥିଲେ ଗାନ୍ଧିଜୀ । ଶାନ୍ତିର ଦୂତ ଶାସ୍ତ୍ରୀଜୀ ନିଜର ସଙ୍କୋଚତା, କର୍ମପ୍ରବଣତା ଓ ଦେଶ ପ୍ରତି ଅନୁରାଗ ପାଇଁ ସର୍ବଦା ସ୍ମରଣୀୟ ହୋଇ ରହିଛନ୍ତି ।

ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଅହିଂସାର ପୂଜାରୀ ଯୋଗଜନ୍ମା ଗାନ୍ଧିଜୀ ଛାତ୍ର ଜୀବନରୁ ଅହିଂସାର ପଥକୁ ବାଛିନେଇଥିଲେ । ଗାନ୍ଧିଜୀ ପିଲାବେଳୁ ଥିଲେ ସତ୍ୟବାଦୀ, ସାହସୀ, ସଦାଚାରୀ । ଜୀବନର ଶେଷ ଜୀବନ ପର୍ଯ୍ୟନ୍ତ ସେ ସତ୍ୟ ଓ ଅହିଂସା ଧର୍ମକୁ ପାଳନ କରିଥିଲେ । ଗାନ୍ଧିଜୀ କହୁଥିଲେ ଯେ ଅହିଂସା ହେଉଛି ମାନବ ଜାତିର ବଡ଼ ଶକ୍ତି ଓ ବିଶ୍ୱ ଶାନ୍ତି ପାଇଁ ଏକ ଅମୋଘ ଅସ୍ତ୍ର । ଗାନ୍ଧିଜୀ ଅହିଂସା ରୂପକ ଅସ୍ତ୍ରଦ୍ୱାରା ନିଜ ହୃଦୟରୁ ହିଂସା, ଦ୍ୱେଷ, ଲୋଭ, ମୋହମାୟା ଇତ୍ୟାଦିକୁ ଦୂର କରିପାରିଥିଲେ । ଅହିଂସାକୁ ସେ ପରମଧର୍ମ ଭାବରେ ଗ୍ରହଣ କରିଥିଲେ । ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ତାଙ୍କ ଜୀବନର ଆଦର୍ଶ ଥିଲା । ଗାନ୍ଧିଜୀ ବିଶ୍ୱର ଅନ୍ୟନେତାମାନଙ୍କ ତୁଳନାରେ ଭିନ୍ନ ଥିଲେ । ନେପୋଲିୟନ ଯୁଦ୍ଧକରି ପରାଜୟ ବରଣ କରିଥିଲେ । ହିଟଲର ୟୁରୋପକୁ କରାଗତ କରି ଶେଷରେ ମୃତ୍ୟୁବରଣ କରିଥିଲେ । କିନ୍ତୁ ଗାନ୍ଧିଜୀ ନିର୍ଯ୍ୟାତନା ଭୋଗକରି ଶେଷରେ କୃତକାର୍ଯ୍ୟ ହୋଇଥିଲେ । ତାଙ୍କର ବିଜୟ ଥିଲା ଅନ୍ୟାୟ ଉପରେ ନ୍ୟାୟର ବିଜୟ । ମିଥ୍ୟା ଉପରେ ସତ୍ୟର ବିଜୟ ଏବଂ ପାଶବିକ ଶକ୍ତି ଉପରେ ନୈତିକ ଶକ୍ତିର ବିଜୟ । ବହୁଧର୍ମ, ସମ୍ପ୍ରଦାୟ, ଭାଷା, ସଂସ୍କୃତି ଓ ପରମ୍ପରାର ଏକ ବିଶାଳ ଭୂଖଣ୍ଡକୁ ଏକତାର ରଜ୍ଜୁରେ ବାନ୍ଧି ରଖିବାର ପ୍ରେରଣା କେବଳ ଗାନ୍ଧିଜୀଙ୍କ ଅହିଂସା ଦ୍ୱାରା ସମ୍ଭବ ହୋଇପାରିଛି ।

ସତ୍ୟ ଓ ଅହିଂସାର ପୂଜାରୀ ଚାହୁଁନଥିଲେ ରକ୍ତପାତ । ତେଣୁ ସେ ଖଣ୍ଡା, ତୋପ, ଗୁଳିଗୋଳା ବଦଳରେ ଅହିଂସାକୁ ଅସ୍ତ୍ର କଲେ । ବିଦେଶୀ ଶକ୍ତି ବିରୁଦ୍ଧରେ ଲଢ଼ିବାପାଇଁ ଗାନ୍ଧିଜୀ ପ୍ରସ୍ତୁତ କଲେ ଅହିଂସା ଆନ୍ଦୋଳନର ଖସଡ଼ା । ହିଂସାତ୍ମକ ପନ୍ଥାକୁ ପରିହାର କରି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ଜାଗି ଉଠିଲେ ଜନତା । ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ବିଦେଶୀ ଶକ୍ତି କବଳରୁ ଦେଶକୁ ମୁକ୍ତ କରିବାପାଇଁ ଭାରତୀୟ ଜାତୀୟ କଂଗ୍ରେସ ଅହିଂସାଭିତ୍ତିକ ଆନ୍ଦୋଳନ ଚଳାଇଥିଲା । ବିଦେଶୀ ଶାସନରୁ ମୁକ୍ତି ପାଇବା ପାଇଁ ଗାନ୍ଧିଜୀ ଅହିଂସା ଓ ସତ୍ୟାଗ୍ରହ ରୂପକ ମାର୍ଗକୁ ବାଛିନେଇଥିଲେ । ଗାନ୍ଧିଜୀ କହୁଥିଲେ ଆମେ ଯେତେ ପରିମାଣରେ ଅହିଂସାକୁ କାର୍ଯ୍ୟକାରୀ କରିବା, ସେହି ପରିମାଣରେ ଆମେ ସ୍ୱାଧୀନତା ଲାଭ କରିବା । ଦେଶ ସ୍ୱାଧୀନତା ଲାଭ କରିବା ପର୍ଯ୍ୟନ୍ତ ଗାନ୍ଧିଜୀ ସତ୍ୟାଗ୍ରହ ଓ ଅହିଂସା ନୀତିକୁ ଆପଣାଇ ନେଇଥିଲେ । ସର୍ବଶେଷରେ ସତ୍ୟ ଓ ଅହିଂସା ନୀତି ଆଗରେ ବିଦେଶୀ ଶକ୍ତି ହାର ମାନିଥିଲା । ଗାନ୍ଧିଜୀ ସାରା ବିଶ୍ୱକୁ ଦେଖାଇଦେଇଥିଲେ ଯେ ସତ୍ୟ ଓ ଅହିଂସା ହିଂସାଠାରୁ ଅଧିକ ଶକ୍ତି ସୃଷ୍ଟି କରିପାରେ । ସମଗ୍ର ବିଶ୍ୱ ଉପଲବ୍ଧି କଲା ଅହିଂସାର ମହତ୍ତ୍ୱକୁ । ସତ୍ୟ ଓ ଅହିଂସା ଗାନ୍ଧିଜୀଙ୍କ ପାଇଁ ଥିଲା ଜୀବନ ସଂହିତା । ଜାତିର ପିତା ଗାନ୍ଧିଜୀଙ୍କୁ ସମଗ୍ର ବିଶ୍ୱ ଅହିଂସାର ପ୍ରତୀକ ଏବଂ ପ୍ରତିରୂପ ରୂପେ ବାଛିନେଲେ । ଗାନ୍ଧିଜୀଙ୍କ ଦ୍ୱାରା ପ୍ରଭାବିତ ହୋଇ ନେଲ୍ସନ ମଣ୍ଡେଲା ଓ ମାର୍ଟିନ ଲୁଥର କିଙ୍ଗ ମଧ୍ୟ ଅହିଂସା ମାର୍ଗକୁ ଆଦରି ନେଇଥିଲେ । ଗାନ୍ଧିଜୀଙ୍କ ସମ୍ମାନାର୍ଥେ ୨୦୦୭ ଜୁନ୍ ୧୫ ରେ ଜାତିସଂଘ ସାଧାରଣ ପରିଷଦରେ ମହାତ୍ମା ଗାନ୍ଧିଙ୍କ ଜନ୍ମଦିନ ଅକ୍ଟୋବର ୨କୁ ଆନ୍ତର୍ଜାତିକ ଅହିଂସା ଦିବସ ଭାବେ ପାଳନ କରିବାକୁ ପ୍ରସ୍ତାବ ଆସିଥିଲା । ପରିଷଦର ସମସ୍ତ ସଦସ୍ୟ ଏହି ଦିନକୁ ଆନ୍ତର୍ଜାତିକ ଅହିଂସା ଦିବସ ଭାବେ ପାଳନ କରିବାକୁ ସ୍ଥିର କରିଥିଲେ । ଜାତିସଂଘର ସବୁ ସଦସ୍ୟ ରାଷ୍ଟ୍ର ଦ୍ୱାରା ଏହି ଦିବସ ପାଳନ କରାଯାଇଆସୁଛି । ଗାନ୍ଧିଜୀ କେବଳ ଜାତିର ଜନକ ନୁହଁନ୍ତି ବରଂ ସମଗ୍ର ବିଶ୍ୱପାଇଁ ଥିଲେ ଆଦର୍ଶ ।

ମାନବ ସମାଜ ପାଇଁ ଏକ ଅସରନ୍ତି ପ୍ରେରଣାର ଉତ୍ସ ହେଉଛନ୍ତି ଲାଲ ବାହାଦୂର ଶାସ୍ତ୍ରୀ । କେବଳ ନାଁ ନୁହେଁ, ବାସ୍ତବରେ ସେ ଜଣେ ବାହାଦୂର ନେତା ଥିଲେ । ଶାସ୍ତ୍ରୀଜୀ ବାହାରୁ ଦେଖିବାକୁ ଯେମିତି ସାଧାରଣ ଦେଖାଯାଉଥିଲେ, ସେମିତି ମନରୁ ଶାନ୍ତ ଓ ନିର୍ମଳ ସ୍ୱଭାବର ଥିଲେ । ଶାସ୍ତ୍ରୀଜୀଙ୍କ ବାଲ୍ୟକାଳ ସଂଘର୍ଷରେ ବିତିଥିଲା । ମାତ୍ର ୧୬ ବର୍ଷ ବୟସରେ ମହାତ୍ମା ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନରେ ଭାଗ ନେଇ ଲାଲ ବାହାଦୂର ଶାସ୍ତ୍ରୀ ଭାରତକୁ ସ୍ୱାଧୀନତା ଦେବାକୁ ଲଢିଥିଲେ । ସେତେବେଳେ ଶାସ୍ତ୍ରୀଜୀ, ଅନେକ ସ୍ୱଦେଶୀପ୍ରେମୀଙ୍କ ସଂସ୍ପର୍ଶରେ ଆସିଥିଲେ । ଶାସ୍ତ୍ରୀ ଦେଶର କୃଷକ ଏବଂ ଶ୍ରମିକମାନଙ୍କର ନେତା ଭାବରେ ମଧ୍ୟ ଜଣାଶୁଣା । ୧୯୬୫ ମସିହାରେ ଭାରତ-ପାକ୍ ଯୁଦ୍ଧ ସମୟରେ ଲାଲ ବାହାଦୂର ଶାସ୍ତ୍ରୀ 'ଜୟ ଯବାନ, ଜୟ କିଷାନ' ସ୍ଲୋଗାନ ଦେଇଥିଲେ । ଲାଲ ବାହାଦୂର ଶାସ୍ତ୍ରୀ ତାଙ୍କର ସରଳ ପ୍ରକୃତି ଏବଂ ସରଳ ଜୀବନ ପାଇଁ ଜଣାଶୁଣା । ଦେଶର ଅଖଣ୍ଡତା ଓ ଏକତା ରକ୍ଷା କରିବାରେ ଶାସ୍ତ୍ରୀଜୀ ଥିଲେ ଅଦ୍ୱିତୀୟ ।

ଶାସ୍ତ୍ରୀଜୀ ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେଲାପରେ ପାକିସ୍ତାନ ଭାରତ ଉପରେ ଆକ୍ରମଣ କରିଥିଲା । ଏତିକିବେଳେ ଦେଶରେ ଖାଦ୍ୟ ଶସ୍ୟର ଘୋର ଅଭାବ ଦେଖାଦେଇଥିଲା । ତେଣୁ ଖାଦ୍ୟ ଶସ୍ୟ ଆମଦାନୀ କରିବା ପାଇଁ ଅନ୍ୟ ରାଷ୍ଟ୍ର ଉପରେ ନିର୍ଭରଶୀଳ ହେବାକୁ ପଡ଼ିଲା । ଏଭଳି ପରିସ୍ଥିତିରେ ଶାସ୍ତ୍ରିଜୀ 'ଜୟ ଯବାନ ଜୟ କିଷାନ' ସ୍ଲୋଗାନ ଦେଇଥିଲେ । ଦେଶକୁ ରକ୍ଷା କରିବା ପାଇଁ ସୈନିକମାନଙ୍କୁ ଆହ୍ୱାନ ଦେବା ସହ ଭାରତର ଖାଦ୍ୟଶସ୍ୟ ଆମଦାନୀର ମାତ୍ରାକୁ କମ୍ କରିବା ନିମନ୍ତେ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିବା ପାଇଁ କୃଷକମାନଙ୍କୁ ଉତ୍ସାହିତ କରିବାକୁ ପ୍ରୟାସ କରିଥିଲେ । ଭାରତର ଖାଦ୍ୟ ଉତ୍ପାଦନକୁ ବୃଦ୍ଧି କରିବାର ଆବଶ୍ୟକତାକୁ ଦର୍ଶାଇ ଶାସ୍ତ୍ରିଜୀ ୧୯୬୫ରେ ଭାରତରେ ସବୁଜ ବିପ୍ଳବକୁ ମଧ୍ୟ ପ୍ରୋତ୍ସାହିତ କରିଥିଲେ । ବିଶେଷ କରି ତାଙ୍କ ସମୟରେ ପଞ୍ଜାବ, ହରିୟାଣା ଏବଂ ଉତ୍ତରପ୍ରଦେଶରେ ଖାଦ୍ୟଶସ୍ୟ ଉତ୍ପାଦନରେ ବୃଦ୍ଧି ଘଟିଥିଲା । ସେ ଭଲ ଭାବେ ହୃଦୟଙ୍ଗମ କରିଥିଲେ ଯେ, ଦେଶର ସୁରକ୍ଷା ଏବଂ ଖାଦ୍ୟ ନିରାପତ୍ତା ଉଭୟ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ । ସେ ଥିଲେ ଏକ ବିରଳ ଅମ୍ଳାନ ବ୍ୟକ୍ତି । ଭାରତର ରାଜନୈତିକ କ୍ଷେତ୍ରରେ ଜଣେ ଉଜ୍ଜ୍ୱଳ ନକ୍ଷତ୍ର । ଦେଶର ଘଡିସନ୍ଧି ମୁହୂର୍ତ୍ତରେ ଶାସନର ମଙ୍ଗ ସମ୍ଭାଳି ଦେଶକୁ ବିଜୟ ଧାରାରେ ଯେଉଁଭଳି ପ୍ରବାହିତ କଲେ, ତାହା ବାସ୍ତବିକ ଅନବଦ୍ୟ ଓ ଅବିସ୍ମରଣୀୟ ।

ଗାନ୍ଧିଜୀ ଶାସ୍ତ୍ରୀଜୀ ପରସ୍ପର ଥିଲେ ପରିପୂରକ । ଗାନ୍ଧି ପଥ ହେଲେ ଶାସ୍ତ୍ରୀ ପଥିକ । ଦେଶରେ ଶାନ୍ତି ବଜାୟ ରଖିବାକୁ ହେଲେ ଗାନ୍ଧିଜୀଙ୍କର ସେହି ସତ୍ୟ ଓ ଅହିଂସା ଏବଂ ଶାସ୍ତ୍ରୀଜୀଙ୍କ ସେବା ଓ ଶାନ୍ତିର ନୀତିକୁ ଅପଣାଇବାକୁ ପଡିବ । ଗାନ୍ଧିଜୀଙ୍କ ଜୀବନ ଏବଂ ଆଦର୍ଶ ଆମ୍ଭର ଉତ୍ତର ପିଢିକୁ କର୍ତ୍ତବ୍ୟ ପଥରେ ଚାଲିବା ପାଇଁ ଅନୁପ୍ରାଣିତ କରିବ । ସେହିପରି ସେବା,ଶାନ୍ତି ଓ ମୂଲ୍ୟବୋଧ ଉପରେ ଆଧାରିତ ଶାସ୍ତ୍ରୀଜୀଙ୍କ ଜୀବନ ଦେଶବାସୀଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିଆସିଛି ।

**ନିମାପଡା, ପୁରୀ**
**ମୋ-୯୭୭୮୧୭୭୫୦୧**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର,
ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ
ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ସଂକଳ୍ପ ଶକ୍ତି

**ଅମୃତବାଣୀ**

ଉର୍ଜା ଶକ୍ତିର ମହାପ୍ରବାହ ମଧ୍ୟରୁ ଈପସିତ ବିଚାର ପ୍ରଭାବକୁ ନିଜଦ୍ୱାରା ଚୟନ କରିବା ହେଉଛି ସଂକଳ୍ପର ତାତ୍ପର୍ଯ୍ୟ । ଉର୍ଜାଧାରାକୁ ନିର୍ଦ୍ଦିଷ୍ଟ ଦିଶା ଦେଇଥାଏ ସଂକଳ୍ପ । ସଂକଳ୍ପ ଏଭଳି ଗୋଟେ ବୀଜ, ଯାହା ପଡ଼ିବାମାତ୍ରେ ଅଙ୍କୁରିତ ହେବା ଆରମ୍ଭ କରିଦିଏ ।

ସଂକଳ୍ପ ଶକ୍ତି ପଛେ ପଛେ ସକଳ ଶକ୍ତି ଗତିଶୀଳ । ଜୀବନରେ ଆମେ କଣ କରିବା ଦରକାର, ତା' ଦ୍ୱାରା ପାଇବା କଣ ଆଉ ଯିବା କୁଆଡେ ? ଏ ସବୁ ଜିଜ୍ଞାସାର ସମାଧାନ ପାଇଁ ସମସ୍ତଙ୍କ ଦ୍ୱାରା ଗୋଟେ ଲକ୍ଷ୍ୟ ନିର୍ଦ୍ଧାରଣ କରାଯାଏ । କିନ୍ତୁ ସେଇ ଲକ୍ଷ୍ୟ ହାସଲ କରିବା ସଂକଳ୍ପ ଶକ୍ତି ବିନା ପ୍ରାୟତଃ ସମ୍ଭବ ନୁହେଁ କହିଲେ ଚଳେ । ଅନେକାଂଶରେ ସଂକଳ୍ପ ହିଁ ମନୁଷ୍ୟର ଜୀବନ ଉର୍ଜାକୁ ନିରୂପିତ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ, ନଚେତ୍ ଜୀବନ-ଉର୍ଜା ହାତମୁଠିରୁ ବାଲି ଭଳି ସର୍‌କିନା ଖସିଯାଇଥାଏ । ଅନେକାଂଶରେ ଦେଖାଯାଇଥାଏ ଯେ ବିଭିନ୍ନ ଧାର୍ମିକ କାର୍ଯ୍ୟ ପୂର୍ବରୁ ହିଁ ସଂକଳ୍ପର ବିଧିବିଧାନ ଖଞ୍ଜା ହୋଇ ରହିଥାଏ । ତେବେ

ସଂକଳ୍ପ କଣ ଆଉ କାହିଁକି କରାଯାଇଥାଏ, ଏଭଳି ଅନେକ ପ୍ରଶ୍ନ ଆମ ଅନେକଙ୍କ ମନରେ ଉଙ୍କିମାରେ । ସ୍ଥଳବିଶେଷରେ ଅଧିକାଂଶ ଲୋକ ଏହାକୁ କେବଳ ଗୋଟେ ଉଦରପୂର୍ତ୍ତିର ମାଧ୍ୟମ କରି ଦେଇଥାନ୍ତି । କିନ୍ତୁ ଯେତେବେଳେ ଏହାକୁ ଟିକେ ଗହରେଇ ବିଶ୍ଳେଷଣ କରାଯାଏ, ସେତେବେଳେ, ଏହାର ଦାର୍ଶନିକତା ଓ ବୈଜ୍ଞାନିକ ଦିଗଟି, ସ୍ୱତନ୍ତ୍ର ଓ ଅନନ୍ୟ ବୋଲି ଜଣାଯାଏ । କୌଣସି ଧାର୍ମିକ ସଂକଳ୍ପ ସହିତ ଅନେକ ତଥ୍ୟ ଜଡ଼ିତ ରହିଥିବାର ଦେଖାଯାଇଥାଏ । ଯେହେତୁ ସଂକଳ୍ପ ସୃଷ୍ଟିକୁ, ସମଷ୍ଟି ସହିତ, ଲଘୁକୁ ବିଭୁଙ୍କ ସହିତ, ସୀମିତକୁ ବିଶାଳ ସହିତ ଯୋଡ଼ିଥାଏ, ସେ ହେତୁ, ଏହାର ସମ୍ପର୍କ ସୃଷ୍ଟି ଆରମ୍ଭରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏବଂ ବର୍ତ୍ତମାନ କାଳରେ ବ୍ୟକ୍ତିର ଅଭୀଷ୍ଟ କାମନାରେ ସମାହିତ ହୋଇଥାଏ ।

ସଂକଳ୍ପ ଏକ ଗଭୀର ବୈଜ୍ଞାନିକ ପ୍ରଣାଳୀ । ସଂକଳ୍ପ ସହଜତାରୁ ନିଷ୍ପନ୍ନ ହୋଇଥାଏ । ଏଥିରେ ଉର୍ଜାକୁ ଦିଶା ଦେବାର ଅସୀମ ଓ ଅପରିମିତ ସାମର୍ଥ୍ୟ ନିହିତ ଥାଏ ।



ସଂକଳ୍ପର ବୀଜ ଯେତେବେଳେ ଆମ ଭିତରେ ରୋପି ଦିଆଯାଏ, ସେତେବେଳେ ଶରୀର ସେଇ ଦିଗରେ ଅନାୟାସରେ ଗତିଶୀଳ ହୋଇ କ୍ରମଶଃ ଆଗକୁ ଆଗକୁ ବଢିଚାଲେ । ତେବେ ଯେତେବେଳେ ଶରୀର ଅବଶ ଓ ଶିଥିଳ ହୋଇଯାଏ, ସେତେବେଳେ ମଧ୍ୟ ମନରେ ବପନ ହୋଇଥିବା ସଂକଳ୍ପ ବୀଜ ଅଙ୍କୁରିତ ହେବାରୁ ଅଟକି ଯାଇନଥିବା ଦେଖାଯାଏ ।

ପରନ୍ତୁ ସଂକଳ୍ପ ସର୍ବଦା ବିକଳ୍ପର ଅନ୍ୱେଷଣରେ ଲାଗିପଡିବାର ଦେଖାଯାଇଥାଏ । ଏଭଳି ସ୍ଥିତି ଏବେ ପ୍ରାୟ ଦୃଷ୍ଟିଗୋଚର ହୋଇଥାଏ । ସଂକଳ୍ପ ସାମ୍ନାରେ ବିକଳ୍ପର ସଘନ ବାତାୟନ ଉନ୍ମୁକ୍ତ ହୋଇରହେ ।

ଏ କଥା ନିଚ୍ଛକ ସତ୍ୟ ଯେ ଆମେ ବିକଳ୍ପଗୁଡ଼ିକ ସହିତ ସଂକଳ୍ପର ଅବଧାରଣା କରିଥାଉ । ବସ୍ତୁତଃ ସଂକଳ୍ପ ବିକଳ୍ପଗୁଡ଼ିକର ଉର୍ଦ୍ଧ୍ୱରେ ରହିଥାଏ ।

ସଂକଳ୍ପର ଉଦ୍ଦେଶ୍ୟ 'ଯେ' ଅଥବା 'କିଛିନାହିଁ' । ଇଏ ବି ଓ ସିଏ ମଧ୍ୟ, ବିକଳ୍ପର ସଙ୍କେତ । ସାମର୍ଥ୍ୟ ଅନୁରୂପ ସଂକଳ୍ପ ଓ ସଂକଳ୍ପ ଛୋଟରୁ ବଡ ଆଡ଼କୁ ଗତିଶୀଳ ହେଲେ ସଂକଳ୍ପକୁ ପାଳନ କରାଯାଇପାରିବ ।

ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଯେ ,ସଂକଳ୍ପ, ବିକଳ୍ପର ତୋଫାନ ଭିତରେ ସମାହିତ ନ ହେଉ ଏବଂ ନିଜର ଅଭୀଷ୍ଟକୁ ପ୍ରାପ୍ତ କରୁ । ଛୋଟ ଛୋଟ ସଂକଳ୍ପଗୁଡ଼ିକୁ ପୂର୍ଣ୍ଣ କରିବାର ଅଭ୍ୟାସ ସମସ୍ତେ କରିବା ଉଚିତ ।

**ନଗେନ୍ଦ୍ର ନାଥ ପଟ୍ଟନାୟକ**
**ଅତିରିକ୍ତ ଶାସନ ସଚିବ,ଓଡ଼ିଶା ସରକାର**
**ଓସ୍କାର ସିଟି ,ଲେନ୍ ନଂ ୯,ଲକ୍ଷ୍ମୀ ସାଗର**
**କେନାଲ ରୋଡ,ଭୁବନେଶ୍ୱର**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୪ ସୁଦ୍ଧା...

ଡେଭଲପ ହେବ । ଲାନିନା କଣ୍ଡିସନ୍ ଯେତେବେଳେ ଡେଭଲପ ହୁଏ, ସେତେବେଳେ ସାଧାରଣତଃ ଉତ୍ତର ଭାରତରେ ତାପମାତ୍ରା କମ୍ ରହିଥାଏ । କିନ୍ତୁ ସାଧାରଣତଃ ଲାନିନା ବର୍ଷମାନଙ୍କରେ ତାପମାତ୍ରା କମ୍ ରହିଥିବା ଦେଖାଯାଇଛି । ତେଣୁ ଅଧିକ ଥଣ୍ଡା ଅନୁଭୂତ ହୋଇଥାଏ । କିନ୍ତୁ ବର୍ତ୍ତମାନ ଅକ୍ଟୋବର ଓ ନଭେମ୍ବରରେ ଗୋଟିଏ ଦୁର୍ବଳ ନାଲିନା କଣ୍ଡିସନ୍ ହେବ । ତାହା ଧୀରେ ଧୀରେ ସକ୍ରିୟ ହେବ । ତେବେ କିଭଳି ସକ୍ରିୟ ହେବ, ତାକୁ ଅନୁଧ୍ୟାନ କଲେ କେତେ ପରିମାଣରେ ଥଣ୍ଡା ବଢ଼ିବ ଜଣାପଡିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ଅନ୍ୟପକ୍ଷରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି । ବୁଲେଟିନ୍ ଅନୁସାରେ ଆସନ୍ତାକାଲି ଅର୍ଥାତ ଗୁରୁବାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, କନ୍ଧମାଳ, ଗଞ୍ଜାମ,ଗଜପତି, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଘଡ଼ଘଡ଼ି ସହ ବଜ୍ରପାତ ହେବାର ସମ୍ଭାବନା ରହିଛ । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛ । ସେହିପରି ଶୁକ୍ରବାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଜଗତସିଂହପୁର,ଢେଙ୍କାନାଳ, ଅନୁଗୁଳ ଓ କେନ୍ଦୁଝର ଜିଲ୍ଲାରେ ଘଡ଼ଘଡ଼ି ସହ ବଜ୍ରପାତ ହେବାର ସମ୍ଭାବନା ରହିଛି । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

## ୫ ବର୍ଷରେ...

ଆମର ଲକ୍ଷ୍ୟ । ତାଙ୍କ ସରକାରର ୧୦୦ ଦିନ ମଧ୍ୟରେ ୪୫ ହଜାର କୋଟିର ପୁଞ୍ଜି ଓଡ଼ିଶା ଆସିଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଓଡ଼ିଶାକୁ ଦ୍ରୁତ ଶିଳ୍ପାୟନ ପଥରେ ଆଗେଇ ନେବାପାଇଁ ମୋର ପ୍ରଚେଷ୍ଟା ଉତ୍କର୍ଷ ମାନେ ଏକ୍ସିଲେନ୍ ଏବଂ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍, ଶିଳ୍ପ ବିକାଶ କ୍ଷେତ୍ରରେ ଓଡ଼ିଶାକୁ ଉତ୍କର୍ଷ ଆଣିଦେବ । ତେଣୁ ରାଜ୍ୟବାସୀଙ୍କ ଆଶୀର୍ବାଦ ଲୋଡୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଦିଲ୍ଲୀରେ ନିବେଶକଙ୍କ ସମ୍ମିଳନୀ ହେବା ସହ ରୋଡ୍‌ଶୋ ମଧ୍ୟ କରାଯିବ । ଏହି ଗସ୍ତ ସମୟରେ ବିଭିନ୍ନ ଦେଶର ରାଷ୍ଟ୍ରଦୂତ, ହାଇକମିଶନର, ଟ୍ରେଡ୍ କମିଶନର, କନ୍‌ସଲ୍ ଜେନେରାଲଙ୍କ ସହ ଆଲୋଚନା କରାଯିବ । ନୂଆ ସରକାରର ଏହା ପୁଞ୍ଜି ନିବେଶକୁ ଆକର୍ଷିତ କରିବାରେ ଏହା ଏକ ବଡ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ଏହି କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ସମେତ ଶିଳ୍ପ ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ସାମିଲ ହେବେ । ସେମାନେ ପୂର୍ବରୁ ଦିଲ୍ଲୀରେ ରହି ଏଥିଲାଗି କ୍ଷେତ୍ର ପ୍ରସ୍ତୁତ କରିଥିବା ସୂଚନା ମିଳିଛି ।

## ଝିଅ...

ଜଗି ରହିଥିଲା ଟୁକୁନା । ସେଠାରୁ ସେ ଆସିବା ବେଳେ ମହିଳାଙ୍କ କାନରୁ କାନଫୁଲ ଓ ଆଉ ଏକ ମୋବାଇଲ ଲୁଟ୍ କରି ଖସିଆସିଥିଲେ । ବିକାଶ ନାମରେ ଚନ୍ଦ୍ରଶେଖରପୁର ଥାନାରେ ପୂର୍ବରୁ ୭ ମାମଲା ଥିବାବେଳେ ଜଗା ନାମରେ ଚନ୍ଦ୍ରଶେଖରପୁର ଥାନାରେ ୫ଟି ଓ ଭାରତପୁର ଥାନାରେ ଗୋଟିଏ ମାମଲା ଥିବା ପୋଲିସ କହିଛି ।

୩୦ ତାରିଖ ଦିନ ପୀଡିତା ମହିଳା ମୈତ୍ରୀବିହାର ଥାନାରେ ଏତଲା କରିବା ପରେ ପୋଲିସ ଛାନ୍‌ଭିନ୍ କରି ଲୁଟେରା ୩ ଜଣଙ୍କୁ ଗିରଫ କରିବାରେ ସମର୍ଥ ହେଲା । ଗିରଫ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେବା ପାଇଁ କମିଶନର ଶ୍ରୀ ସିଂ ଓ ଡିସିପି ପ୍ରତୀକ ସିଂ ବୁଧବାର ସାମ୍ବାଦିକ ସମ୍ମିଳନୀ କରି ବିସ୍ତୃତ ଭାବେ ଘଟଣା ସମ୍ପର୍କରେ କହିଥିଲେ । ଗିରଫ ୩ଜଣଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଘଟଣା ସମ୍ପର୍କରେ ମାନବାଧିକାର କର୍ମୀ ଜୟନ୍ତ ଦାସ ଜାତୀୟ ମାନବାଧିକାର କମିଶନରେ ଅଭିଯୋଗ କରିଛନ୍ତି ।

## ଆଉଏକ...

ଆଦାସ ନିଲକୋରେସନ, ହମାସ ନେତା ଇସ୍‌ମାଇଲ୍‌ହାନି ଏହୋ ଏବଂ ଲେବାନନର ହେଜିବୁଲ୍ଲା ନେତା ହସନ୍ ନସ୍ରଲ୍ଲାଙ୍କ ହତ୍ୟାର ଜବାବରେ ମଙ୍ଗଳିବାର ରାତିରେ ଇସ୍ରାଏଲ ଉପରେ ୨୦୦ କ୍ଷେପଣାସ୍ତ୍ର ମାଡ କରାଯାଇଛି । ଏହାର ପରିଣାମ ଭୟଙ୍କର ହେବ ବୋଲି ଇସ୍ରାଏଲ ଚେତାବନୀ ଦେଇଛି । ଗାଜାରେ ପାଲିଷ୍ଟାଇନ୍‌ଙ୍କ ଉପରେ ଇସ୍ରାଏଲର ଆକ୍ରମଣ ବନ୍ଦ ହୋଇନାହିଁ । ଲେବାନନ୍‌ର ହେଜେବୁଲ୍ଲା ଗୋଷ୍ଠି ଅଞ୍ଚଳରେ ଇସ୍ରାଏଲ ଆକ୍ରମଣ ଅବ୍ୟାହତ ରଖିଛି । ଇସ୍ରାଏଲର ୨୪ ଗାଁର ଲୋକମାନଙ୍କୁ ତୁରନ୍ତ ଜାଗା ଛାଡି ଯିବାକୁ ଧମକ ଦିଆଯାଇଛି । ଏପଟେ ସିରିଆ କହିଛି ଇସ୍ରାଏଲ ଆକ୍ରମଣରେ ତା'ର ୩ ନାଗରିକ ନିହତ ହୋଇଛନ୍ତି । ୟେମନ୍‌ରେ ରହି ଆତଙ୍କବାଦୀ କାର୍ଯ୍ୟ ଚଳାଉଥିବା ଫାଉଦୀ ବିଦ୍ରୋହୀମାନେ ମଧ୍ୟ ଆଦେନ ଉପସାଗର ଓ ଲୋହିତ ସାଗର ଅଞ୍ଚଳରେ ଇସ୍ରାଏଲ ସମର୍ଥକ ଦେଶର ଯାହାଜ ଉପରେ ଆକ୍ରମଣ ଆରମ୍ଭ କରିଛନ୍ତି । ଘଟଣାକୁ ନେଇ ମଧ୍ୟପ୍ରାଚ୍ୟରେ ଅସ୍ଥିରତାର ବାତାବରଣ ସୃଷ୍ଟି ହୋଇଛି । ଇସ୍ରାଏଲ ସେନା ପକ୍ଷରୁ କୁହାଯାଇଛି ଯେ ଲେବାନନ୍‌ରେ ୮ ଇସ୍ରାଏଲ ସୈନିକଙ୍କ ମୃତ୍ୟୁ ଘଟିଛି । ମଧ୍ୟପ୍ରାଚ୍ୟରେ ଏଭଳି ଅସ୍ଥିରତା ମଧ୍ୟରେ ଇସ୍ରାଏଲର ପାଲେଷ୍ଟାଇନ୍, ଲେବାନନ, ସିରିଆ ଓ ଇରାନ ଉପରେ ପ୍ରଚ୍ଛଦ ଆକ୍ରମଣ ଅଧିକ ଜଟିଳ ସମସ୍ୟା ସୃଷ୍ଟି କରିଛି । ଏହି ଉତ୍ତେଜନା ଏତିକିରେ ସୀମିତ ନହେଲେ ପରିସ୍ଥିତି ଭୟଙ୍କର ହେବାର ଆଶଙ୍କା ଦେଖାଦେଇଛି । ଯୁଦ୍ଧ ଯୋଗୁ ଅଶୋଧିତ ତୈଳ ଦର ବଜାର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ଫଳରେ ଏଭଳି ପରିସ୍ଥିତି ଲାଗି ରହିଲେ ଭାରତ ସମେତ ଅନେକ ଦେଶରେ ଦରବୃଦ୍ଧି ଓ ଅଶାନ୍ତି ଅସମ୍ଭାଳ ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି । ଅପରପକ୍ଷରେ ଦିଲ୍ଲୀସ୍ଥିତ ଇସ୍ରାଏଲ ଦୂତାବାସରେ ସୁରକ୍ଷାକୁ କଡାକଡି କରାଯାଇଛି । ଦିଲ୍ଲୀର ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି ଯେ ଯାଞ୍ଚ ଏବଂ ସୁରକ୍ଷାକର୍ମୀ ମୁତୟନକୁ ବଢ଼ାଇ ଦିଆଯାଇଛି । ତୋଗ୍‌ଲକ୍ ରୋଡ୍ ଅଞ୍ଚଳରେ ଇସ୍ରାଏଲର ଦୂତାବାସ ରହିଛି । ବହୁମୁଖୀ ସୁରକ୍ଷା ବ୍ୟବସ୍ଥା ସହ ଅନେକ ସିସିଟିଭି କ୍ୟାମେରା ଲାଗାଯାଇଛି । ପୂର୍ବରୁ ଏହି ଦୂତାବାସରେ ଦୁଇଥର ବୋମା ବିସ୍ଫୋରଣ ହୋଇଥିଲା ।

## ଦୁଇ ହଜାର...

ଏହି ଶରଣାର୍ଥୀମାନେ ଜାନୁଆରୀ ୨୦୨୦ରୁ ଭାରତରେ ରହିଆସୁଥିଲେ । ଆଫଗାନସ୍ଥାନରେ ସେମାନଙ୍କ ପରିବାର ରହୁଛନ୍ତି । ଭାରତ ଆସିବାପରେ ସେମାନେ ଏକ ମେଡିସିନ୍ ଦୋକାନରେ କାର୍ଯ୍ୟ କରୁଥିଲେ । ଏହାପରେ ସେମାନେ ତାଙ୍କ ବନ୍ଧୁଙ୍କ ସମ୍ପର୍କରେ ଆସି ଡ୍ରଗ୍ସ ବ୍ୟବସାୟରେ ସାମିଲ ହୋଇଥିଲେ । ଦିଲ୍ଲୀ ଓ ଏନ୍‌ସିଆର୍‌ର ବିଭିନ୍ନ ଲୋକଙ୍କ ଠାରୁ ଡ୍ରଗ୍ସ ସପ୍ଲାଏ ପାଇଁ ଅର୍ଡର ଆଣିଥିଲେ । ପ୍ରତିଥର ଡ୍ରଗ୍ସ ପ୍ରଦାନରେ ୧୦୦ ଡଲାର ଏମାନଙ୍କୁ ମିଳୁଥିଲା । ପୋଲିସ କହିଛି ଯେ ନାଏବ ଆଫଗାନର ନାଗରିକ । ପୂର୍ବବର୍ଷ ମଣିପୁରରେ ମଧ୍ୟ ଡ୍ରଗ୍ସ ଜବତ ହୋଇଥିଲା । ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ୪ ଜଣଙ୍କୁ ଏଥିପାଇଁ ଅଟକ ରଖିଥିଲା । ମଣିପୁରରେ ହିଂସା ବ୍ୟାପିବାରୁ କୋକେନ୍ ଏବେ ଦିଲ୍ଲୀ ସମେତ ଅନ୍ୟାନ୍ୟ ରାଜ୍ୟକୁ ଆସୁଥିବା କୁହାଯାଉଛି ।

## ଟ୍ରକ-ବସ୍...

ଆସୁଥିବା ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ବସରେ ଥିବା ୨୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ଆହତ ଯାତ୍ରୀମାନଙ୍କୁ ଆମ୍ବୁଲାନ୍ସ ସାହାଯ୍ୟରେ ନିଆଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଜାତିର ଜନକ ମହାତ୍ମା ଗାନ୍ଧୀଙ୍କୁ ରାଜ୍ୟସ୍ତରୀୟ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

# 'ଯୁବପିଢ଼ୀ ଗାନ୍ଧୀଜୀଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣ କରି ରାଷ୍ଟ୍ରଗଠନରେ ବ୍ରତୀ ହୁଅନ୍ତୁ' : ପୃଥ୍ୱୀରାଜ

ଭୁବନେଶ୍ୱର (ସବ୍ୟୁ) : ଗାନ୍ଧୀଜୀ କେବଳ ଏକ ନାମ ନୁହେଁ, ଏହା ଜୀବନ ଓ ଦର୍ଶନର ଏକ ମହାନ ମାର୍ଗ । ଗାନ୍ଧୀଜୀ କେବଳ ଦେଶକୁ ସ୍ୱାଧୀନ କରି ନଥିଲେ, ଦେଶ ତଥା ସମଗ୍ର ମାନବଜାତିକୁ ସତ୍‌ପଥରେ ଆଗକୁ ବିବାକୁ ପ୍ରେରଣା ଦେଇଥିଲେ । ତାଙ୍କ ଦର୍ଶନ ଓ ପଦର୍ଶିତ ମାର୍ଗର ଆଜି ବି ଅନେକ ପ୍ରାସଙ୍ଗିକତା ରହିଛି । ତେଣୁ ଯୁବପି ତାଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣ କରି ରାଷ୍ଟ୍ରଗଠନରେ ବ୍ରତୀ ହୁଅନ୍ତୁ ବୋଲି ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରକାଶ କରିଛନ୍ତି ।



ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଜୟଦେବ ଭବନଠାରେ ଆୟୋଜିତ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ସମସ୍ତଙ୍କୁ ଏକାଠି କରି ଅହିଂସା ନାମକ ଅସ୍ତ୍ରରେ ଗାନ୍ଧୀଜୀ ବିଦେଶୀ ଶାସକ ବିରୁଦ୍ଧରେ ବିଜୟ ହାସଲ କରି ଦେଶ ପାଇଁ ସ୍ୱାଧୀନତା ଆଣିଥିଲେ । ସର୍ବୋଦୟ, ସ୍ୱଦେଶୀ, ଗ୍ରାମସ୍ୱରାଜ ଏବଂ ସ୍ୱଚ୍ଛତା ନେଇ ଗାନ୍ଧୀଜୀଙ୍କ ବାଣୀକୁ ପାଳନ କରିବା ସହ ତାଙ୍କ ନୀତି ଓ ଆଦର୍ଶକୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଅବଲମ୍ବନ କଲେ ଆମେ ଦେଶକୁ ଶୀର୍ଷସ୍ତରକୁ ନେଇପାରିବା ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂହ କହିଲେ ଯେ ଗାନ୍ଧୀବାଦ ଓ ଗାନ୍ଧୀ ଦର୍ଶନ ହିଂସା ଉପରେ ଏକ ଶକ୍ତ ପ୍ରହାର ସଦୃଶ । ମହିଳାଙ୍କୁ ସମ୍ମାନ ଓ ନିଶାମୁକ୍ତ ଭାରତର ସେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହାକୁ ଆଗାମୀ ପି ଆନ୍ତରିକ ଭାବେ ପାଳନ କରିବାକୁ ସେ ଅନୁରୋଧ କରିଥିଲେ ।

ବିଶିଷ୍ଟ ଗାନ୍ଧୀବାଦୀ ଚିନ୍ତକ ଏବଂ ଲେଖକ ଗୌରାଙ୍ଗ ଚରଣ ପରିଡ଼ା କହିଲେ ଯେ ସତ୍ୟ ଓ ନିର୍ଭିକତା ଅହିଂସା ରୂପକ ମୁଦ୍ରାର ଦୁଇଟି ପାଶ୍ୱର୍ । ଅସ୍ପୃଶ୍ୟତା ନିବାରଣ, ନାରୀ ସୁରକ୍ଷା ଲକ୍ଷ୍ୟ ନେଇ ଗାନ୍ଧୀଜୀ ଯେଉଁ ସଂଗ୍ରାମ ଆରମ୍ଭ କରିଥିଲେ ତାହା ଭାରତକୁ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ଆଣି ଦେଇଥିଲା । ଗାନ୍ଧୀଜୀଙ୍କ ଆଦର୍ଶ ଆଜି କେବଳ ଭାରତରେ ନୁହେଁ ବରଂ ସାରା ବିଶ୍ୱରେ ପ୍ରସିଦ୍ଧି ଅର୍ଜନ କରିଛି ବୋଲି ସେ ମତବ୍ୟକ୍ତ କରିଥିଲେ ।

ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ ଯେ ସତ୍ୟ, ଧର୍ମ ଓ ନ୍ୟାୟ ଉପରେ ମହାତ୍ମା ଗାନ୍ଧୀଙ୍କ ଦର୍ଶନ ଆଧାରିତ ଥିଲା । ମାନବଜାତିର ଉତ୍ଥାନ ଥିଲା ତାଙ୍କ ବିଚାରଧାରାର ମୂଳମନ୍ତ୍ର । ଏହି ଅବସରରେ ଗୌରାଙ୍ଗ ଚରଣ ପରିଡ଼ାଙ୍କ ଗାନ୍ଧୀଜୀଙ୍କ ଉପରେ ରଚିତ ୩ଟି ପୁସ୍ତକ ଲୋକାର୍ପିତ ହୋଇଥିଲା । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଅବସରରେ ଜୟଦେବ ଭବନଠାରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଆୟୋଜିତ 'ଓଡ଼ିଶାରେ ଗାନ୍ଧୀଜୀ' ଶୀର୍ଷକ ଫଟୋ ପ୍ରଦର୍ଶନୀକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଉଦ୍‌ଘାଟନ କରିଥିଲେ । ଏହି ପ୍ରଦର୍ଶନୀରେ ଗାନ୍ଧୀଜୀଙ୍କ ଓଡ଼ିଶା ଗସ୍ତର ବିଭିନ୍ନ ବିରଳ ଫଟୋଚିତ୍ର ସ୍ଥାନ ପାଇଥିଲା ।

ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ଗୁର୍ବୀର ସିଂହ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶନୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ଗଣମାଧ୍ୟମର ପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଅଲିଭା ଆରତୀ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ହାଇଟେକ୍ ମେଡିକାଲ୍‌ରେ ଗାନ୍ଧିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ଭୁବନେଶ୍ୱର (ସବ୍ୟୁ) : ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ଭୁବନେଶ୍ୱରରେ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀ ଉନ୍ମୋଚିତ ହୋଇଛି । ଏହାକୁ ହାଇଟେକ୍ ଗ୍ରୁପ୍‌ର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ ଉଦ୍ଘାଟନ କରିଥିବାବେଳେ, ନିର୍ଦ୍ଦେଶକ ସନ୍ତୋଷ କୁମାର ଚୌଧୁରୀ ଏବଂ ଉପନିର୍ଦ୍ଦେଶକ ଅନିଲ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ । ଏକବିଂଶ ଶତାବ୍ଦୀରେ ବିଦ୍ୟାର୍ଥୀମାନଙ୍କର ଆଦର୍ଶ ଜୀବନ ବିତାଇବା ପାଇଁ ଗାନ୍ଧୀଙ୍କର ସମସ୍ତ ର୍ବା ସେମାନଙ୍କ ପାଇଁ ପ୍ରେରଣା ଯୋଗାଇବ ବୋଲି ମ୍ୟାନେଜିଙ୍ଗ ଟ୍ରଷ୍ଟି କହିଥିବାବେଳେ ଗାନ୍ଧୀଙ୍କ ପାଖରୁ ସହନଶୀଳତା ଓ ଧୈର୍ଯ୍ୟ ବିଦ୍ୟାର୍ଥୀମାନେ ଅନୁକରଣ କଲେ ସେମାନଙ୍କ ଜୀବନରେ ସଫଳତା ଆସିବ ବୋଲି ନିର୍ଦ୍ଦେଶକ ସନ୍ତୋଷ କୁମାର ଚୌଧୁରୀ କହିଥିଲେ। ମେଡିସିନ୍ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡ. ସଞ୍ଜୟ ଜାଙ୍ଗିଦ୍ ଗାନ୍ଧୀଙ୍କର ବିଚାରଧାରା, ଆଦର୍ଶବୋଧ ସମସ୍ତ ଲୋକମାନଙ୍କ ପାଇଁ ଏକ ବାର୍ତ୍ତା ଯୋଗାଇଛି ବୋଲି କହିଥିବାବେଳେ କର୍ଣ୍ଣ,ଗଳା ଓ ନାସା ବିଭାଗର ବିଭାଗୀୟ ମୁଖ୍ୟ ଡ. ରାଜଲକ୍ଷ୍ମୀ ପାଣିଗ୍ରାହୀ ଗାନ୍ଧୀଙ୍କର ଜୀବନ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱ ପାଇଁ ଆଦର୍ଶ ଜୀବନ ଭାବରେ ପରିଗଣିତ ହୋଇଛି । ଏହି ପ୍ରତିମୂର୍ତ୍ତୀ ଉନ୍ମୋଚିତ ସଭାକୁ ହାଇଟେକ୍ ମେଡିକାଲ କଲେଜର ପ୍ରଶାସନିକ ଅଧିକାରୀ ଗୋପେଶ୍ୱର ଆଚାର୍ଯ୍ୟ ଆୟୋଜନ କରିଥିଲାବେଳେ ଓଡିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ ତଥା ଆନ୍ତର୍ଜାତୀୟ ଓଡିଶୀ ନୃତ୍ୟଶିଳ୍ପୀ ଡ. ଚିରଞ୍ଜନ ସାହାଣୀ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ହାଇଟେକ୍ ଗ୍ରୁପର ଶତାଧିକ ବିଦ୍ୟାର୍ଥୀ ଯୋଗଦେଇ ଗାନ୍ଧୀଙ୍କ ଆଦର୍ଶର ର୍ବା ଶୁଣିଥିବା ସମୟରେ ଗାନ୍ଧୀଙ୍କ ରାମଧୁନ୍ ସମସ୍ତେ ଗାନ କରିଥିଲେ ।

With best compliments from :-
BALASORE SCHOOL OF ENGINEERING
RANIPATNA, BALASORE - 756001
26 Years Old Diploma Institute in Odisha
SRINIX COLLEGE OF ENGINEERING


ଗାନ୍ଧିଜୟନ୍ତୀ, ଶାରଦୀୟ ପୂଜା,
ଦୈନିକ ଖବର କାଗଜ ସମୟର
୨୮ ତମ ସ୍ୱନକ୍ଷତ୍ର ଦିବସ ଅବସରରେ
ବାଲେଶ୍ୱର ସହରବାସୀଙ୍କ ସୁଖ ଓ ସମୃଦ୍ଧି
କାମନା କରୁଛି ।
ଶ୍ରୀମତୀ ସରୋଜିନୀ ଦାସ

ସମାଜସେବୀ
ଭୋଇସାହି, ବାଲେଶ୍ୱର




# ରାଜ୍ୟସ୍ତରୀୟ ଗାନ୍ଧୀଜୟନ୍ତୀ ସମାରୋହରେ ରାଜ୍ୟପାଳଙ୍କ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର (ସବ୍ୟୁ) : ମହାତ୍ମା ଗାନ୍ଧୀଙ୍କ ବିଚାର ଓ କାର୍ଯ୍ୟ ସାରା ଦୁନିଆକୁ ମାର୍ଗ ଦେଖାଇଛି ମହାତ୍ମା ଗାନ୍ଧୀ ଦାଣ୍ଡି ମାର୍ଚ୍ଚରୁ ଆରମ୍ଭ କରି ଭାରତଛାଡ ପର୍ଯ୍ୟନ୍ତ ଅନେକ ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି । ତେବେ ମହାତ୍ମାଙ୍କ ଦୃଷ୍ଟିରେ ସ୍ୱଚ୍ଛତା ସବୁବେଳେ ସର୍ବାଗ୍ରେ ରହିଆସିଛି । ଯେତେବେଳେ ତାଙ୍କୁ ସ୍ୱଚ୍ଛତା ଓ ସ୍ୱାଧୀନତା ମଧ୍ୟରେ କାହାକୁ ବାଛିବେ ପ୍ରଶ୍ନ ଥିଲା ସେ କହିଥିଲେ । ପ୍ରଥମେ ସ୍ୱଚ୍ଛତାକୁ ହିଁ ବାଛିବେ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ରଘୁବର ଦାସ ଏହି ମତ ରଖିଛନ୍ତି । ସେ କହିଛନ୍ତି ଯେ, ସ୍ୱଚ୍ଛତା ପ୍ରଥମେ ଓ ସ୍ୱାଧୀନତା ପରେ ବୋଲି ଗାନ୍ଧଜୀ କହିଥିଲେ । ଆଜି ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାରା ଦେଶରେ ଏହାକୁ ଏକ ଅଭିଯାନ ଭାବେ ଜନଆନ୍ଦୋଳନରେ ପରିଣତ କରିଛନ୍ତି ମହାତ୍ମାଙ୍କ ପ୍ରକୃତ ସ୍ୱପ୍ନକୁ ସାକାର କରିବାକୁ ଏହା ସମର୍ପିତ ହୋଇଛି ।




ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଭୁବନେଶ୍ୱର ଶହୀଦ ସ୍ମାରକୀ ସ୍ୱାଧୀନତା ସ୍ମାରକୀ ସଦନଠାରେ ଏହି ରାଜ୍ୟସ୍ତରୀୟ ସମାରୋହର ଆୟୋଜନ ହୋଇଥିଲା । ରାଜ୍ୟପାଳ ପ୍ରଥମେ ଶହୀଦ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଓ ପରେ ମହାତ୍ମାଙ୍କ ପ୍ରତି ତାଙ୍କର ବିଶେଷ ଶ୍ରଦ୍ଧା ନିବେଦନ କରି ମହାତ୍ମାଙ୍କ ଆଦର୍ଶ ଏବଂ ବିଚାର ଧାରାକୁ ପ୍ରତ୍ୟେକ ନାଗରିକ ଆଗକୁ ନେବା ପାଇଁ ଆହ୍ୱାନ ଦେଇଥିଲେ ।

ସ୍ୱାଧୀନତା ସଂଗ୍ରାମୀ ବିଦ୍ୟାଧର ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ରାଜ୍ୟ ପୂର୍ତ୍ତ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ, ଗାନ୍ଧଜୀ ତାଙ୍କର ସାମଗ୍ରିକ ଆନ୍ଦୋଳନରେ ଘରର ଜଣେ ମୁରବୀ ଭଳି ଅନେକ ସମୟରେ ନିଜକୁ କଷ୍ଟ ଦେଉଥିଲେ ଯେମିତି ଆମକୁ ଠିକଣା ବାଟକୁ ଆଣିବାକୁ ଘରର ମୁରବୀ ଅନ୍ନ, ଜଳ ଗ୍ରହଣ କରନ୍ତି ନାହିଁ ଗାନ୍ଧଜୀ ସେହିଭଳି ଅନଶନ ସତ୍ୟାଗ୍ରହ କରୁଥିଲେ ।

ରାମ ରାଜ୍ୟର ପରିକଳ୍ପନା ମହାତ୍ମା ଗାନ୍ଧୀଙ୍କର ଥିଲା ଏବଂ ସେଥିରେ ସେ ସବୁବେଳେ ସର୍ବୋଦୟ, ସ୍ୱଦେଶୀ ଓ ଗ୍ରାମ ସ୍ୱରାଜକୁ ଗୁରୁତ୍ୱ ଦେଉଥିଲେ ଆଜି ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବକା ସାଥ୍ ସବକା ବିକାଶ, ସ୍ୱଦେଶୀ ଭାବନା ଓ ଗ୍ରାମ ସ୍ୱରାଜକୁ ପ୍ରାଥମିକତା ଦେଉଛନ୍ତି ରାଜ୍ୟରେ ମୋହନ ମାଝୀଙ୍କ ସରକାର ମଧ୍ୟ ସମାଜର ଶେଷ ଧାଡିର ଲୋକଟି ପାଖରେ ପ୍ରତ୍ୟେକଟି ଯୋଜନା ପହଞ୍ଚୁ ତାକୁ ଲକ୍ଷ୍ୟ ରଖି କାର୍ଯ୍ୟକ୍ରମ ଆଗକୁ ନେଉଛନ୍ତି ।

ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ନିହାର ରଂଜନ ପଟ୍ଟନାୟକ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଗାନ୍ଧିଜୀ କିଭଳି ରାମ ନାମକୁ ଆପଣାଇଥିଲେ ଓ ଗାନ୍ଧୀବାଦର ପ୍ରାସଙ୍ଗିକତା କିପରି ସବୁଦିନେ ପ୍ରଜ୍ୱଳିତ ହୋଇ ରହିଛି । ତାହା ଉଲ୍ଲେଖ କରିଥିଲେ । ଏକାମ୍ର ଭୁବନେଶ୍ୱରର ବିଧାୟକ ବାବୁ ସିଂ ଓ ବିଜେପି ନେତା ଜଗନ୍ନାଥ ପ୍ରଧାନ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଦିବସବ୍ୟାପୀ ସମାରୋହର ଏହି ଉଦଘାଟନୀ ଉତ୍ସବକୁ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଯୁବ ସାମ୍ମୁଖ୍ୟ ସଦସ୍ୟ ବିରୂପାକ୍ଷ ତ୍ରିପାଠୀ ସଞ୍ଚାଳନ କରିଥିବା ବେଳେ ସମାରୋହର ଆବାହକ ପ୍ରଫେସର ଉପେନ୍ଦ୍ର ପଢ଼ୀ ଆନୁଷ୍ଠାନିକଭାବେ ଧନ୍ୟବାଦ ଦେଇଥିଲେ ଏହି ଅବସରରେ ରାଜ୍ୟପାଳଙ୍କୁ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନ ପକ୍ଷରୁ ସୂତ୍ରମାଳ ଓ ପୁଷ୍ପ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ରାଜ୍ୟପାଳ ୨ଜଣ ଛୋଟ ପିଲା ବିପ୍ଳବ ତ୍ରିପାଠୀ ଓ ଆୟାଂଶୁ ବାରିକଙ୍କ ଠାରୁ ଉତ୍ତରୀୟ ନେବା ସହିତ ବେଶ୍ କିଛି ସମୟ ଉଭୟଙ୍କ ସହ କଥା ହୋଇଥିଲେ ଅଭୟ ବଡଜେନା ଓ ପ୍ରମେଶ ମହାନ୍ତି ପରିଚାଳନାରେ ସହଯୋଗ କରିଥିଲେ।

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବିନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୭୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

SAGAR SCIENCE HIGHER SECONDARY SCHOOL
1ST RESIDENTIAL COLLEGE IN NORTH ODISHA
Chse 2024 542 SANTANU SAHOO
Chse 2024 540 ABHINASH BISWAL
BEST +2 SCIENCE COLLEGE IN BALASORE
Chse 2023 555 Rajib Lochan Kar
Chse 2023 541 Soumya Behera
Chse 2023 534 Subhankar Sahu
Chse 2023 532 Rudramadhab Panda
6372377380 | 6372377380 | 6372377380
www.sagarcollege.com
Sunhat Chak, Balasore, Odisha - 756002

## ମହାକାଳପଡ଼ା-ବିଜୟନଗର ରାସ୍ତାକୁ କବ୍‌ଜା କଲାଣି କଣ୍ଟାଗଛ

ମହାକାଳପଡ଼ା, (ସବ୍ୟୁ) : ସ୍ଥାନୀୟ ବ୍ଲକ ଅଧୀନ ମହାକାଳପଡ଼ା ରୁ ବିଜୟ ନଗର ଲମ୍ବିଥିବା ଦୁଇ କିମି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ଦୁଇପାର୍ଶ୍ୱ ନିର୍ମାଣ ପରଠୁ ସଫେଇ ଅଭାବରୁ ଅନାବନା ଓ କଣ୍ଟାଗଛରେ ଭରପୁର ରହିଛି । ବିଜୟ ନଗର ଓ ମହାକାଳପଡ଼ା ଦୁଇ ପଂଚାୟତବାସୀଙ୍କ ଏହି ମୁଖ୍ୟ ରାସ୍ତାଟି ଧୀରେ ଧୀରେ ପାର୍ଶ୍ୱରେ ଗଛ ଦ୍ୱାରା ଆଚ୍ଛାଦିତ ହେବାରୁ ଯାତାୟତରେ ବ୍ୟାହତ ସୃଷ୍ଟି ହେଉଛି । ଏପରିକି ଜନବହୁଳ ରାସ୍ତାରେ ଗୋଟିଏ ଗାଡି ଯିବା ବେଳେ ସାଧାରଣ ପଥଚାରି ଅତିକ୍ରମ କରିବା ବିପଦପୂର୍ଣ୍ଣ ହେଉଛି । ବଣୁଆ ଓ ଆବର୍ଜନାମୟ ରାସ୍ତାରେ ରାତିଅଧ ତିନି ପ୍ରହର ରାସ୍ତାରେ ଯାତାୟତ ସମୟରେ ସର୍ପାଘାତର ଆଶଙ୍କା ଥିବାରୁ ବାଇକ ଆରୋହୀ ଓ ପଦଚାରୀ ଭୟ କରୁଛନ୍ତି । ଜନତାଙ୍କ ସୁବିଧା ନିମନ୍ତେ ରାସ୍ତା କଡ଼ ସଫେଇ ପାଇଁ ସେକ୍ସନ ଯନ୍ତ୍ରୀ ଓ ଠିକାଦାରଙ୍କୁ ଏକାଧିକ ବାର ଅଭିଯୋଗ ପରେ ବି ସୁଫଳ ମିଳୁନି । ଦେଖିବାକୁ ବାକି ରହିଲା କେବେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗୁଛି ।

ଶୁଭେଚ୍ଛା ବାର୍ତ୍ତା
ଶିକ୍ଷା ରୂପକ ଦୀପ ସମସ୍ତ ଛାତ୍ରଛାତ୍ରୀଙ୍କ ଜ୍ଞାନକୁ ଆଲୋକରେ ଉଦ୍‌ଭାସିତ କରୁ, ଏହାହିଁ କାମନା ।
ପାର୍ବଣ ଦଶହରା, ଧନଦାତ୍ରୀ ମା' ଲକ୍ଷ୍ମୀଙ୍କ ପୂଜା ଉପଲକ୍ଷେ ହିନ୍ଦୋଳ ଶିକ୍ଷା ଜିଲ୍ଲାର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀମାନଙ୍କୁ ଅଶେଷ ଅଶେଷ ଶୁଭେଚ୍ଛା ଓ ଶୁଭକାମନା ।
: ଆପଣଙ୍କର :
ସଂଜୟ କୁମାର ନାୟକ
ସହକାରୀ ବ୍ଲକ ଶିକ୍ଷାଧିକାରୀ ଓ ବ୍ଲକ ଖାଦ୍ୟ ସଂଯୋଜକ, ହିନ୍ଦୋଳ

ସମୟର ୨୮ତମ ସ୍ୱନକ୍ଷତ୍ର ଦିବସ ଓ ଗାନ୍ଧୀ ଜୟନ୍ତୀ ଅବସରରେ ବାଲେଶ୍ୱର ଜିଲ୍ଲାର ଭାଇ, ଭଉଣୀ ଏବଂ ଶିଶୁମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ
ସଦସ୍ୟ ବାଲେଶ୍ୱର ଜିଲ୍ଲା ଶିଶୁମଙ୍ଗଳ କମିଟି, ବାଲେଶ୍ୱର

HOTEL JHADESWAR
06782 - 295053, 260853
8018608503 / 8018606776
JHADESWAR SWEETS
7852940043 / 8260919117

ସମସ୍ତ ଛାତ୍ର ଛାତ୍ରୀ, ଅଭିଭାବକମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା
ଡ. ଧୀରେନ୍ଦ୍ର ନନ୍ଦ
ଶାରଦୀୟ ଅଭିନନ୍ଦନ
VIVEKANANDA INSTITUTE OF ADVANCED EDUCATIONAL RESEARCH & TECHNOLOGY
RESIDENTIAL COLLEGE
+2 SCIENCE · BCA
+3 SCIENCE · BBA
AFFORDABLE FEES · QUALITY TEACHING · GUARANTEE RESULT
NEW CAMPUS : TANGIAPADA KHORDHA, PIN-752057
☎ : 9437006725, 9937652054, 9337541063
E-mail : viaert.odisha@gmail.com, Web. : vivekanandainstitute.org

EVEREST GRIPEXIN SYRUP FOR NEW BORN BABIES & CHILDREN
CELEBRETING 56 YEARS · EHL · Estd. 1967
EVEREST HOMOEO LABORATORY
ISO 9001:2008 Certiified
Leading Manufacturer of Homoeopathic Medicines in Odisha, with maximum range of.............
- Dilutions
- Mother Tinctures.
- Bio-Chemic Tablets.
- Patents

Lab. & Office : B/3 Industrial Estate, P.o./Dist: Balasore - 756001
Phone:06782- 263267, Mob: 8280085678
Email: info@everesthomoeo.com

BALASORE COLLEGE OF ENGINEERING & TECHNOLOGY (BCET)
(Approved by AICTE, New Delhi and Affiliated to BPUT, Odisha)
SERGARH, BALASORE - 756060, ODISHA
MOB-9437961413, 9937976424 Website : wwwbcetodisha.ac.in, E-mail-principal@bcetodisha.ac.in
B.Tech.Programme in : ET, EI, CS, ME, EE, & Civil / PG Programme (M.Tech.) ET & Mech. Engg.
BCET GROUP OF INSTITUTIONS
1) NITYANANDA COLLEGE OF PHARMACY (NCP)
(Approved by AICTE and PCI New Delhi and Affiliated to BPUT, Rourkela, OSBP, BBSR)
Sergarh, Balasore, Odisha, Pin - 756060, Email : ncpbalasore@gmail.com,
Web : www.ncpbalasore.org, Ph -06782-236605/606, Mob-9439901187, 9178489665
Course offered : B.Pharm, D.Pharm
2) CENTRE FOR BUSINESS & INFORMATION SCIENCE (CBIS)
SERGARH, BALASORE-756060., Phone No. : 06782-236045, 9437961413, 9937976424 (M)
Course offered : MBA & MCA
3) BHADRAK ENGINEERING SCHOOL & TECHNOLOGY (BEST)
ASURALI, BHADRAK-756137, Phone No. : 06784-266108, 266100, 9439900105, 8280334453
Diploma Programme in : EE, ME, ET, Civil & CS
4) BCET HIGHER SECONDARY SCHOOL (BHSS)
A Day- Cum - Residential +2 Science College
Sergarh, Balasore, Odisha, Pin - 756060,
Email : bhssbalasore@gmail.com, Web : www.bcetorissa.org.
Mob - 8763312005, 9938303731
5) BCET_INDUSTRIAL TRAINING INSTITUTE (BCET_ITI)
TS-2/1, INDUSTRIAL ESTATE, ANGARGADIA, BALASORE - 756001 Mob , 9437727360
Course offered : FITTER & ELECTRICIAN
6) SUBRATA INDUSTRIAL TRAINING INSTITUTE (SITI)
Mangalpur, Dist:Jajpur, Pin: 755011, Phone No. : 9437303436
Course offered : FITTER, ELECTRICIAN & COPA
7) MANORAMA INDUSTRIAL TRAINING INSTITUTE (MITI)
JAJPUR ROAD, JAJPUR-755019, Phone No. : 9437108195
Course offered : FITTER, ELECTRICIAN & COPA
8) NITYANANDA INDUSTRIAL TRAINING INSTITUTE (NITI)
DHAMNAGAR, BHADRAK-756117, Phone No. : 9437976420
Course offered : FITTER & ELECTRICIAN
9) ST. XAVIER'S HIGH SCHOOL
(A CBSE Pattern, English Medium School)
Krushnakanta Vihar, Mangalpur, Jajpur-755011,
Course offered : Mont-I to Std-VIII, Phone No. : 9658036785, 9439922982,7789054763
10) NITYANANDA INSTITUTE OF MEDICAL SCIENCE (* Proposed)
Sergarh, Balasore
Course offered : B.Sc Nursing
Mr. M.K. Biswal
Chairman

## ଜରାଜୀର୍ଣ୍ଣ ଅବସ୍ଥାରେ ଗାନ୍ଧୀ ସ୍ମୃତି ଭବନ ଭୁଶୁଡି ପଡିବା ଆଶଙ୍କା

ନେମାଳ, (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ନେମାଳଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମନ୍ତ୍ରୀ, ସ୍ୱର୍ଗତ ସୁରେନ୍ଦ୍ରନାଥ ପଟ୍ଟନାୟକଙ୍କ ଉଦ୍ୟମ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ନେମାଳଠାରେ ୧୯୭୦ ମସିହାରେ ଆନୁଷ୍ଠାନିକ ଭାବେ ଡ. ହରେକୃଷ୍ଣ ମହତାବଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିବା ନେମାଳ ଗାନ୍ଧୀ ସ୍ମୃତି ଭବନଟି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି । ଏହି ଭବନଟି କେତେବେଳେ ଭୁଷୁଡି ପଡିବ ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ୧୯୬୮ ମସିହାରେ ରମାଦେବୀଙ୍କ ଦ୍ୱାରା ଶୁଭଶିଳାନ୍ୟାସ କରାଯାଇଥିବା ଏହି ଭବନଟି ସ୍ଥାନୀୟ ଅଂଚଳରେ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବା ପାଇଁ ସଦାସର୍ବଦା ପ୍ରେରଣା ଯୋଗାଇ ଆସୁଥିଲା । ଏହି ଭବନରେ ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କର 'ଟୋ ଚିତ୍ର ରଖାଯିବା ସହ ଛୋଟ ଛୋଟ ସ୍କୁଲ ଛାତ୍ର ଛାତ୍ରୀମାନଙ୍କ ବୌଦ୍ଧିକ ଜ୍ଞାନର ବିକାଶ ପାଇଁ ଲାଇବ୍ରେରୀଟିଏ ଏହି ଭବନରେ ପରିଚାଳିତ ହେଉଥିଲା । ଏକଦା ଏହି ଭବନରେ ଓଡିଶାର ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ, ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି ବହୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ରାଜନେତା, ଜନନାୟକ ବୁଦ୍ଧିଜୀବୀମାନଙ୍କର ଏହି ଭବନରେ ପାଦ ପଡିଥିଲେ ମ ଏହି ଭବନର ରକ୍ଷଣାବେକ୍ଷଣା ପ୍ରତି କାହାରି ସାମାନ୍ୟତମ ଦରଦ ନଥିବା ଦେଖିବାକୁ ମିଳିଛି । ଭବନର ସମସ୍ତ କବାଟ ଝରକା ଆଦି ନଷ୍ଟ ହୋଇଯାଇଥିଲା ବେଳେ ଛାତର ରଡ୍‌ମାନ ଭିତରକୁ ବାହାରି ବିପଦ ସୃଷ୍ଟି କରୁଛି । ତେବେ ଜରାଜୀର୍ଣ୍ଣ ଏହି ଭବନଟି ବିପଦ ସଂକୁଳ ଅବସ୍ଥାରେ ଥିଲେ ମ ଏଥିପ୍ରତି ସରକାର କିମ୍ବା ରାଜନେତା କୌଣସି ପଦକ୍ଷେପ ନେଇନଥିବାରୁ କୌଣସି ମୁହୂର୍ତ୍ତରେ ଏହା ବିପଦ ସୃଷ୍ଟି କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ତେବେ ତୁରନ୍ତ ଏହି ଭବନ ପ୍ରତି ଜିଲ୍ଲା ପ୍ରଶାସନ, ସ୍ଥାନୀୟ ରାଜନେତା ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି ।

Our Association with :
MRF TYRES
Gulf your local global brand
ASHOK LEYLAND
SHREE GANESH AUTOMOBILES
Corporate Office: NH-5 , JanuganjGolai, Balasore - 19
Tel: 9861990033/9040033090 | Fax:06782-244278
e-mail: info@teamsga.com
SGA
BALASORE | JAJPUR | BHADRAK | MAYURBHANJ

ପ୍ରଗତି ପଥେ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ, ଜୟପୁର
ବ୍ୟାଙ୍କର ଲକ୍ଷ୍ୟ ଓ ଆଭିମୁଖ୍ୟ : "କୃଷି, କୃଷକ ଏବଂ ମହିଳାଙ୍କ ଉନ୍ନତି, କଲ୍ୟାଣ ଓ ବିକାଶ ନିମନ୍ତେ ପ୍ରତିବଦ୍ଧ"
୧. ଓଡ଼ିଶା ରାଜ୍ୟ ସରକାରଙ୍କର ନିୟମାବଳୀ ଅନୁସାରେ କୃଷିଋଣ ଟ. ୧,୦୦,୦୦୦ଙ୍କା ପର୍ଯ୍ୟନ୍ତ ଗ୍ରହଣ କରି ଧାର୍ଯ୍ୟ ସମୟରେ ଋଣ ଟଙ୍କା ପରିଶୋଧ କଲେ ବାର୍ଷିକ ସୁଧ ଦେବାକୁ ପଡିବ ନାହିଁ ଏବଂ ଟ.୧,୦୦,୦୦୦ଙ୍କାରୁ ଟ.୩,୦୦,୦୦୦ଙ୍କା ପର୍ଯ୍ୟନ୍ତ ମାତ୍ର ୨% ସୁଧହାରରେ ଋଣ ପ୍ରଦାନ ।
୨. ମିଶନ ଶକ୍ତି ସ୍କୁଟର ଯୋଜନାରେ ହିତାଧିକାରିଣୀମାନଙ୍କୁ ସରକାରୀ ସହାୟତାରେ ସୁଧମୁକ୍ତ ସ୍କୁଟି ଋଣ ପ୍ରଦାନ କରିବା ।
୩. "ମୋ ଘର" ଯୋଜନା ମାଧ୍ୟମରେ ଉପଯୁକ୍ତ ହିତାଧିକାରୀମାନଙ୍କୁ ସୁଲଭ ମୂଲ୍ୟରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ଋଣ ପ୍ରଦାନ କରିବା ।
୪. ମହିଳା କୃଷିଜୀବୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ କୃଷିଋଣ ପ୍ରଦାନର ସୁବିଧା ଓ ସୁଯୋଗ ।
୫. (ଜେ.ଏଲ.ଜି) / ବଳିଆ / ବଳରାମ ମାଧ୍ୟମରେ ସ୍ୱଳ୍ପ ମିଆଦୀ କୃଷି ଓ ଆନୁଷଙ୍ଗିକ କୃଷି ଋଣ ପ୍ରଦାନର ବ୍ୟବସ୍ଥା । ୫ (କ) ସ୍ୱୟଂ ସହାୟକ ଗୋଷ୍ଠୀ (ଏଚ.ଏଚ.ଜି) ମାଧ୍ୟମରେ ସ୍ୱଳ୍ପ ମିଆଦୀ କୃଷି ଓ ଆନୁଷଙ୍ଗିକ କୃଷି ଋଣ ବିନା ସୁଧରେ ୫ ଲକ୍ଷ ପର୍ଯ୍ୟନ୍ତ ପ୍ରଦାନର ବ୍ୟବସ୍ଥା ।
୬. କୃଷି, ଅଣକୃଷି ଓ ଆନୁଷଙ୍ଗିକ କୃଷି ପାଇଁ ସରକାରୀ ଯୋଜନାରେ ଋଣ ପ୍ରଦାନର ବ୍ୟବସ୍ଥା ।
୭. କୃଷକମାନଙ୍କ ପାଇଁ କୃଷି ବୀମା ଯୋଜନାର ପ୍ରଚଳନ ।
୮. ବ୍ୟାଙ୍କର ଅମାନତକାରୀ ମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାର ପ୍ରଚଳନ ।
୯. ଜିରୋ ବାଲାନ୍ସରେ ସଞ୍ଚୟ ଜମାଖାତା ଖୋଲିବାର ସୁବିଧା ।
୧୦. ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କ ଜମା ରାଶି ଉପରେ ଅଧିକ ସୁଧା ପ୍ରଦାନର ବ୍ୟବସ୍ଥା ।
୧୧. ବ୍ୟାଙ୍କର ପ୍ରତ୍ୟେକ ଶାଖାରେ NEFT/RTGS/IMPS ମାଧ୍ୟମରେ ଟଙ୍କା ଦେଣ ନେଣ ର ସୁବିଧା ଉପଲବ୍ଧ ।
୧୨. ବ୍ୟାଙ୍କର ଚାରିଗୋଟି ଜିଲ୍ଲାରେ ଭ୍ରାମ୍ୟମାଣ ବ୍ୟାଙ୍କ ସେବା / ଜମାଖାତା ଖୋଲିବା / ନଗଦ ଜମା ଉଠାଣ/ଏ.ଟି.ଏମ. ମାଧ୍ୟମରେ ଋଣ ପ୍ରଦାନ ।
୧୩. ବ୍ୟାଙ୍କର IFSCODE-ORCB0KPT001
୧୪. ସ୍ୱର୍ଣ୍ଣ ବନ୍ଧକ ଋଣ ଦୁଇ ଲକ୍ଷ ପର୍ଯ୍ୟନ୍ତ ପ୍ରଦାନ / ଭାରତୀୟ ସଞ୍ଚୟ ପ୍ରମାଣପତ୍ର (N.S.C.), କିଷାନ ବିକାଶ ପତ୍ରିକା (K.V.P) ପ୍ରମାଣପତ୍ର ଉପରେ ୬୦ ପ୍ରତିଶତ ପର୍ଯ୍ୟନ୍ତ ଋଣ ପ୍ରଦାନର ବ୍ୟବସ୍ଥା ।
"ସହଯୋଗିତା ସମୃଦ୍ଧିର ଲକ୍ଷଣ, ଆସନ୍ତୁ ସହଯୋଗର ହାତ ବଢ଼ାନ୍ତୁ"
ସଭାପତି : ଇଂ ଶ୍ରୀ ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ
କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ, ଜୟପୁର

# ଇରାନ କ୍ଷେପଣାସ୍ତ୍ର ଖସାଅ: ବାଇଡେନ୍

**ୱାଶିଂଟନ:** ଇସ୍ରାଏଲ୍ ଉପରେ ଇରାନର ହମଲା ପରେ ଆମେରିକା ୱାଶିଂଟନରେ ବସିଛି ଗୁରୁତ୍ୱପୂର୍ଣ୍ଣ ବୈଠକ । ଆମେରିକା ରାଷ୍ଟ୍ରପତିଙ୍କ ଅଧ୍ୟକ୍ଷତାରେ ୱାର୍ ରୁମରେ ଯୁଦ୍ଧ ପରିସ୍ଥିତିର ଅନୁଧ୍ୟାନ ହୋଇଛି । ଇସ୍ରାଏଲକୁ ସମ୍ପୂର୍ଣ୍ଣ ଭାବେ ସମର୍ଥନ ଜଣାଇଛି ଆମେରିକା । ସାମରିକ, ଆର୍ଥିକ ଏବଂ ଅନ୍ୟ ସବୁ ଆନୁସଙ୍ଗିକ ବ୍ୟବସ୍ଥା ଯୋଗାଇବା ନେଇ ଆଶ୍ୱସ୍ତ କରିଛନ୍ତି ରାଷ୍ଟ୍ରପତି ବାଇଡେନ୍ ।



ଇରାନର ରକେଟ୍ ଆକ୍ରମଣରୁ ବର୍ତ୍ତିବା ଲାଗି ଦେଶବ୍ୟାପୀ ସାଧାରଣ ନାଗରିଙ୍କ ପାଇଁ ଆଲର୍ଟ ଜାରି କରିଛି ଇସ୍ରାଏଲ । ଖାଲି ସେତିକି ନୁହେଁ ଇସ୍ରାଏଲର ବ୍ୟସ୍ତବହୁଳ ତେଲ ଆଭିଭ୍ ସହରରେ କିଛି ଆତତାୟୀ ପଶି ଲୋକଙ୍କ ଉପରେ ଆଖିବୁଜା ଗୁଳି ଚଳାଇଛନ୍ତି । ଏଥିରେ ଏବେ ଯାଏଁ ୬ ଜଣଙ୍କ ମୃତ୍ୟୁ ହୋଇଛି ।

ଇସ୍ରାଏଲର ଏଭଳି ସ୍ଥିତି ଭିତରେ ଭାରତୀୟଙ୍କ ପାଇଁ ଆଡଭାଇଜାରୀ ଜାରି ହୋଇଛି । ଇସ୍ରାଏଲରେ ଅବସ୍ଥାପିତ ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ଜାରି କରାଯାଇଛି । ସୁରକ୍ଷିତ ଓ ସତର୍କ ରହିବାକୁ ସମସ୍ତ ଭାରତୀୟଙ୍କୁ ଦିଆଯାଇଛି ପରାମର୍ଶ । ବିନା କାରଣରେ ବାହାରକୁ ନବାହାରିବା, ତା' ସହ ଯିଏ ଯେଉଁ ସହରରେ ରହିଛନ୍ତି ସେଠୁ ଅନ୍ୟତ୍ର ଚଳପ୍ରଚଳ ନକରିବାକୁ କୁହାଯାଇଛ । କୌଣସି ସମସ୍ୟା ହେଲେ ହେଲପଲାଇନ୍ ଜରିଆରେ ସୂଚନା ଦେବାକୁ ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ଜାରି ହୋଇଛି ।

## ଇସ୍ରାଏଲୀ ଯୁବ କମାଣ୍ଡର ସହିଦ

**ଜେରୁଜେଲମ :** ଦକ୍ଷିଣ ଲେବାନନରେ ହିଜବୁଲ୍ଲା ସହ ଯୁଦ୍ଧରେ ଇସ୍ରାଏଲ ସେନାର ବଡ଼ ଧରଣର କ୍ଷତି ହୋଇଥିବା ଖବର ମିଳିଛି । ଦକ୍ଷିଣ ଲେବାନନରେ ହିଜବୁଲ୍ଲା ସହ ସଂଘର୍ଷରେ ଇସ୍ରାଏଲର ୨୨ ବର୍ଷୀୟ ଯୁବ କମାଣ୍ଡର ଇତାନ ଇତଜାକ୍ ଓଷ୍ଟର ନିହତ ହୋଇଛନ୍ତି । ଇରାନ୍ ଅବଜର୍ଭର ଅନୁଯାୟୀ ହିଜବୁଲ୍ଲା ସହ ହୋଇଥିବା ଯୁଦ୍ଧରେ ୩୫ ଜଣ ସୈନିକ ଆହତ ହୋଇଛନ୍ତି । ଦକ୍ଷିଣ ଲେବାନନର ଅଲ୍ ମନାରର ମାରୁନ ଅଲ-ରାସଠାରେ ଇସ୍ରାଏଲ ସୈନ୍ୟ ଏବଂ ହିଜବୁଲ୍ଲା ଲଢୁଆଙ୍କ ମଧ୍ୟରେ ଏହି ଯୁଦ୍ଧ ହୋଇଥିଲା । ଲେବାନନରେ ଇସ୍ରାଏଲର ସ୍ଥଳଅପରେସନ ବେଳେ ଏହା ହେଉଛି ପ୍ରଥମ କମାଣ୍ଡରଙ୍କ ମୃତ୍ୟୁ । କ୍ୟାପଟେନ୍ ଇଜାକ୍ ଓଷ୍ଟର, ଆଗୋଜ୍ କମାଣ୍ଡୋ ୟୁନିଟରେ ଟିମ୍ କମାଣ୍ଡର ଥିଲେ । ଦକ୍ଷିଣ ଲେବାନନର ଏକ ଗାଁରେ ହିଜବୁଲ୍ଲା ଯୋଦ୍ଧାଙ୍କ ସହ ସଂଘର୍ଷରେ ସେ ନିହତ ହୋଇଛନ୍ତି । ଇସ୍ରାଏଲ ପାଇଁ ଏହା ଏକ ବଡ଼ ଝଟକା । ହିଜବୁଲ୍ଲା ସହ ଦକ୍ଷିଣ ଲେବାନନରେ ଇସ୍ରାଏଲ ସେନାର ଏକ ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ଆହତ ଏବଂ ମୃତ ସୈନିକମାନଙ୍କୁ ଆଇଡିଏଫ ହେଲିକପ୍ଟର ଯୋଗେ ସୁରକ୍ଷିତ ଘାଟିକୁ ପଠାଯାଉଛି । ଏଥିରେ କେତେ ଇସ୍ରାଏଲ ସୈନିକ ପ୍ରାଣ ହରାଇଛନ୍ତି ।

# ଆନ୍ଦୋଳନକୁ ଓହ୍ଲାଇଲେ ଜୁନିୟର ଡାକ୍ତର

**କୋଲକାତା:** ପଶ୍ଚିମବଙ୍ଗର ଜୁନିୟର ଡାକ୍ତରମାନେ ସେମାନଙ୍କ ଅନିର୍ଦ୍ଦିଷ୍ଟ ଓ କାର୍ଯ୍ୟ ବନ୍ଦ ଆନ୍ଦୋଳନ ପୁଣି ଆରମ୍ଭ କରିଛନ୍ତି । ସରକାର ପୂର୍ବ ଆନ୍ଦୋଳନ ପ୍ରତ୍ୟାହାର ବେଳେ ଦେଇଥିବା ଦାବିଗୁଡ଼ିକୁ ପୂରଣ କରୁ ନଥିବାରୁ ସେମାନେ ଏପରି ପଦକ୍ଷେପ ନେଇଛନ୍ତି । ସେମାନେ ହସ୍ପିଟାଲରେ ସୁରକ୍ଷା ବ୍ୟବସ୍ଥାକୁ ନିଶ୍ଚିତ କରିବା ସହ ବିଭିନ୍ନ ଦାବି ଉପସ୍ଥାପନ କରି ଆସୁଛନ୍ତି । ଆରଜି କର ଦୁଷ୍କର୍ମ ଓ ହତ୍ୟା ଘଟଣାରେ ନ୍ୟାୟ ଦାବିରେ ଜୁନିୟର ଡାକ୍ତରମାନେ ୪୨ ଦିନ ଧରି ବିକ୍ଷୋଭ କରିଥିଲେ । ଏହାପରେ ସେପ୍ଟେମ୍ବର ୨୧ରୁ ଆଂଶିକ ଭାବେ ସେମାନେ କାର୍ଯ୍ୟରେ ଯୋଗ ଦେଇଥିଲେ । ଏବେ ସେମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି ।ଅଙ୍କିତ ମାହାତୋ ନାମକ ଜଣେ ଆନ୍ଦୋଳନରତ ଜୁନିୟର ଡାକ୍ତର କହିଛନ୍ତି, ସୁରକ୍ଷା ସମ୍ପର୍କିତ ଆମ ଦାବିକୁ ପୂରଣ କରିବା ଦିଗରରେ ରାଜ୍ୟ ସରକାର କୌଣସି ସକାରାତ୍ମକ ପଦକ୍ଷେପ ନେବା ଭଳି ଆମେ ଦେଖିବାକୁ ପାଉନ । ଆଜି ଆନ୍ଦୋଳନ ୫୨ ଦିନରେ ପହଞ୍ଚିଥିବା ବେଳେ ଆମେ ଏବେ ବି ଆକ୍ରମଣର ଶିକାର ହେଉଛୁ ।



ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ବୈଠକ କରିବା ବେଳେ ଆମକୁ ଦିଆଯାଇଥିବା ପ୍ରତିଶ୍ରୁତିଗୁଡ଼ିକୁ ପୂରଣ କରାଯାଉ ନାହିଁ ।ଏପରି ଏକ ସ୍ଥିତିରେ ଆମ ପାଖରେ ସଂପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଛଡ଼ା ଆଉ କିଛି ଉପାୟ ନାହିଁ ।

ଅତିରିକ୍ତ ଭାବେ ଜୁନିୟର ଡାକ୍ତରମାନେ ଏକାଠି ହୋଇ କଲେଜ ଛକ ଠାରୁ କେନ୍ଦ୍ରୀୟ କୋଲକାତାର ଏସପ୍ଲାନେଡ ଯାଏ ବୁଧବାର ବିକ୍ଷୋଭ ଶୋଭାଯାତ୍ରାର ଡାକରା ଦେଇଛନ୍ତ । ଏଥିରେ ସାଧାରଣ ଲୋକଙ୍କୁ ସାମିଲ ହେବାକୁ ଆହ୍ୱାନ କରାଯାଇଛି ।ଏହାବାଦ ସେମାନେ ଆରଜି କର ଦୁଷ୍କର୍ମ ଓ ହତ୍ୟା ଘଟଣାରେ ସିବିଆଇ କରୁଥିବା ବିଳମ୍ବକୁ ନେଇ ମଧ୍ୟ ନିଜର ଅସହାୟତା ପ୍ରକାଶ କରିଛନ୍ତି । ସେମାନଙ୍କ କହିବା କଥା ଯେ ଆରଜି କର ମେଡିକାଲ କଲେଜ ଓ ହସ୍ପିଟଲ ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ଦିଆଯାଉ ।ଜୁନିୟର ଡାକ୍ତରଙ୍କ ସଂପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଯୋଗୁ ଆଜି ବେଙ୍ଗଲର ସବୁ ହସ୍ପିଟାଲରେ ରୋଗୀ ସେବା ପ୍ରଭାବିତ ହୋଇଛି । । ସିନିୟର ଡାକ୍ତରମାନଙ୍କୁ ଆରପିଡି, ଓପିଡି ଓ ଜରୁରୀ ସେବାରେ ନିୟୋଜିତ କରାଯାଇଛି ।

## ଲଡୁ ବିବାଦର ଏସଆଇଟି ତଦନ୍ତ ସ୍ଥଗିତ

**ନୂଆଦିଲ୍ଲୀ:** ଆନ୍ଧ୍ରପ୍ରଦେଶ ତିରୁପତି ବାଲାଜୀ ମନ୍ଦିରର ଲଡୁ ବିବାଦକୁ ନେଇ ଚାଲିଥିବା ଏସଆଇଟି ତଦନ୍ତ ସ୍ଥଗିତ ରଖାଯାଇଛ । ଏହି ପ୍ରସଙ୍ଗ ଉପରେ ସୁପ୍ରିମକୋର୍ଟରେ ଶୁଣାଣି ନ ହେବା ପର୍ଯ୍ୟନ୍ତ ଏସଅଇଟି ତଦନ୍ତ ହୋଇପାରିବ ନାହିଁ । ମଙ୍ଗଳବାର ଆନ୍ଧ୍ରପ୍ରଦେଶ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ଲଡୁ ପ୍ରସ୍ତୁତ ପ୍ରଣାଳୀ ଉପରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ ଆଣିଥିବା ଅଭିଯୋଗ ଉପରେ ସୁପ୍ରିମକୋର୍ଟ ପ୍ରଶ୍ନବାଚୀ ସୃଷ୍ଟି କରିବାର ଦିନକ ପରେ ସରକାର ଏସଆଇଟି ତଦନ୍ତକୁ ସ୍ଥଗିତ ରଖିଛନ୍ତି । ଆସନ୍ତା ୩ରେ ସୁପ୍ରିମକୋର୍ଟ ତିରୁପତି ଲଡୁ ବିବାଦର



ପରବର୍ତ୍ତୀ ଶୁଣାଣି କରିବେ । ସେପ୍ଟେମ୍ବର ୩୦ରେ ଏହା ଉପରେ ଶୁଣାଣି କରି ମୁଖ୍ୟମନ୍ତ୍ରୀ ନାଇଡୁଙ୍କ ସାମ୍ବାଦିକ ସମ୍ମିଳନୀ ଉପରେ ପ୍ରଶ୍ନ ଉଠାଇଥିଲେ ସର୍ବୋଚ୍ଚ ଅଦାଲତ ।

# ସିଦ୍ଧରମୈୟାଙ୍କ ପତ୍ନୀ ଫେରାଇବେ ୧୪ ପ୍ଲଟ୍

**ବେଙ୍ଗାଲୁରୁ:** କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ଅଡୁଆ ଦିନକୁ ଦିନ ବଢିବାରେ ଲାଗିଛି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗତକାଲି ତାଙ୍କ ବିରୋଧରେ ମାମଲା ରୁଜୁ କରିଛି । ଏହି ମାମଲା ମହୀଶୂର ଅରବାନ୍ ଡେଭଲପମେଣ୍ଟ ଅଥରଟି ଜମି ଦୁର୍ନୀତି ସହ ଜଡିତ । ଏହାରି ଭିତରେ ସ୍ୱାମୀଙ୍କ ଚିନ୍ତା ଦୂର କରିବା ପାଇଁ ସିଦ୍ଧରମୈୟାଙ୍କ ପତ୍ନୀ ବିଏମ୍ ପାର୍ବତୀ ନେଇଛନ୍ତି ବଡ଼ ପଦକ୍ଷେପ ।ସିଦ୍ଧରମୈୟାଙ୍କ ପତ୍ନୀ ପାର୍ବତୀ ମହୀଶୂର ନଗର ଉନ୍ନୟନ ପ୍ରାଧିକରଣ ଦ୍ୱାରା ତାଙ୍କୁ ଦିଆଯାଇଥିବା ୧୪ଟି ପ୍ଲଟ୍ ଫେରାଇବାକୁ ପ୍ରସ୍ତାବ ଦେଇଛନ୍ତି । ଏନେଇ ସେ ମୁଦା କମିଶନରଙ୍କୁ ଚିଠି ଲେଖି ଜଣାଇଛନ୍ତି । ସେ



ଚିଠିରେ କହିଛନ୍ତି, 'ମୁଦା ପକ୍ଷରୁ ମୋତେ ଦିଆଯାଇଥିବା ୧୪ଟି ପ୍ଲଟର ଡିଲକୁ ରଦ୍ଦ କରି ମୁଁ ଏହାକୁ ଫେରାଇବାକୁ ଚାହୁଁଛି । ମୁଁ ପ୍ଲଟଗୁଡିକର ଅଧିକାରକୁ ମହିଶୂର ସହରୀ ବିକାଶ ପ୍ରାଧିକରଣକୁ ହସ୍ତାନ୍ତର କରୁଛି ।ଦୟାକରି ଯଥାଶୀଘ୍ର ଏହି ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ ।'ଏହି ଜମି ଦୁର୍ନୀତି ସହ ଜଡିତ ଅର୍ଥ ହେରଫେର ମାମଲାରେ ଇଡି ସିଦ୍ଧରମୈୟା, ତାଙ୍କ ପତ୍ନୀ, ତାଙ୍କ ଶାଳକ ଓ ଅନ୍ୟ କିଛି ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିଛି । ଇଡି ମାମଲାରେ ସିଦ୍ଧରମୈୟାଙ୍କ ବିରୋଧରେ ପିଏମଏଲଏ ଧାରା ଲଗାଇଛି । ତେଣୁ ଇଡି କର୍ଣ୍ଣାଟକ ମୁଖ୍ରମନ୍ତ୍ରୀ ଓ ତାଙ୍କ ପତ୍ନୀଙ୍କୁ ଜେରା ପାଇଁ ଡକାଇପାରେ । ଆଇନଗତ ପ୍ରକ୍ରିୟା ଅନୁଯାୟୀ, ସିଦ୍ଧରମୈୟାଙ୍କୁ ପଚରାଉଚରା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅନୁମତି ପାଇଛି । ତଦନ୍ତ ସମୟରେ ଇଡି ତାଙ୍କ ସମ୍ପତ୍ତି ମଧ୍ୟ ଜବତ କରିପାରେ ।ଗତ ସପ୍ତାହରେ ବେଙ୍ଗାଲୁରୁର ଏକ ସ୍ୱତନ୍ତ୍ର କୋର୍ଟ ଏହି ମାମଲାରେ ସିଦ୍ଧରମୈୟାଙ୍କ ବିରୋଧରେ ଲୋକାୟୁକ୍ତ ପୁଲିସ ତଦନ୍ତ ନିର୍ଦ୍ଦେଶ ଦେବା ପରେ ଏଫ୍ଆଇଆର୍ ରୁଜୁ କରାଯାଇଥିଲା । ଏହି ମାମଲା ଉପରେ ମୁଖ୍ୟମନ୍ତ୍ରୀ କିମ୍ବା ଅନ୍ୟ ନେତାଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ । କିନ୍ତୁ ସିଦ୍ଧରମୈୟା ଇସ୍ତଫା ଦେବାକୁ ମନା କରି ଦେଇଛନ୍ତି । ସେ କହିଥିଲେ ଏହା ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ଏଭଳି ହଇରାଣ କରାଯାଉଛି ।ସେ କିଛି ଭୁଲ୍ କରି ନାହାନ୍ତି । ଆଇନଗତ ଲଢେଇ ଜାରି ରଖିବେ ବୋଲି ସେ କହିଛନ୍ତି ।

## ବନ୍ୟା ପାଣିରେ ଅବତରଣ କଲା ବାୟୁସେନା ହେଲିକପ୍ଟର

**ପାଟନା:** ବିହାରର ବନ୍ୟା ପ୍ରଭାବିତ ଅଞ୍ଚଳରେ ଆଜି ଆକାଶ ମାର୍ଗରୁ ରିଲିଫ ସାମଗ୍ରୀ ପକାଇବାକୁ ଯାଇଥିବା ଭାରତୀୟ ବାୟୁ ସେନାର ଏକ ହେଲିକପ୍ଟର ବିପଜ୍ଜନକ ଭାବେ ବନ୍ୟା ପାଣିରେ ଅବତରଣ କରିବାକୁ ବାଧ୍ୟ ହୋଇଛି । ତେବେ ସେଥିରେ ଥିବା ଭାରତୀୟ ବାୟୁ ସେନାର ଦୁଇ ଅଫିସରଙ୍କ ସମେତ ୪ କର୍ମଚାରୀ ସୁରକ୍ଷିତ ଅଛନ୍ତି । ଆଜି ଅପରାହ୍ନରେ ବିହାରର ମୁଜାଫରପୁର ଜିଲ୍ଲାର ଔରାଇ ତହସିଲର ନୟା ଗାଁରେ ଏହି ଘଟଣା ଘଟିଛି । ଦରଭଙ୍ଗା ଏୟାର ଫୋର୍ସ ବେସରୁ ଉଡ଼ାଣ ଭରିଥିବା ଏହି ହେଲିକପ୍ଟରଟି ଉପରୁ ରିଲିଫ ସାମଗ୍ରୀ ପକାଉଥିବା ବେଳେ ଏହାର ଏକ ବ୍ଲେଡ୍ ଭାଙ୍ଗି ଯାଇଥିଲା । ତେବେ ଉପସ୍ଥିତ ବୁଦ୍ଧି ଯୋଗୁ ପାଇଲଟ ହେଲିକପ୍ଟରଟିକୁ ଏକ ଜଳାର୍ଣ୍ଣବ ସ୍ଥାନରେ ଅବତରଣ କରାଇଥିଲେ । ଲ୍ୟାଣ୍ଡିଂ ବେଳେ ହେଲିକପ୍ଟରଟି ପାଣିରେ ପ୍ରାୟ ଅଧା ବୁଡ଼ି ଯାଇଥିଲା । ଘଟଣା ସଂପର୍କରେ ଖବର ପାଇ ଷ୍ଟେଟ ଡିଜାଷ୍ଟର ରେସ୍ପନ୍ସ ଫୋର୍ସର ଏକ ଟିମ୍ ତୁରନ୍ତ ସେଠାକୁ ଯାଇଥିଲେ ଓ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ ।

## ଚଳନ୍ତା ସ୍କୁଲ ବସରେ ଲାଗିଲା ନିଆଁ, ୨୫ ଜଣ ଜୀବନ୍ତ ଦଗ୍ଧ

ବ୍ୟାଙ୍କକ୍ : ସ୍କୁଲ ପିଲା ଓ ସେମାନଙ୍କ ଶିକ୍ଷକମାନଙ୍କୁ ନେଇ ଯାଉଥିବା ଗୋଟିଏ ବସରେ ଭୟଙ୍କର ନିଆଁ ଲାଗି ୨୫ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ବ୍ୟାଙ୍କକ୍ ଉପକଣ୍ଠରେ ଏପରି ଭୟଙ୍କର ଘଟଣା ଘଟିଛି । ପ୍ରାଥମିକ ସୂଚନା ଅନୁସାରେ, ବସରେ ଶିକ୍ଷକ ଓ ସ୍କୁଲ ପିଲାଙ୍କୁ ମିଶାଇ ମୋଟ ୪୪ ଜଣ ରହିଥିଲେ । ସମସ୍ତେ କେନ୍ଦ୍ରୀୟ ଉଥାଇ ଥାନି ପ୍ରଦେଶରୁ ବୁଲିବା ପାଇଁ ଆୟୁଥାୟା ଯାଉଥିଲେ । କିନ୍ତୁ ମଧ୍ୟାହ୍ନ ସମୟରେ ବସଟି ପାଥୁମ ଥାନି ପାଖରେ ଥିବା ବେଳେ ଘଟିଥିଲା ଅଘଟଣ ।ହଠାତ୍ ଚଳନ୍ତା ବସରେ ଲାଗି ଯାଇଥିଲା ନିଆଁ । ଏହା ଏତେ ଭୟଙ୍କର ଥିଲା ଯେ ଆଖି ପିଛୁଳାକେ ପୂରା ବସକୁ ବ୍ୟାପିଯାଇଥିଲା । ଫଳରେ ଭିତରେ ଥିବା ଅଧିକାଂଶ ପିଲା ଓ ଶିକ୍ଷକ ଫସି ଯାଇଥିଲେ । ସେମାନଙ୍କ ମଧ୍ୟରୁ କିଛି ଜଣ ବାହାରକୁ ଆସିବାକୁ ସକ୍ଷମ ହୋଇଥିଲେ ହେଁ ବାକି ୨୫ ଜଣ ପୋଡ଼ି ହୋଇ ପ୍ରାଣ ହରାଇଛନ୍ତି ।ଅନ୍ୟମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆଭ୍ୟନ୍ତରୀଣ ମନ୍ତ୍ରୀ ଅନୁତିନ ଚାରନଭିରକୁଲ କହିଛନ୍ତି ଯେ ତଦନ୍ତ ଏଯାଏ ସରିନି । କିନ୍ତୁ ଆହତଙ୍କ ସଂଖ୍ୟାକୁ ଦେଖି ୨୫ ଜଣ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି ।





ଲୋକସଭାର ପୂର୍ବତନ ବାଚସ୍ପତି ଜିଏମ୍ ବାଲାଜୋଗୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ବାଚସ୍ପତି ଓମ୍ ବିର୍ଲା

## ପ୍ରଶାନ୍ତ କିଶୋରଙ୍କ ନୂଆ ଦଳ 'ଜନ ସ୍ୱରାଜ'

**ପାଟନା:** ନିର୍ବାଚନ ରଣନୀତିଜ୍ଞରୁ ରାଜନେତା ପାଲଟି ଥିବା ପ୍ରଶାନ୍ତ କିଶୋର ବୁଧବାର ପାଟନାରେ ଆନୁଷ୍ଠାନିକ ଭାବେ ତାଙ୍କର ନୂଆ ରାଜନୀତିକ ଦଳର ନାଁ ଘୋଷଣା କରିଛନ୍ତି । ସେ ତାଙ୍କ ଦଳର ନାଁ ରଖିଛନ୍ତି 'ଜନ ସୁରାଜ ପାର୍ଟି' । ନୂଆ ଦଳ ନାଁ ଘୋଷଣା କରିବା ଅବସରରେ ପ୍ରଶାନ୍ତ କିଶୋର କହିଥିଲେ ଯେ ତାଙ୍କ ଦଳ ଦୁଇ ବର୍ଷ ହେଲାଣି ସକ୍ରିୟ ଅଛି ଓ ନିକଟରେ ନିର୍ବାଚନ କମିଶନଙ୍କଠାରୁ ଏହାକୁ ଅନୁମତି ମିଳିଛି । ବିଜେପି ସହିତ ତାଙ୍କ ଦଳର ସଂପର୍କ ରହିଛି ବୋଲି ବିରୋଧୀ ଅଭିଯୋଗ କରୁଥିବା ବେଳେ ପ୍ରଶାନ୍ତ କିଶୋର କହିଛନ୍ତି ଯେ ଜନ ସୁରାଜ ପାର୍ଟି ହେଉଛି ଆରଏସଏସ ଓ ସଂଖ୍ୟାଲଘୁଙ୍କ ମିଶ୍ରଣ । ନିର୍ବାଚନ କମିଶନଙ୍କ ଅନୁମତି ମିଳିଥିବାରୁ 'ଜନ ସୁରାଜ ପାର୍ଟି' ଆଗାମୀ ବିହାର ବିଧାନସଭା ର୍ନିବାଚନରେ ସମସ୍ତ ଆସନରେ ପ୍ରାର୍ଥୀ ଦେବ ବୋଲି ଆଶା କରାଯାଉଛି ।

## ରାମ ରହିମଙ୍କୁ ମିଳିଲା ପାରୋଲ

**ଅମୃତସର:** ଦୁଇ ଜଣେ ଶିଷ୍ୟାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବା ପରେ ଚାରି ବର୍ଷ ହେବ ଜେଲରେ ଅଛନ୍ତି ରାମ ରହିମ । ମାତ୍ର ଏହି ଚାରି ବର୍ଷ ମଧ୍ୟରେ ତାଙ୍କୁ ୧୫ ଥର ପାରୋଲ ମିଳିଲାଣି । ଗତ ୯ ମାସ ମଧ୍ୟରେ ସେ ତିନି ଥର ଜେଲରୁ ବାହାରିଥିଲେ ।ସେପ୍ଟେମ୍ବର ୨୯ରେ ପୁଣି ଥରେ ପାରୋଲ ପାଇଁ ଆବେଦନ କରିଥିଲେ । କିନ୍ତୁ ର୍ନିବାଚନ ଆଚରଣ ବିଧି ଲାଗୁ ୋଇଥିବାରୁ ସେ ଆବେଦନକୁ ର୍ନିବାଚନ କମିଶନଙ୍କୁ ପଠାଇ ଦେଇଥିଲେ । ନିର୍ବାଚନ କମିଶନ କାରଣ ପଚାରିବା ପରେ ବିଚାର ବିମର୍ଶ କରି ସର୍ତ୍ତ ରଖି ଅନୁମତି ଦେଇଛନ୍ତି ।ଅକ୍ଟୋବର ୫ରେ ହରିୟାଣା ନିର୍ବାଚନ ଥିବାବେଳେ ରାମ ରହିମଙ୍କୁ ଏଥିରେ କୌଣସି ପ୍ରକାର ପ୍ରତ୍ୟେକ୍ଷ କିମ୍ବା ପରୋକ୍ଷ ଅଂଶଗ୍ରହଣ କରିବାକୁ ବାରଣ କରିଛନ୍ତି ନିର୍ବାଚନ ଆୟୋଗ । ଏଥିସହ ସୋଶାଲ ମିଡିଆ ପ୍ରଚାର କିମ୍ବା କୌଣସି ର୍ନିବାଚନ ପ୍ରଚାର ରାଲିରେ ସାମିଲ ନ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ନିର୍ବାଚନ ସମୟରେ ରାମ ରହିମ ପାରୋଲରେ ଆସିବା ନୂଆ କଥା ନୁହେଁ, ସେ ଲୋକସଭା ନିର୍ବାଚନ ପୂର୍ବରୁ ଜାନୁଆରୀ ୧୯ରେ ପାରୋଲରେ ଆସିଥିଲେ । ୨୦୨୨ ପଞ୍ଜାବ ବିଧାନସଭା ନିର୍ବାଚନ ସମୟରେ ମଧ୍ୟ ଜେଲରୁ ବାହାରିଥିଲେ । ଗତ ମାସ ମଧ୍ୟ ତାଙ୍କୁ ୨୧ ଦିନିଆ ପାରୋଲ ଅନୁମତି ମିଳିଥିଲା । ଅଗଷ୍ଟ ୧୩ରେ ସେ ପାରୋଲରେ ଆସିଥିଲେ ।ବର୍ତ୍ତମାନ ସେ ହରିୟାଣାର ରୋହତକର ସୁନାରିଆ ଜେଲରେ



ଅଛନ୍ତି । ସିରସା ଆଶ୍ରମରେ ଦୁଇଜଣ ଶିଷ୍ୟାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ୨୦ ବର୍ଷ ଜେଲ୍ ଦଣ୍ଡ ଭୋଗୁଛନ୍ତି ।

## ଅଶୋଧିତ ତୈଳ ଦର ବୃଦ୍ଧି

**ତେହେରାନ:** ମଧ୍ୟପ୍ରାଚ୍ୟ ଦେଶରେ ପୁଣି ଥରେ ସ୍ଥିତି ବେକାବୁ ହୋଇଛି । ଇସ୍ରାଏଲ ଉପରେ ୪୦୦ ମିସାଇଲ ମାଡ଼ କରିଛି ଇରାନ୍ । ଏହି ଆକ୍ରମଣ ପରେ ପରେ ତୈଳ ବଜାରରେ ନିଆଁ ଲାଗିଛି । ବୃଦ୍ଧି ପାଇଛି ଅଶୋଧିତ ତୈଳ ଦର । ଇରାନ-ଇସ୍ରାଏଲ ମଧ୍ୟରେ ଲାଗି ରହିଥିବା ଯୁଦ୍ଧ ଯୋଗୁ ଅଶୋଧିତ ତୈଳ ମୂଲ୍ୟରେ ୫% ବୃଦ୍ଧି ଘଟିଛି । ଅଶୋଧିତ ତୈଳ ବ୍ୟାରେଲ ପିଛା ୭୧ ଡଲାରେ ପହଞ୍ଚିଛି । ସେହିପରି ପୂର୍ବରୁ ଗ୍ଲୋବାଲ ବେଞ୍ଚ ମାର୍କ ବ୍ରେଣ୍ଟ ବର୍ଗର ଅଶୋଧିତ ତେଲ ଦର ୨.୭% ହ୍ରାସ ହୋଇଥିବା ବେଳେ ଏହା ଏବେ ବ୍ୟାରେଲ ପିଛା ୭୫ ଡଲାର ଟପିଛି । ଇରାନ୍ ହେଉଛି ମିଡିଲ ଇଷ୍ଟରେ ଅଶୋଧିତ ତୈଳ ଉତ୍ପାଦକର ପ୍ରମୁଖ ଦେଶ । କାରଣ ଏହି ଅଞ୍ଚଳରୁ ବିଶ୍ୱର ଏକ ତୃତୀୟାଂଶ ତେଲ ଯୋଗାଣ ହୋଇଥାଏ । ଭାରତରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଅଶୋଧିତ ତୈଳର ଆନ୍ତର୍ଜାତୀୟ ମୂଲ୍ୟ ଉପରେ ନିର୍ଭର କରେ । ଯଦି ଅଶୋଧିତ ତୈଳ ଦର ବଢେ, ତେବେ ଭବିଷ୍ୟତରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ମଧ୍ୟ ପ୍ରଭାବିତ ହୋଇପାରେ ।

## ପୁଣି ବଢିଲା ଗ୍ୟାସ୍ ସିଲିଣ୍ଡର ଦର

**ନୂଆଦିଲ୍ଲୀ:** ଅକ୍ଟୋବର ୧ ତାରିଖରେ ଅଏଲ ମାର୍କେଟିଂ କମ୍ପାନୀ ଗ୍ୟାସ୍ ଦରରେ ପରିବର୍ତ୍ତନ କରିଛି । ୧୯ କିଲୋଗ୍ରାମ ଗ୍ୟାସ୍ ଯୁକ୍ତ କମର୍ସିଆଲ ଏଲପିଜି ସିଲିଣ୍ଡରର ଦାମ୍ ବୃଦ୍ଧି ପାଇଛି । ସିଲିଣ୍ଡର ପିଛା ୪୮.୫୦ରୁ ୫୦ ଟଙ୍କା ଯାଏଁ ବଢିଛି ।ଇଣ୍ଡିଆନ୍ ଅଏଲର ଅଫିସିଆଲ୍ ୱେବସାଇଟ୍ ଅନୁଯାୟୀ, ଏହି ବର୍ଦ୍ଧିତ ଦର ଲାଗୁ ହେବା ପରେ ବର୍ତ୍ତମାନ ଦିଲ୍ଲୀରେ ୧୯ କିଲୋଗ୍ରାମ ଏଲପିଜି ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ୧୭୪୦ ଟଙ୍କାରେ ପହଞ୍ଚିଛି । ସେହିପରି ବର୍ଦ୍ଧିତ ଦର ଲାଗୁ ହେବା ପରେ ମୁମ୍ବାଇରେ କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ପିଛା ଦର ୧୬୯୨.୫୦ ଟଙ୍କା, କୋଲକାତାରେ ୧୮୫୦.୫୦ ଟଙ୍କା ଏବଂ



ଚେନ୍ନାଇରେ ୧୯୩୦ ଟଙ୍କାରେ ଉପଲବ୍ଧ ହେବ ।କମର୍ସିଆଲ ଗ୍ୟାସ୍ ସିଲିଣ୍ଡରା ଦାମ ବଢିବା ଯୋଗୁ ରେଷ୍ଟୁରାଣ୍ଟ, ହୋଟେଲ, ବାରରେ ଖାଇବା ମହଙ୍ଗା ହେବ । କମର୍ସିଆଲ ଏଲପିଜି ଗ୍ୟାସ୍ ସିଲିଣ୍ଡରଗୁଡିକ ଏହି ସ୍ଥାନଗୁଡିକରେ ସ୍ୱତନ୍ତ୍ର ଭାବରେ ବ୍ୟବହୃତ ହୁଏ ।

## ତସଲିମାଙ୍କ ସଂଗୀନ ଅଭିଯୋଗ: ବାଂଲାରେ ଚାଲିଛି ଛାୟା ସରକାର

**ଢାକା:** ବିବାଦୀୟ ଲେଖିକା ତସଲିମା ନାସିରିନ୍ ତାଙ୍କ ପୋଷ୍ଟରେ ଦାବି କରିଛନ୍ତି, ବାଂଲାଦେଶର ଶାସନ ୨୮ ବର୍ଷର ଯୁବକଙ୍କ ଦ୍ୱାରା ପରିଚାଳିତ ହେଉଛି । ସେ ମହମ୍ମଦ ୟୁନୁସଙ୍କର ଜଣେ ଘନିଷ୍ଠ ଏବଂ ବିଶେଷ ସହଯୋଗୀ । ୟୁନୁସ୍ ବୃଦ୍ଧ ହୋଇଗଲେଣି । ତାଙ୍କର ଏହି ସହଯୋଗୀ ମୁଖ୍ୟ ପରାମର୍ଶଦାତା ଭାବରେ କାର୍ଯ୍ୟ କରୁଛନ୍ତ ।ବିବାଦୀୟ ଲେଖକ ତସଲିମା ନାସିରିନ୍ ଦାବି କରିଛନ୍ତି ଯେ ବାଂଲାଦେଶ ସରକାର ଜଣେ ୨୮ ବର୍ଷ ବୟସ୍କ ଯୁବକଙ୍କ ଦ୍ୱାରା ପରିଚାଳିତ ହେଉଛି ।



ସୋସିଆଲ ମିଡିଆରେ ତସଲିମା ଏକ ଲମ୍ବା ପୋଷ୍ଟ ସେୟାର କରିଛନ୍ତି । ସେ ଯୁବକ ମହଫୁଜ ଆଲାମଙ୍କ ଆଡକୁ ନିର୍ଦ୍ଦେଶ କରିଛନ୍ତି ।ମଧ୍ୟବର୍ତ୍ତୀକାଳୀନ ସରକାର ସମ୍ବନ୍ଧରେ ତାଙ୍କ ପୋଷ୍ଟରେ ତସଲିମା ନାସିରିନ୍ କହିଛନ୍ତି ଯେ ମହମ୍ମଦ ୟୁନୁସ୍ଙ୍କ ଶବ୍ଦ ଓ କାର୍ଯ୍ୟ ମେଳ ଖାଉ ନାହିଁ । ସେ ସଂଖ୍ୟାଲଘୁମାନଙ୍କ ସହ ଠିଆ ହେବାର ବାର୍ତ୍ତା ଦିଅନ୍ତି, କିନ୍ତୁ ଏହା ପ୍ରକୃତରେ ଦୃଶ୍ୟମାନ ହୁଏ ନାହିଁ । ତାଙ୍କ ନେତୃତ୍ୱ ସମୟରେ ମଧ୍ୟ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ଏବଂ ଧମକ ଜାରି ରହିଥିଲା ।

# ଲିଜେଣ୍ଡସ୍ ଲିଗ୍ କ୍ରିକେଟ୍: କୋଣାର୍କ ସୂର୍ଯ୍ୟସ୍‌କୁ ହରାଇଲେ ଗୁପଟିଲ୍

ସୁରଟ,୨।୧୦(ସବ୍ୟୁ): ଲିଜେଣ୍ଡସ ଲିଗ୍ କ୍ରିକେଟରେ ପୁଣି ଧମାଲ କରିଛି ସର୍ଦ୍ଦନ ସୁପର ଷ୍ଟାର । ମାର୍ଟିନ୍ ଗୁପଟିଲଙ୍କ ଅପରାଜିତ ୧୩୧ରନ୍‌ର ଇନିଂସ୍ ଯୋଗୁଁ ସର୍ଦ୍ଦନ ସୁପର ଷ୍ଟାର କ୍ରମାଗତ ୫ମ ବିଜୟ ହାସଲ କରିଛି । କ୍ରମାଗତ ୨ଟି ମ୍ୟାଚ୍ ବର୍ଷା ଯୋଗୁଁ ଧୋଇଯିବା ପରେ ରଣାଗଙ୍ଗନକୁ ଓହ୍ଲାଇଥିଲା ସୂର୍ଯ୍ୟସ୍ ଦଳ । ଗତ ମାସ ୨୦ତାରିଖରେ ଡିଫେଣ୍ଡିଂ ଚାମ୍ପିଅନ ମଣିପାଲ ଟାଇଗର୍ସକୁ ୨ ରନ୍ ବ୍ୟବଧାନରେ ହରାଇ ଅଭିଯାନ ଆରମ୍ଭ କରିଥିଲା। ଏହାପରେ ସୁରଟରେ ୨ଟି ମ୍ୟାଚ୍ ବର୍ଷା ପାଇଁ ବାତିଲ ହେବା ସହ ପଏଣ୍ଟ ଭାଗ ହୋଇଥିଲା । ବୁଧବାର ଲାଲଭାଇ କଣ୍ଟ୍ରାକଟର ଷ୍ଟାଡିୟମରେ ଟେବୁଲ ଶୀର୍ଷ ଦଳ ସର୍ଦ୍ଦନ ସୁପର ଷ୍ଟାରକୁ ଭେଟିଥିଲା କୋଣାର୍କ ସୂର୍ଯ୍ୟସ୍ । ପ୍ରଥମେ ବ୍ୟାଟିଂ କରି ସୂର୍ଯ୍ୟସ୍ ରିଚାର୍ଡ ଲେଭିଙ୍କ ୨୧ ବଲରୁ ୬୩ରନ୍ ସହାୟତାରେ ୨୦ ଓଭରରେ ୯ ୱିକେଟ୍ ହରାଇ ୧୯୨ରନର ବିଶାଳ ସ୍କୋର କରିଥିଲା। ତେଣୁ ସର୍ଦ୍ଦନ ସୁପର ଷ୍ଟାର ସମ୍ମୁଖରେ ୧୯୩ରନ୍‌ର ଟାର୍ଗେଟ୍ ସେଟ୍ ହୋଇଥିଲା। ଏହି ବିଜୟ ଲକ୍ଷ୍ୟକୁ ସର୍ଦ୍ଦନ ସୁପର ଷ୍ଟାର ୧୬ ଓଭରରେ




୧୯୫/୨ରନ କରି ଅତି ସହଜରେ ଜିତିଯାଇଥିଲା। ଦଳ ବିଜୟରେ ମାର୍ଟିନ ଗୁପଟିଲଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ସେ ୫୪ ବଲରୁ ୧୩୧ରନ୍‌ର ଅପରାଜିତ ଇନିଂସ୍ ଖେଳିଦଳକୁ ଅବିଶ୍ୱାସନୀୟ ବିଜୟ ଭେଟି ଦେଇଥିଲେ। ସର୍ଦ୍ଦନ ସୁପର ଷ୍ଟାର ୫ ମ୍ୟାଚରୁ ୧୦ ପଏଣ୍ଟ ସହ ଟେବୁଲର ଶୀର୍ଷରେ ରହିଛି ।

କୋଣାର୍କ ସୂର୍ଯ୍ୟସ୍ ପକ୍ଷରୁ ଓପନର ରିଚାର୍ଡ ଲେଭି ୪ଟି ଛକା ଓ ୯ଟି ଚୌକା ମାରି ୬୩ରନ, ଜେସି ରାଇଡର ୧୮ରନ, କେଭିନ୍ ଓବ୍ରାଏନ୍




୯ରନ୍, ରସ୍ ଟେଲର ୪ରନ୍, ୟୁସୁଫ୍ ପଠାନ୍ ୩୩ରନ୍, ଇର୍ଫାନ୍ ପଠାନ୍ ୧୦ରନ୍, ମୁନାବୀରା ୧୬ରନ୍, ବିନୟ କୁମାର ୧୮ରନ୍ କରିଥିଲେ। ତେଣୁ ଦଳ ୧୯୨/୯ରନର ବିଶାଳ ସ୍କୋର କରିବାକୁ ସକ୍ଷମ ହୋଇଥିଲା । ବୋଲିଂରେ ସର୍ଦ୍ଦନ ପକ୍ଷରୁ ସୁବୋଧ ଭଟ୍ଟି ୩ଟି, ଚତୁରଙ୍ଗ ଡି ସିଲଭା ୨ଟି, ରଜାକ, ମୋନୁ କୁମାର ଓ ନେଗୀ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ।

୧୯୩ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରିଥିଲା ସର୍ଦ୍ଦନ ସୁପର ଷ୍ଟାର । ଓପନର ଶ୍ରୀଭଟ ଗୋସ୍ୱାମୀ ଓ ମାର୍ଟିନ୍ ଗୁପଟିଲ ପାଳି ଆରମ୍ଭ କରି ଦଳକୁ ଫ୍ଲାଇଙ୍ଗ୍ ଷ୍ଟାର୍ଟ ଦେଇଥିଲେ । ଏକାକୀ ଗୁପଟିଲ ୫୪ ବଲର ସମ୍ମୁଖୀନ ହୋଇ ୧୧ଟି ଛକା ଓ ୯ଟି ଚୌକା ସହାୟତାରେ ଅପରାଜିତ ୧୩୧ରନ କରି ସୂର୍ଯ୍ୟସ୍‌ର ବିଜୟ ଆଶାରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଭଟ ଗୋସ୍ୱାମୀ ୧୮ରନ, ହାସିଲଟନ୍ ମାସାକାଜା ୨୦ରନ, ପୱନ୍ ନେଗୀ ଅପରାଜିତ ୧୪ରନ କରି ମ୍ୟାଚ୍ ଶେଷ କରିଥିଲେ ।

# ଜାତୀୟ ହ୍ୱିଲଚେୟାର ରଗବୀରେ ଓଡିଶା ଚାମ୍ପିଅନ

ଭୁବନେଶ୍ୱର,୨।୧୦(ସବ୍ୟୁ): ମଧ୍ୟପ୍ରଦେଶର ଗ୍ୱାଲିୟର ରେ ଅନୁଷ୍ଠିତ ଜାତୀୟ ହୁଇଲ ଚେୟାର ରଗବୀ ଚାମ୍ପିଅନ୍‌ସିପ୍‌ରେ ଓଡ଼ିଶା ଚାମ୍ପିଅନ ହୋଇଛି । ସେମିଫାଇନାଲରେ କର୍ଣ୍ଣାଟକକୁ ୧୪/୦୪ ଗୋଲରେ ପରାସ୍ତ କରିଥିଲା । ଏହି ମ୍ୟାଚରେ ଆକାଶ ବଞ୍ଚର ସର୍ବାଧିକ ୫ ଟି, ସୁଜିତ ୩ଟି, ଓମ୍ ପ୍ରକାଶ ୩ଟି, ରୁଦ୍ର ନାରାୟଣ ୩ଟି ଗୋଲ କରିବାକୁ ଦଳ ସହଜ ବିଜୟ ସହ ଫାଇନାଲ୍‌ରେ ପ୍ରବେଶ କରିଥିଲା । ଫାଇନାଲ ମ୍ୟାଚରେ କେରଳକୁ ୨୮/୦୯ ସର୍ବାଧିକ ବ୍ୟବଧାନ ହରାଇ ଐତିହାସିକ ବିଜୟ ହାସଲ କରିଛି । ଏହି ମ୍ୟାଚରେ ସୁଜିତ୍ ୭ଟି, ଆକାଶ ୬ଟି, ଗୁମଦଝ ୫ଟି, ଓମ୍ ପ୍ରକଶ ୫, ଟି ରୁଦ୍ର ନାରାୟଣ ୩ଟି, ପ୍ରଶାନ୍ତ ୧ଟି, ଦେବଦତ୍ତ ୧ଟି ଗୋଲ କରିଥିଲେ । ଅନ୍ତର୍ଜାତୀୟ କୋଚ ସୁରେନ୍ଦ୍ର ଜେନା ଓ ବିଶ୍ୱଜିତ ସତପଥୀ ଓ ମ୍ୟାନେଜର ଉଦୟ ରାଉତ ଅକ୍ଲାନ୍ତ ପରିଶ୍ରମ ବଳରେ ଏହି ବିଜୟ ହାସଲ କରିଛି ।

ଅଭ୍ୟାସ ପାଇଁ କୌଣସି ଇଣ୍ଡୋର ଷ୍ଟାଡିୟମ ମିଳି ନଥିଲା । କିନ୍ତୁ ସେମାନେ




ଓଲଟପୁର୍ ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ଆବାସିକ କେନ୍ଦ୍ର ଗ୍ରାଉଣ୍ଡରେ ଅଭ୍ୟାସ କରୁଥିଲେ ବୋଲି ଦଳର ମ୍ୟାନେଜର ଉଦୟ ରାଉତ କହିଛନ୍ତି ।

ଏହି ବିଜୟ ପାଇଁ ପାରା ସ୍ପୋର୍ଟସ ଆସୋସିଏସନ ସଭାପତି କମଳା କାନ୍ତ ରଥ, ସମ୍ପାଦକ ଲୋକନାଥ ମହାନ୍ତି, କୋଷାଧକ୍ଷ ସୁନୀଲ ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି ।

# ରାଜ୍ୟ ଲନ ବଲ୍: ବଲାଙ୍ଗୀର ଦଳଗତ ବିଜେତା

ଭୁବନେଶ୍ୱର,୧।୧୦(ସବ୍ୟୁ): ଓଡ଼ିଶା ରାଜ୍ୟ ଲନବଲ୍ ପ୍ରତିଯୋଗିତାରର ଦ୍ୱିତୀୟ ସଂସ୍କରଣରେ ମଧ୍ୟ ବଲାଙ୍ଗୀର ବାଜିମାରିଛି । ବଲାଙ୍ଗୀର ଜିଲ୍ଲା ଦଳଗତ ବିଜେତା ହୋଇଥିବାବେଳେ ବଲାଙ୍ଗୀର କ୍ଲବ୍ ଉପବିଜେତା ହୋଇଛି । ସମସ୍ତ ୧୦ ଇଭେଣ୍ଟରେ ଏହି ଜିଲ୍ଲାର ଖେଳାଳି ପ୍ରାଧାନ୍ୟ ବିସ୍ତାର କରି ମୂଳପୋଛ ଭାବେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ବଲାଙ୍ଗୀର ଜିଲ୍ଲା ଦଳ ୭ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ବଲାଙ୍ଗୀର କ୍ଲବ୍ ୨ଟି ଓ ଜେଏସଏମ୍ ବଲାଙ୍ଗୀର ଗୋଟିଏ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଏହି ତିନି ବଲାଙ୍ଗୀର ଦଳ ମଧ୍ୟ ୫ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ଜିତିଛନ୍ତି । ମଙ୍ଗଳବାର ତୃତୀୟ ତଥା ଶେଷ ଦିବସରେ ମଧ୍ୟ ୫ ଇଭେଣ୍ଟର ଫାଇନାଲ୍ ଖେଳାଯାଇଥିଲା । ପୁରୁଷ ଏକକରେ ଜାତୀୟ କ୍ରୀଡ଼ା କାଂସ୍ୟ ବିଜେତା ଲଳିତ ଶର୍ମା ସ୍ୱର୍ଣ୍ଣ ପଦକ ବିଜେତା ହୋଇଥିବାବେଳେ ଢେଙ୍କାନାଳର ତାରିଣୀ ପ୍ରସାଦ ନାୟକ ରୌପ୍ୟ ଓ ସମ୍ବଲପୁରର ବିଜୟ କୁମାର ଦୋରା କାଂସ୍ୟ ଜିତିଥିଲେ । ପୁରୁଷ୍ ଫୋର୍ସରେ କେଳାସ ମାଝୀ, ନରସିଂହ ରାଣା, ପ୍ରମୋଦ ପଟେଲ୍, ଦିନେଶ କୁମାର ମହାନନ୍ଦ ବଲାଙ୍ଗୀରକୁ ସ୍ୱର୍ଣ୍ଣିମ ସଫଳତା ଦେଇଥିଲେ । ବଲାଙ୍ଗୀର୍ କ୍ଲବର ସ୍ୱସ୍ତିକ ସ୍ୱରୂପ ନାଏକ, ସୁଜ୍ଞାନେନ୍ଦ୍ର ଷଡ଼ଙ୍ଗୀ, ଶୋଭିତ କୁମାର ସାହୁ, ସିଦ୍ଧାର୍ଥ ଆର୍ଯ୍ୟନ ସାହୁ ରେପ୍ୟ ଏବଂ ଢେଙ୍କାନାଳର ଚନ୍ଦନ ସିଂହ, ବାଦଲ ବେହେରା, ରୁଦ୍ରନାରାୟଣ ପରିଡ଼ା, ସୁବ୍ରତ ପ୍ରଧାନ କାଂସ୍ୟ ପଦକ ଜିତିଥିଲେ ।

ମହିଳା ପେୟାର୍ସରେ ସାଇନା ନାଏକ, ରୋହିନୀ ନାଏକ(ବଲାଙ୍ଗୀର କ୍ଲବ୍), ଶ୍ୱେତଲୀନା ବକ୍ସି, ରୋଶନୀ ସାହୁ (ବଲାଙ୍ଗୀର), ସୀମା ମୁଣ୍ଡା, ରୁକ୍ମଣୀ ମୁଣ୍ଡା (ସମ୍ବଲପୁର କ୍ଲବ୍) ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ଜିତିଛନ୍ତି । ମହିଳା ଟ୍ରିପଲ୍ସରେ ବିଷ୍ଣୁପ୍ରିୟା ବହିଦାର, ରାଜେଶ୍ୱରୀ ସେଠ୍, ସୁନୟନା ବକ୍ସି (ବଲାଙ୍ଗୀର), ରୋନାଲି ସାହୁ, ଶ୍ରାବଣୀ ସେଠୀ, ଋତୁପର୍ଣ୍ଣା ପ୍ରଧାନ (ଢେଙ୍କାନାଳ) ଏବଂ ତବୁ ଛତ୍ରିଆ, ସନ୍ଧ୍ୟା ଶର୍ମା, ବାବି ପାତ୍ର (ବଲାଙ୍ଗୀର କ୍ଲବ୍) କ୍ରମାନ୍ୱୟରେ ଶୀର୍ଷ ୩ ସ୍ଥାନରେ ରହିଥିଲେ । ବାଳିକା ସିଙ୍ଗଲ୍ସରେ ଜେଏସ୍ଏମ୍ ବଲାଙ୍ଗୀରର କୁନି ପ୍ରତିଭା ଶ୍ୱେତା ଥେଲା, ସମ୍ବଲପୁରର ଲୀନା ହାରା, ବଲାଙ୍ଗୀର କ୍ଲବର ଶିଖା ରାଣୀ ପୋ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ଜିତିବାର ସୌଭାଗ୍ୟ ଅର୍ଜନ କରିଥିଲେ । ମଙ୍ଗଳବାର ସଂଧ୍ୟାରେ ପୁରସ୍କାର ପ୍ରଦାନ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା, ଓଏସଡି ସୋନାଲି ଚାନ୍ଦ, ସ୍ୱରୂପାନନ୍ଦ ବେହେରା, ଗୀତା ଦାସ, କ୍ଷଣପ୍ରଭା ମହାନ୍ତି, ଓଡ଼ିଶା ବାସ୍କେଟବଲ୍ ସଂଘ ସମ୍ପାଦକ ଅଶୋକ ସାହୁ, ଓଡ଼ିଶା ଅସିଚାଳନା ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ, କ୍ରୀଡ଼ା ବିଜ୍ଞାନୀ ସୌମିତ୍ର ମଣ୍ଡଳ, ଭାରତୀୟ ବୋଲିଂ ସଂଘ ବୈଷୟିକ ମୁଖ୍ୟ ନୀତୀନ ବାସ୍ୱାନି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

# ପୂର୍ବାଞ୍ଚଳ କରାଟେ ଓଡ଼ିଶାକୁ ୨୪ ପଦକ

ଭୁବନେଶ୍ୱର,୧।୧୦(ସବ୍ୟୁ): ବିହାରର ପାଟନା ଠାରେ ଅନୁଷ୍ଠିତ ୪ର୍ଥ ପୂର୍ବାଞ୍ଚଳ କରାଟେ ପ୍ରତିଯୋଗିତାରେ ଓଡ଼ିଶା ଦଳ ୧୨ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ , ୭ଟି ବ୍ରୋଞ୍ଜ ସହ ମୋଟ୍ ୨୪ଟି ପଦକ ହାସଲ କରିଛନ୍ତି। ଓଡ଼ିଶା ରାଜ୍ୟ କରାଟେ ଡୁ ସଂଘ ଆନୁକୂଲ୍ୟରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରି ୧୪ ଜଣ ପୁରୁଷ ଓ ୮ଜଣ ମହିଳା ଖେଳାଳି ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ । ଜାତୀୟ କରାଟେ ସଂଘ ସଭାପତି ଭରତ ଶର୍ମା ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପୂର୍ବାଞ୍ଚଳ କରାଟେ ସଂଘର ସଭାପତି ପ୍ରେମଜିତ ସେନ୍ ଓ ସମ୍ପାଦକ ପଙ୍କଜ କାମଲି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ରାଜ୍ୟ କରାଟେ ସଂଘ ତରଫରୁ କୃତି ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଯାଇଛି ।

# ରାଜ୍ୟ ସ୍ତରୀୟ ବନ ବିଭାଗ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ

ଅନୁଗୁଳ,୨।୧୦(ସବ୍ୟୁ): ସ୍ଥାନୀୟ ଫରେଷ୍ଟ ରେଞ୍ଜର୍ସ ଟ୍ରେନିଂ କଲେଜଠାରେ ୨ ଦିନିଆ ରାଜ୍ୟ ସ୍ତରାୟ ବନ ବିଭାଗ କ୍ରୀଡା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ଓଡିଶା ବନଖଣ୍ଡ ଉନ୍ନୟନ ନିଗମ (ଓଏଫ୍‌ଡିସି) ପରିଚାଳନା ନିର୍ଦ୍ଦେଶକ ସୁରେଶ ପନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଆଞ୍ଚଳିକ ମୁଖ୍ୟ ବନ ସରଂକ୍ଷକ ସୁଧାଂଶୁ ଶେଖର ଖରା, ବନ ସରଂକ୍ଷକ କାର୍ଷିକ ଭି ଓ ଫରେଷ୍ଟ ରେଞ୍ଜର୍ସ ଟ୍ରେନିଂ କଲେଜର ନିର୍ଦ୍ଦେଶକ ସଂଗ୍ରାମ କେଶରୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ପ୍ରତିଯୋଗିତାରେ ଅନୁଗୋଳ, ବ୍ରହ୍ମପୁର, ନବରଙ୍ଗପୁର ଓ ସମ୍ବଲପୁର ଜୋନର ପ୍ରାୟ ୩୭୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ପ୍ରଥମ ଦିନରେ




୪୦୦, ୮୦୦,୧୫୦୦, ୧୦ହଜାର ମିଟର ୱାକ, ୧୦୦, ୨୦୦, ୪୦୦, ୮୦୦ ଓ ୫୦୦୦ ମିଟର ରେସ୍, ସଟ ଫୁଟ୍ ଓ ଡିସକସ୍ ଥ୍ରୋ, ହାଇଜମ୍ପ, ବ୍ୟାଡମିଟନ, ଟେବୁଲ ଟେନିସ୍, ସନ୍ତ ରଣ ଭଳି ୨୧ଟି ଇଭେଣ୍ଟରେ ପ୍ରତିଯୋଗିତା ରହିଛି । ସେହିପରି ୨ୟ ଦିନରେ ୨୫ କି.ମି ମାରାଥନ, ୧୫୦୦ ମିଟର ରେସ୍, ୪୦୦ ମିଟର ରିଲେ ଭଳି ମୋଟ ୮ ଗୋଟି ଇଭେଣ୍ଟର ପ୍ରତିଯୋଗିତା କାର୍ଯ୍ୟକ୍ରମ ରହିଛି । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବନଖଣ୍ଡ ଅଧିକାରୀ ନିତିଶ କୁମାର, ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଠ, ବିଭିନ୍ନ ବନଖଣ୍ଡର କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ ।


## ସୂଚନା

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।











Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି। **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି